ନବ ଇତିହାସ

ଦ୍ୱିତୀୟ ଭାଗ

Digitized by PPRACHIN, SOA

ଓଡ଼ିଶା ଶିକ୍ଷା ବିଭାଗର ୪-୧୨-୧୯୫୨ ତାରିଖର (G. O. No. 8311)

ପ୍ରାଥମିକ ସ୍କୁଲମାନଙ୍କ ପାଇଁ ଉଦ୍ଦିଷ୍ଟ ପରିବର୍ତ୍ତିତ ସିଲାବସ

ଅନୁଯାୟୀ ଲିଖିତ

ନବ ଇତିହାସ

ଦ୍ୱିତୀୟ ଭାଗ

(ପଞ୍ଚମ ଶ୍ରେଣୀ ନିମନ୍ତେ)

ଲେଖକଗଣ—

ଶ୍ରୀ ଲୋକନାଥ ନନ୍ଦ

ଶ୍ରୀ କାଶୀନାଥ ନାୟକ

ଅଧ୍ୟାପକ ଶ୍ରୀଧର ଦାସ ଏମ୍. ଏ. ଓ. ଇଡ଼,

ନୂତନ ସଂସ୍କରଣ

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ ଲି:

ବ୍ରହ୍ମପୁର   କଟକ   ସମ୍ବଲପୁର

ମୂଲ୍ୟ ଆଠଅଣା   ଅତିରିକ୍ତ ଦୁଇଅଣା

Digitized by PPRACHIN, SOA

ସୂଚୀପତ୍ର

ବିଷୟ	ପୃଷ୍ଠା
୧। ବାବର	୧
୨। ହୁମାୟୁନ	୪
୩। ଶେରଶାହ	୬
୪। ଆକବର	୭
୫। ମୁକୁନ୍ଦଦେବ	୧୩
୬। ଜାହାଙ୍ଗୀର	୧୬
୭। ଶାହାଜାହାନ	୨୦
୮। ଆଓରଙ୍ଗଜେବ	୨୩
୯। ମରହଟ୍ଟା ଜାତି ଓ ଶିବାଜୀ	୨୬
୧୦। ଶିଖ ଜାତି ଓ ଗୁରୁ ଗୋବିନ୍ଦସିଂହ	୩୩
୧୧। ଓଡ଼ିଶାରେ ମୋଗଲ ରାଜୁତି	୩୫
୧୨। ଓଡ଼ିଶାରେ ମରହଟ୍ଟା ରାଜତ୍ୱ	୩୬
୧୩। ନାଦର ଶାହ	୩୭
୧୪। ଭାରତରେ ଗୋରା ବେପାରୀ	୪୦
୧୫। କ୍ଲାଇବ ଓ ଡୁପ୍ଲେ	୪୨
୧୬। ସିରାଜଉଦ୍ଦୌଲା ଓ ପଲାସୀ ଯୁଦ୍ଧ	୪୫
୧୭। ତୃତୀୟ କର୍ଣ୍ଣାଟ ସମର	୪୭
୧୮। ଗଭର୍ଣ୍ଣରମାନଙ୍କ ଶାସନ	୫୨
୧୯। ଇଂରେଜଙ୍କ ଓଡ଼ିଶା ଅଧିକାର ଓ ଖୋରଧା ରାଜାଙ୍କ ବିଦ୍ରୋହ	୬୦
୨୦। ଭାଇସରଏ ରାଜୁତି	୭୬
୨୧। ଶାସନ ପ୍ରଣାଳୀ	୯୧
୨୨। ସ୍ୱାୟତ୍ତ ଶାସନ	୯୭

Digitized by PPRACHIN, SOA

ନବ ଇତିହାସ

ଦ୍ୱିତୀୟ ଭାଗ

ପ୍ରଥମ ଅଧ୍ୟାୟ

ମୋଗଲ ରାଜତ୍ୱ—ବାବର

ବାବରଙ୍କ ବାଲ୍ୟ ଜୀବନ—ଭାରତର ଉତ୍ତରପଶ୍ଚିମ ଦିଗରେ ଫରଗନା ବୋଲି ଗୋଟିଏ ଛୋଟ ରାଜ୍ୟରେ ଓମାର ଶେଖ ମିର୍ଜା ନାମକ ଜଣେ ରାଜା ଥିଲେ । ସେ ଜାତିରେ ମୋଗଲ ଥିଲେ । ସମରକନ୍ଦ ଏହି ଫରଗନା ରାଜ୍ୟର ରାଜଧାନୀ ଥିଲା । ୧୪୮୨ ଖ୍ରୀଷ୍ଟାବ୍ଦରେ ଓମାର ଶେଖଙ୍କର ଗୋଟିଏ ପୁତ୍ର ଜନ୍ମିଲା । ସେ ପିଲାଟିର ନାମ ଦେଲେ—ବାବର । ତାଙ୍କ ଭାଷାରେ ବାବର ଶବ୍ଦର ଅର୍ଥ 'ସିଂହ' । ବାବରଙ୍କୁ ଏଗାର ବର୍ଷ ବେଳେ ତାଙ୍କ ପିତା ମରିଗଲେ । ବାବର ରାଜା ହେଲେ । ମାତ୍ର ତାଙ୍କର ଆତ୍ମୀୟମାନେ ଶତ୍ରୁତା କରି ତାଙ୍କୁ ରାଜ୍ୟରୁ ତଡ଼ିଦେଲେ ।

ଭାରତ ଆକ୍ରମଣର କାରଣ—ବାବର ରାଜ୍ୟ ହରାଇ ଏଣେ ତେଣେ ବୁଲିଲେ । ପୈତୃକ ରାଜ୍ୟ ଫେରି ପାଇବାକୁ ସେ ଅନେକ

Digitized by PPRACHIN, SOA

[ବାବର]

ଚେଷ୍ଟାକଲେ । ଥରେ ସେ ଶତ୍ରୁମାନଙ୍କୁ ଜିଣି ରାଜ୍ୟକୁ ଫେରିଲେ; ମାତ୍ର ବେଶି ଦିନ ସିଂହାସନରେ ରହିପାରିଲେ ନାହିଁ । ଏହି ସମୟରେ କାବୁଲର ସୁଲତାନ ମରିଗଲେ । ବାବର କେତେକ ସୈନ୍ୟ ସଂଗ୍ରହ କରି କାବୁଲ ଅଧିକାର କରି ସେଠାରେ ରାଜା ହେଲେ । ଏଥି ପୂର୍ବରୁ ତୈମୁରଲଙ୍ଗ ନାମକ ବାବରଙ୍କର ଜଣେ ପୂର୍ବପୁରୁଷ ଭାରତ ଆକ୍ରମଣ କରି ଅନେକ ଧନରତ୍ନ ବୋହି ନେଇଯାଇଥିଲେ । ବାବର ଭାବିଲେ—ମୋର ପୂର୍ବ ପୁରୁଷ ଯାହା କରିଥିଲେ, ମୁଁ କାହିଁକି ତାହା କରିପାରିବି ନାହିଁ ? ନିଶ୍ଚୟ ମୁଁ ଭାରତ ଅଧିକାର କରିବି ।

ସୁବର୍ଣ୍ଣ ସୁଯୋଗ—ସେ ସମୟରେ ଭାରତରେ ଅନେକ ଛୋଟ ରାଜ୍ୟ ଥିଲା । ଇବ୍ରାହିମ୍ ଲୋଦି ଦିଲ୍ଲୀରେ ରହି ଶାସନ କରୁଥିଲେ, ମାତ୍ର ସେ ଅତ୍ୟାଚାରୀ ଥିବାରୁ କେହି ତାଙ୍କୁ ଭଲ ପାଉ ନ ଥିଲେ । ତାଙ୍କୁ ଦିଲ୍ଲୀଗାଦିରୁ ତଡ଼ିବାପାଇଁ ଅନେକ ରାଜା ଓ କର୍ମଚାରୀ ଚେଷ୍ଟା କରୁଥିଲେ । ସେମାନଙ୍କ ମଧ୍ୟରୁ ପଞ୍ଜାବର ଶାସନକର୍ତ୍ତା ଦୌଲତ ଖାଁ ବାବରଙ୍କୁ ଦିଲ୍ଲୀ ଆକ୍ରମଣ କରିବାକୁ ଗୋପନରେ ଚିଠି ପଠାଇଲେ ।

ପ୍ରଥମ ପାନିପଥ ଯୁଦ୍ଧ—ବାବର ପ୍ରକୃତରେ ସିଂହ ପରି ସାହସୀ ଥିଲେ । ଭାରତ ଜୟ କରିବାକୁ ତାଙ୍କର ପ୍ରବଳ ଇଚ୍ଛା ଥିଲା । ଏବେ ଦୌଲତ ଖାଁଙ୍କ ଚିଠି ପାଇ ସେ ସୈନ୍ୟ ଯୋଗାଡ଼ କରି ପ୍ରଥମେ ଭାରତ ଆକ୍ରମଣ କଲେ । ଦୌଲତ ଖାଁ ତାଙ୍କୁ

Digitized by PPRACHIN, SOA

ସାହାଯ୍ୟ କଲେ । ବାବର କେତେ ଅଞ୍ଚଳ ଦଖଲ କରି ନିଜର ଶାସନ ଚଳାଇଲେ । ଦୌଲତ ଖାଁ ଭାବିଥିଲେ ଯେ, ବାବର କିଛି ଧନ ନେଇ ପଳାଇବେ ଓ ସେ ରାଜା ହେବେ । ମାତ୍ର ବାବର ନିଜେ ରାଜା ହେବାକୁ ଚେଷ୍ଟା କରୁଥିବାର ଦେଖି ଦୌଲତ ଖାଁ ଆଉ ତାଙ୍କୁ ସାହାଯ୍ୟ ଦେଲେ ନାହିଁ । ତେଣୁ ବାବର ଫେରିଗଲେ । ପ୍ରାୟ ବର୍ଷକ ପରେ ସେ ପ୍ରକାଣ୍ଡ ସୈନ୍ୟ ବଳ ନେଇ ଭାରତ ଆକ୍ରମଣ କଲେ । ୧୫୨୬ ଖ୍ରୀଷ୍ଟାବ୍ଦରେ ପାନିପଥଠାରେ ବାବର ଓ ଇବ୍ରାହିମ୍‌ଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ବାବର ସହଜରେ ଏହି ପ୍ରଥମ ପାନିପଥ ଯୁଦ୍ଧରେ ଜୟୀ ହୋଇ ଦିଲ୍ଲୀ ଓ ଆଗ୍ରା ଅଧିକାର କଲେ ଏବଂ ଦିଲ୍ଲୀ ସିଂହାସନରେ ବସି ରାଜ୍ୟଶାସନ କଲେ ।

ସଂଗ୍ରାମସିଂହ—ଏହି ସମୟରେ ରାଜପୁତମାନେ ବଡ଼ ଯୋଦ୍ଧା ଥିଲେ । ରାଜପୁତମାନଙ୍କ ମଧ୍ୟରେ ମିବାରର ରାଣା ସଂଗ୍ରାମସିଂହ ସବୁଠାରୁ ବଡ଼ ପ୍ରତାପଶାଳୀ ବୀର ଥିଲେ । ବିଦେଶର ଜଣେ ଆସି ଦିଲ୍ଲୀରେ ରାଜା ହେବ, ଏକଥା ସେ ସହି ପାରିଲେ ନାହିଁ । ବାବରଙ୍କୁ ତଡ଼ିବା ପାଇଁ ସେ ଅନ୍ୟାନ୍ୟ ରାଜପୁତମାନଙ୍କୁ ମିଳାଇ ତାଙ୍କ ସଙ୍ଗେ ଲଢ଼ିଲେ । ଫତେପୁର ସିକ୍ରିଠାରେ ଗୋଟିଏ ପ୍ରବଳ ଯୁଦ୍ଧ ହେଲା । ରାଜପୁତମାନେ ଖୁବ୍ ସାହସରେ ଲଢ଼ିଲେ; ମାତ୍ର ଶେଷରେ ହାରିଗଲେ । ବାବର ଏଣିକି ନିଶ୍ଚିନ୍ତରେ ରାଜା ହୋଇ ରହିଲେ ଓ କ୍ରମେ ଆପଣା ରାଜ୍ୟକୁ ବଢ଼ାଇଲେ ।

ବାବରଙ୍କ ମୃତ୍ୟୁ—୧୫୩୦ ଖ୍ରୀଷ୍ଟାବ୍ଦରେ ବାବରଙ୍କ ମୃତ୍ୟୁ ହେଲା । ତାଙ୍କ ମୃତ୍ୟୁ ବିଷୟରେ ଶୁଣାଯାଏ ଯେ ତାଙ୍କର ପୁଅ ହୁମାୟୁନ୍ ଭୀଷଣ ରୋଗରେ ପଡ଼ିଥିଲେ । ବୈଦ୍ୟମାନେ କହିଲେ ଯେ ତାଙ୍କ ଜୀବନର ଆଶା ନାହିଁ । ବାବରଙ୍କୁ ଜଣେ ସାଧୁ କହିଲେ, "ଆପଣ-

Digitized by PPRACHIN, SOA

ଙ୍କର ସବୁଠାରୁ ମୂଲ୍ୟବାନ ଜିନିଷ ଭଗବାନଙ୍କୁ ସମର୍ପଣ କରି ପ୍ରାର୍ଥନା କଲେ ସେ ଆପଣଙ୍କ ପୁତ୍ରର ଜୀବନ ରକ୍ଷା କରିପାରନ୍ତି ।” କେହି କେହି ମୂଲ୍ୟବାନ୍ କୋହିନୂର ହୀରାକୁ ଭଗବାନଙ୍କ ନାମରେ ଉତ୍ସର୍ଗ କରିବାକୁ ପରାମର୍ଶ ଦେଲେ; ମାତ୍ର ବାବର କହିଲେ, “ମୋ ପକ୍ଷରେ ସବୁଠାରୁ ମୂଲ୍ୟବାନ୍ ହେଉଛି ମୋର ଜୀବନ । ମୁଁ ତାହାହିଁ ଭଗବାନଙ୍କୁ ଦେବି ।” ସେ ହୁମାୟୁନ୍‌ଙ୍କ ଶଯ୍ୟାର ଚାରିପଟେ ବୁଲି ଭଗବାନଙ୍କୁ ପ୍ରାର୍ଥନା କଲେ—“ପ୍ରଭୋ, ମୋର ଜୀବନ ନେଇ ହୁମାୟୁନ୍‌ର ଜୀବନ ରକ୍ଷା କରନ୍ତୁ ।” ସେହିଦିନଠାରୁ ହୁମାୟୁନ୍ ଭଲ ହେବାକୁ ଲାଗିଲେ ଓ ବାବର ରୋଗରେ ପଡ଼ିଲେ । ହୁମାୟୁନ୍ ପୂର୍ଣ୍ଣ ଆରୋଗ୍ୟ ହୋଇ ଉଠିଲା ବେଳକୁ ବାବରଙ୍କ ମୃତ୍ୟୁ ଘଟିଲା ।

ହୁମାୟୁନ୍

ହୁମାୟୁନ୍‌ଙ୍କ ଶତ୍ରୁ—ବାବରଙ୍କ ମୃତ୍ୟୁ ପରେ ହୁମାୟୁନ୍ ୧୫୩୦ ଖ୍ରୀଷ୍ଟାବ୍ଦରେ ସିଂହାସନରେ ବସିଲେ । ତାଙ୍କର ଆଉ ତିନି ଭାଇ ଥିଲେ । ହୁମାୟୁନ୍ ସେମାନଙ୍କୁ ଖଣ୍ଡିଏ ଲେଖାଁଏ ଛୋଟ ରାଜ୍ୟ ଦେଇ ନିଜେ ଦିଲ୍ଲୀ ସିଂହାସନରେ ବସିଲେ; କିନ୍ତୁ ଭାଇମାନେ ଏଥିରେ ସନ୍ତୁଷ୍ଟ ନ ହୋଇ ସବୁବେଳେ ତାଙ୍କର ଶତ୍ରୁତା କରୁଥିଲେ । ହୁମାୟୁନ୍ ଜ୍ଞାନୀ ଲୋକ ଥିଲେ ଓ ପଢ଼ାଶୁଣାରେ ଅନେକ ସମୟ କଟାଉଥିଲେ । କିନ୍ତୁ ମଦ ଖାଇ ମଉଜ ମଜଲିସ୍ କରିବା ତାଙ୍କର ପ୍ରଧାନ ଦୋଷ ଥିଲା । ଏହି ସମୟରେ ଗୁଜରାଟର ମୁସଲମାନ ରାଜା ବାହାଦୁର ଶାହ ଓ ବିହାରର ଜଣେ ମୁସଲମାନ ସର୍ଦ୍ଦାର ଶେର୍‌ସାହ ତାଙ୍କର ଘୋର ଶତ୍ରୁ ହୋଇ ଉଠିଲେ । ହୁମାୟୁନ ବାହାଦୁର ଶାହଙ୍କୁ ଜବତ କରିବା ପାଇଁ ଗୁଜରାଟ

Digitized by PPRACHIN, SOA

ଗଲେ । ସେ ଗୁଜରାଟରେ ଥିବାର ସୁଯୋଗ ନେଇ ଶେରସାହ ବିହାରରେ ବିଦ୍ରୋହ ଆରମ୍ଭ କରିଦେଲେ । ହୁମାୟୁନ୍ ଏ ଖବର ପାଇ ବାହାଦୂର ଶାହଙ୍କୁ ଦମନ ନ କରି ଶେରସାହଙ୍କ ସଙ୍ଗେ ଲଢ଼ିବାକୁ ଚାଲିଆସିଲେ । ଶେରସାହଙ୍କ ସଙ୍ଗେ ତାଙ୍କର ଦୁଇଥର ଯୁଦ୍ଧ ହେଲା ଏବଂ ଦୁଇଥର ଯାକ ହୁମାୟୁନ୍ ହାରିଗଲେ । ତେଣେବାହାଦୁର ଶାହ ମଧ୍ୟ ନିଜର ବଳପରାକ୍ରମ ବଢ଼ାଇଲେ । ହୁମାୟୁନ୍‌ଙ୍କର କାମରାନ୍ ନାମକ ଜଣେ ଭାଇ ପଞ୍ଜାବର ଶାସନକର୍ତ୍ତା ଥିଲେ ।

[ହୁମାୟୁନ୍]

ସେ ମଧ୍ୟ ହୁମାୟୁନ୍‌ଙ୍କ ବିରୁଦ୍ଧରେ ମାତି ଉଠିଲେ । ଫଳରେ ହୁମାୟୁନ୍ ରାଜ୍ୟ ହରାଇ କୌଣସି ମତେ ପ୍ରାଣ ଘେନି ପଳାଇଲେ । ଶେରସାହ ଅନେକ ରାଜ୍ୟ ଜିଣି ପ୍ରାୟ ପାଞ୍ଚବର୍ଷ ପର୍ଯ୍ୟନ୍ତ ରାଜତ୍ୱ କଲେ ।

ହୁମାୟୁନ୍‌ଙ୍କର ଶେଷଜୀବନ—ଏଣେ ହୁମାୟୁନ ପଳାଇଯାଇ ପାରସ୍ୟ ରାଜାଙ୍କ ଆଶ୍ରୟରେ ରହିଲେ ଓ କିଛି କାଳ ପରେ ତାଙ୍କଠାରୁ ସୈନ୍ୟ ସାହାଯ୍ୟ ପାଇ ସେ ପ୍ରଥମେ କାମରାନ୍‌ଙ୍କଠାରୁ କାବୁଲ ରାଜ୍ୟ ଅଧିକାର କରିନେଲେ । ଏଥି ମଧ୍ୟରେ ଶେର ସାହଙ୍କର ମୃତ୍ୟୁ ହୋଇ ଯାଇଥିଲା । ଆଉ କେହି ପ୍ରବଳ ପଠାଣ ରାଜା ନଥିଲେ । ହୁମାୟୁନ୍ ଏହି ସୁଯୋଗ ଦେଖି ୧୫୫୫ ଖ୍ରୀଷ୍ଟାବ୍ଦରେ ପୁଣି ଦିଲ୍ଲୀ ଅଧିକାର କରିନେଲେ । ମାତ୍ର ବର୍ଷକ ପରେ ତାଙ୍କର ମୃତ୍ୟୁ ଘଟିଲା ।

Digitized by PPRACHIN, SOA

ଶେରଶାହ

ଶେରଶାହ ବିହାର ପ୍ରଦେଶର ସସାରାମ ସହରରେଥିବା ଅଫଗାନ ଜାତିର ଜଣେ ଜମିଦାରଙ୍କ ପୁତ୍ର । ତାଙ୍କର ପିଲାଦିନ ନାମ ଥିଲା ଫରିଦ୍ ଖାଁ । ସେ ସାବତ ମାଆର ଦାଉ ସମ୍ଭାଳି ନ ପାରି ଜୌନପୁରକୁ ପଳାଇଗଲେ । ସେ ସେଠାରେ ପାଠପଢ଼ି ପାରସୀ ଭାଷାରେ ବଡ଼ ପଣ୍ଡିତ ହୋଇଗଲେ । ତତ୍ପରେ ସେ ବିହାରର ନବାବଙ୍କ ଅଧୀନରେ ଚାକିରି କଲେ । ଥରେ ନବାବ ଶିକାର କରୁଥିବା ବେଳେ ତାଙ୍କୁ ଗୋଟିଏ ମହାବଳ ବ୍ୟାଘ୍ର ଆକ୍ରମଣ କରିବାକୁ ଆସିଲା । ଫରିଦ୍ ଖାଁ ବ୍ୟାଘ୍ରକୁ ତରବାରିରେ ମାରି ଦେଇଥିଲେ ବୋଲି ନବାବ ତାଙ୍କ ନାଁ ଶେରଖାଁ ଦେଲେ (ଶେର୍ ଶବ୍ଦର ଅର୍ଥ ବାଘ) । ଶେର ଖାଁ ନବାବଙ୍କ କୃପାରୁ ସେନା ବିଭାଗରେ ଚାକିରି କଲେ । ଏହା ପରେ ଚୁନାରଗଡ଼ର ବିଧବା ରାଣୀ ଶେରଖାଁଙ୍କ ଗୁଣରେ ମୁଗ୍ଧ ହୋଇ ତାଙ୍କୁ ବିବାହ କଲେ ।

ଶେରଙ୍କର ରାଜ୍ୟ ବିସ୍ତାର—କେତେକ ଦିନପରେ ଶେର କିଛି ସେନା ସଂଗ୍ରହ କରି ବିହାର ରାଜାଙ୍କୁ ପରାଜିତ କଲେ ଓ ତାଙ୍କ ରାଜ୍ୟ ମାଡ଼ି ବସିଲେ । ତେଣୁ ବିହାରର ରାଜା ବଙ୍ଗର ସୁଲତାନଙ୍କ ସାହାଯ୍ୟ ନେଲେ । ଶେର ଖାଁ ଏ କଥା ଜାଣିପାରି ବଙ୍ଗର ନବାବଙ୍କୁ ପରାସ୍ତ କରି ବଙ୍ଗ ଅଧିକାର କରି ନେଲେ । ବଙ୍ଗରେ କିଛି ଦିନ ପରେ ସେ ରୋହତାସ୍‌ଗଡ଼ ନାମକ ଦୁର୍ଭେଦ୍ୟ ଦୁର୍ଗ ଆକ୍ରମଣ କରି ଅତି ସହଜରେ ତାହା ଅଧିକାର କରିନେଲେ । ଦିଲ୍ଲୀର ଦୁର୍ବଳ ମୋଗଲ ସମ୍ରାଟ ହୁମାୟୁନ୍ ଗୁଜରାଟରେ ଥିଲାବେଳେ ଶେରଶାହ ତାଙ୍କ ବିରୁଦ୍ଧରେ ଉଠିଲେ । ହୁମାୟୁନ୍ ଏ କଥା ଜାଣିପାରି ବଙ୍ଗଳା ଆଡ଼କୁ ପଳାଇଲେ । ଶେରଶାହ ତାଙ୍କ ପଛେ

Digitized by PPRACHIN, SOA

ପଛେ ବଙ୍ଗଳାକୁ ଆସି ଜଙ୍ଗଲରେ ଲୁଚି ରହିଲେ । ସେ ବର୍ଷା-ଋତୁରେ ବଙ୍ଗଳା ଆକ୍ରମଣ କଲେ । ସେତେବେଳେ ହୁମାୟୁନ୍ ବଡ଼ ମଜଲିସରେ ଦିନ କାଟୁଥାନ୍ତି ।

ହୁମାୟୁନ୍ ଦିଲ୍ଲୀକୁ ଫେରିଲା ବେଳେ ଚୌସାଠାରେ ଶେରଖାଁ ତାଙ୍କ ସଙ୍ଗେ ଭାରି ଲଢ଼େଇ କରି ତାଙ୍କୁ ପରାସ୍ତ କଲେ । ତା ପର-ବର୍ଷ କନୌଜଠାରେ ହୁମାୟୁନ ପୁଣି ପରାସ୍ତ ହୋଇ ପଳାଇଲେ ।

ଶେରଖାଁ ସମ୍ରାଟ ହେଲେ—ଶେରଖାଁ ଶେରଶାହ ନାମ ଧରି ଦିଲ୍ଲୀର ସମ୍ରାଟ ହେଲେ । ସେ କ୍ରମେ କ୍ରମେ ଉତ୍ତର ଭାରତର ସବୁ ରାଜ୍ୟ ଆକ୍ରମଣ କଲେ । ସେ ପାଞ୍ଚବର୍ଷ ରାଜୁତି କରିଥିଲେ । କାଲିଞ୍ଜର ଦୁର୍ଗ ଅଧିକାର କଲାବେଳେ ୧୫୪୫ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଶାସନ ନୀତି—ସେ ହିନ୍ଦୁ ଓ ମୁସଲମାନ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କରୁଥିଲେ । ସେ ବଙ୍ଗଳାରୁ ପେଶବାର ପର୍ଯ୍ୟନ୍ତ ଗୋଟିଏ ବଡ଼ ରାସ୍ତା ପକାଇଥିଲେ ଓ କେତେକ ମଦ୍ରାସା ଓ ବିଦ୍ୟା-ଳୟ ବସାଇଥିଲେ । ତାଙ୍କ ସମୟରେ ନୂଆ ଡାକଘର ବସିଥିଲା । ଘୋଡ଼ା ସବାର ଦ୍ୱାରା ଚିଠି ପତ୍ର ସବୁ ଯିବା ଆସିବା କରୁଥିଲା । ସେ ଜମିବାଡ଼ି ବନ୍ଦୋବସ୍ତ କରି ପଟ୍ଟା, କବୁଲିୟତ ଦେବା ପ୍ରଥା ଚଳାଇଥିଲେ । ପ୍ରଜାମାନେ ଟଙ୍କା ଆକାରରେ ବା ଫସଲ ଆକାରରେ ଖଜଣା ଦେଉଥିଲେ ।

ଆକବର

ଆକବରଙ୍କ ପିଲାଦିନ—ଶେରଶାହଙ୍କ ସଙ୍ଗେ ଯୁଦ୍ଧରେ ହାରିଯାଇ ହୁମାୟୁନ୍ ପାରସ୍ୟକୁ ପଳାଇ ଯାଉଥିବା ବେଳେ ସିନ୍ଧୁ ପ୍ରଦେଶର ଅମରକୋଟଠାରେ ତାଙ୍କର ଗୋଟିଏ ପୁଅ ଜନ୍ମ ହେଲା । ଏହି ପୁଅଟିର ନାମ ଆକବର । ହୁମାୟୁନ୍ କୌଣସି ଉପାୟ

Digitized by PPRACHIN, SOA

ନ ଦେଖି ଆପଣା ସ୍ତ୍ରୀ ଓ ଶିଶୁ ପୁତ୍ରଟିକୁ କାମରାନ୍‌ଙ୍କ ପାଖରେ ଛାଡ଼ି ପାରସ୍ୟକୁ ଚାଲିଗଲେ । କାମରାନ୍ ହୁମାୟୁନ୍‌ଙ୍କୁ ଆଦୌ ଭଲ ପାଉ ନ ଥିଲେ । ତେଣୁ ଆକବରଙ୍କର ସେ କୌଣସି ଯତ୍ନ ନେଉ ନ ଥିଲେ । ଶିକ୍ଷା ଦୀକ୍ଷା ତ ଦୂରର କଥା; ଖାଇପିଇ ସୁଖରେ ଚଳିବାର ସୁବିଧା ମଧ୍ୟ ସେ ପାଇ ପାରି ନ ଥିଲେ ।

ଦ୍ୱିତୀୟ ପାନିପଥ ଯୁଦ୍ଧ—ହୁମାୟୁନ୍‌ଙ୍କ ମୃତ୍ୟୁବେଳକୁ ଆକବର ଚଉଦ ବର୍ଷର ବାଳକ ମାତ୍ର । ବୈରାମ ଖାଁ ନାମକ ଜଣେ ବିଶ୍ୱାସୀ ଲୋକ ତାଙ୍କର ମୁରବୀ ଥିଲେ । ଆକବର ଦିଲ୍ଲୀ ଅଧିକାର କରିବାକୁ ଆସନ୍ତେ ହିମୁ ନାମକ ଜଣେ ହିନ୍ଦୁ ସେନାପତି ପାନିପଥଠାରେ ତାଙ୍କ ସଙ୍ଗେ ଯୁଦ୍ଧ କଲେ । ଆକବର ବାଳକ ହେଲେ ମଧ୍ୟ ନିଜେ ତାଙ୍କ ସଙ୍ଗେ ଯୁଦ୍ଧ ଚଳାଇଲେ । ଶେଷରେ ହିମୁ ପରାସ୍ତ ହେଲେ ଓ ବନ୍ଦୀ ହୋଇ ଆକବରଙ୍କ ପାଖକୁ ନିଆଗଲେ । ଆକବର ତାହାଙ୍କୁ ନ ମାରି କେବଳ ତାଙ୍କ ମୁଣ୍ଡରେ ଖଣ୍ଡାଟି ଛୁଆଁଇଦେଲେ । ମାତ୍ର ବୈରାମ ଖାଁ ହିମୁଙ୍କୁ ହାଣି ମାରି ପକାଇଲେ । ଏହି ଯୁଦ୍ଧ ୧୫୫୬ ଖ୍ରୀଷ୍ଟାବ୍ଦରେ ହୋଇଥିଲା ଓ ଏହାକୁ ଦ୍ୱିତୀୟ ପାନିପଥ ଯୁଦ୍ଧ କହନ୍ତି ।

[ଆକବର]

ବୈରାମ ଖାଁଙ୍କ ଶେଷ ଜୀବନ—ଆକବର ଦିଲ୍ଲୀ ସିଂହାସନରେ ବସିଲେ ସତ; ମାତ୍ର ପ୍ରକୃତରେ ବୈରାମ ଖାଁ ରାଜ୍ୟର

Digitized by PPRACHIN, SOA

ମାଲିକ ହେଲେ । ବେଳେ ବେଳେ ବୈରାମ ଖାଁଙ୍କ କାର୍ଯ୍ୟ ଆକବରଙ୍କୁ ଭଲ ଲାଗୁ ନ ଥିଲା । ତେଣୁ ସେ ବୈରାମ ଖାଁଙ୍କୁ ମକ୍‌କାକୁ ତୀର୍ଥ କରିଯିବା ବାହାନାରେ ରାଜ୍ୟରୁ ତଡ଼ି ଦେଲେ ଓ ନିଜେ ଶାସନ କ୍ଷମତା ଚଳାଇଲେ । ବୈରାମ ମକ୍‌କା ଯାଉଥିବା ବେଳେ ବାଟରେ ଜଣେ ମୁସଲମାନ ତାଙ୍କୁ ହତ୍ୟା କରିଥିଲା ।

ଆକବର ଓ ରାଜପୁତ ଜାତି—ଆକବର ପାଠ ପଢ଼ି ନ ଥିଲେ ସତ; ମାତ୍ର ସେ ବଡ଼ କୌଶଳୀ ଓ ବୁଦ୍ଧିମାନ ଥିଲେ । ଭାରତର ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରି କେହି ଶାନ୍ତିରେ ରାଜତ୍ୱ କରି ପାରିବ ନାହିଁ ବୋଲି ସେ ଜାଣିଥିଲେ । ତେଣୁ ସେ ହିନ୍ଦୁମାନଙ୍କ ପ୍ରତି ଭଲ ବ୍ୟବହାର ଦେଖାଉଥିଲେ । ରାଜପୁତମାନେ ହିନ୍ଦୁମାନଙ୍କ ମଧ୍ୟରେ ସବୁଠାରୁ ସାହସୀ ଓ ବୀର ଜାତି ଥିଲେ । ତେଣୁ ସେମାନଙ୍କ ସଙ୍ଗେ ସେ ବନ୍ଧୁ ପରି ବ୍ୟବହାର କଲେ । ବଡ଼ ବଡ଼ ରାଜପୁତ ସର୍ଦ୍ଦାରମାନଙ୍କୁ ସେ ଉଚ୍ଚ କାର୍ଯ୍ୟମାନ ଦେଲେ । ସେ ନିଜେ ଜଣେ ରାଜପୁତ ରାଜାଙ୍କ ଝିଅ ଯୋଧବାଈଙ୍କୁ ବିବାହ କରିଥିଲେ । ତାଙ୍କ ପୁଅଙ୍କୁ ମଧ୍ୟ ରାଜପୁତ କନ୍ୟାଙ୍କ ସଙ୍ଗେ ବିବାହ କରାଇଥିଲେ । ଏପରି କରିବା ଦ୍ୱାରା ଅଧିକାଂଶ ରାଜପୁତ ରାଜ୍ୟ ତାଙ୍କର ବଶ ହୋଇ ରହିଲେ ଓ ରାଜପୁତ ବୀରମାନେ ତାଙ୍କୁ ପ୍ରାଣପଣେ ସାହାଯ୍ୟ କଲେ ।

ରାଣା ପ୍ରତାପ—ଅନେକ ରାଜପୁତ ରାଜା ଆକବରଙ୍କ ଅଧୀନ ହୋଇଥିଲେ ମଧ୍ୟ ମିବାରର ରାଣା ପ୍ରତାପ ରାଜପୁତ-ମାନଙ୍କର ଏ ପ୍ରକାର ଅଧୀନତାକୁ ଘୃଣା କରୁଥିଲେ । ଯେଉଁ ରାଜପୁତମାନେ ମୋଗଲଙ୍କ ସହିତ ନିଜର କନ୍ୟାମାନଙ୍କୁ ବିବାହ

Digitized by PPRACHIN, SOA

[ରାଣା ପ୍ରତାପ]

ଦେଇଥିଲେ, ପ୍ରତାପ ସେମାନଙ୍କ ସଙ୍ଗେ ଖିଆପିଆ କରୁ ନ ଥିଲେ । ଆକବର ପ୍ରତାପଙ୍କୁ ଅଧୀନ କରିବାକୁ ନାନା ଚେଷ୍ଟା କରି ଅସଫଳ ହେଲେ । ଶେଷରେ ତାଙ୍କୁ ଆୟତ୍ତ କରିବାକୁ ମିବାରର ରାଜଧାନୀ ଚିତୋର ଆକ୍ରମଣ କଲେ । ପ୍ରକାଣ୍ଡ ମୋଗଲ ସେନା ନିକଟରେ ପ୍ରତାପଙ୍କର ସୈନ୍ୟମାନେ ହାରିଗଲେ । ଆକବର ଚିତୋର ଅଧିକାର କରିନେଲେ; କିନ୍ତୁ ପ୍ରତାପ ତାଙ୍କର ଅଧୀନ ନ ହୋଇ ସ୍ତ୍ରୀ ପିଲାଙ୍କୁ ଘେନି ପଳାଇ ଗଲେ ଓ ଉଦୟପୁରରେ ରହିଲେ । ତାଙ୍କୁ ବହୁତ କଷ୍ଟ ସହିବାକୁ ହୋଇଥିଲା । ତାଙ୍କର ପ୍ରତିଜ୍ଞା ଥିଲା, ପିଣ୍ଡରେ ପ୍ରାଣ ଥିବା ଯାଏ ମୋଗଲଙ୍କ ନିକଟରେ ମୁଣ୍ଡ ନୁଆଁଇବେ ନାହିଁ । ପ୍ରକୃତରେ ସେ ସେହି ପ୍ରତିଜ୍ଞା ରକ୍ଷା କରିଥିଲେ । ପ୍ରତାପ ମରିବା ପର୍ଯ୍ୟନ୍ତ ମୋଗଲଙ୍କ ଅଧୀନ ହୋଇ ନ ଥିଲେ । ତାଙ୍କ ପରି ଦେଶପ୍ରେମୀ ଜଗତରେ ଅଳ୍ପ ଦେଖା ଯାଆନ୍ତି ।

Digitized by PPRACHIN, SOA

ହିନ୍ଦୁମାନଙ୍କ ସାହାଯ୍ୟ ପାଇବାରୁ ଅକବରଙ୍କ ରାଜତ୍ୱ ଶାନ୍ତିପୂର୍ଣ୍ଣ ଥିଲା । ତେଣୁ ସେ ଉତ୍ତର ଓ ଦକ୍ଷିଣ ଭାରତରେ ବହୁଦୂର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରି ପାରିଥିଲେ ।

ରାଣୀ ଦୁର୍ଗାବତୀ—ଗଡ଼ମଣ୍ଡଳ ବୋଲି ଗୋଟିଏ ଧନଶାଳୀ ରାଜ୍ୟ ଥିଲା । ସେ ରାଜ୍ୟର ରାଜା ନାବାଳକ ଥିବାରୁ ତାଙ୍କର ବିଧବା ମାଆ ଦୁର୍ଗାବତୀ ରାଜ୍ୟ ଚଳାଉଥିଲେ । ଅକବର ଏହି ରାଜ୍ୟ ଅଧିକାର କରିବା ଆଶାରେ ଆସଫ ଖାଁଙ୍କୁ ସେନାପତି କରି ପଠାଇଲେ । ଆସଫ୍ ଖାଁ ଗଡ଼ମଣ୍ଡଳ ଆକ୍ରମଣ କଲେ । ଦୁର୍ଗାବତୀ ନିଜେ ଘୋଡ଼ାରେ ଚଢ଼ି ସୈନ୍ୟ ସାମନ୍ତ ନେଇ ଆସଫ ଖାଁଙ୍କ ସଙ୍ଗେ ଯୁଦ୍ଧ କଲେ । ଏହି ଯୁଦ୍ଧରେ ଦୁର୍ଗାବତୀ ବଡ଼ ସାହସ ଓ ବୀରତ୍ୱ ଦେଖାଇ ମଧ୍ୟ ହାରି ଯାଇଥିଲେ । ଶତ୍ରୁ ହାତରେ ପଡ଼ି ବନ୍ଦୀ ହେବାଠାରୁ ସ୍ୱାଧୀନ ଭାବରେ ମରିବା ଭଲ ବୋଲି ବିଚାରି ସେ ଯୁଦ୍ଧ ଭୂମିରେ ନିଜ ଛାତିରେ ଖଣ୍ଡା ଭୁସିଦେଇ ପ୍ରାଣ ହରାଇଥିଲେ । ଏହାପରେ ଗଡ଼ମଣ୍ଡଳ ଅକବରଙ୍କ ଅଧୀନ ହୋଇଗଲା ।

ଚାନ୍ଦ ବିବି—ଦାକ୍ଷିଣାତ୍ୟରେ ଅହମଦନଗରର ରାଜା ମରିଯିବାରୁ ଜଣେ ନାବାଳକ ରାଜା ହେଲେ । ସେ ବଡ଼ ହୋଇ ନିଜେ ରାଜ୍ୟ ବୁଝିବା ପର୍ଯ୍ୟନ୍ତ ତାଙ୍କର ପିଉସୀ ମୁରବୀ ରୂପେ ରହିଲେ । ଏହାଙ୍କର ନାମ ଚାନ୍ଦବିବି । ସେତେବେଳେ ଅହମଦ-ନଗରର ଅବସ୍ଥା ବଡ଼ ଖରାପ ଥିଲା । ରାଜ୍ୟରେ ଦୁଇଟି ଦଳ ରହି ପରସ୍ପରର ଅନିଷ୍ଟ ଚିନ୍ତା କରୁଥିଲେ । ଦଳେ ଚାନ୍ଦବିବିଙ୍କୁ ସାହାଯ୍ୟ କଲା ବେଳକୁ ଆଉ ଦଳେ ତାଙ୍କର ଶତ୍ରୁତା କରୁଥିଲେ । ଅକବର ଏହା ଜାଣି ପାରି ଅହମଦନଗର ଆକ୍ରମଣ କରିବାକୁ ନିଜ ପୁଅ ମୁରାଦଙ୍କୁ ପଠାଇଲେ । ଚାନ୍ଦବିବି ପୁରୁଷ ବେଶରେ ଖଣ୍ଡା ଧରି

Digitized by PPRACHIN, SOA

ମୁରାଦଙ୍କ ବିରୁଦ୍ଧରେ ନିଜେ ଯୁଦ୍ଧ ଚଳାଇଥିଲେ । ମୋଗଲ ସୈନ୍ୟମାନେ ଅହମଦନଗର ଦୁର୍ଗରେ ପ୍ରବେଶ କରିବା ପାଇଁ ତୋପ ଦ୍ୱାରା କାନ୍ଥର ଗୋଟିଏ ଅଂଶ ଭାଙ୍ଗି ପକାଇଲେ । ମାତ୍ର ଅତି ଅଳ୍ପ ସମୟ ମଧ୍ୟରେ ଚାନ୍ଦବିବି ତାହା ମରାମତି କରାଇ ଦେଇଥିଲେ ଓ କୌଶଳରେ ଯୁଦ୍ଧ କରି ଶତ ଶତ ଶତ୍ରୁଙ୍କୁ ନାଶ କରିଥିଲେ । ମୋଗଲମାନେ ମଧ୍ୟ ତାଙ୍କ ବୀରତ୍ୱର ପ୍ରଶଂସା କରିଥିଲେ । ଜଣେ ଅବିଶ୍ୱାସୀ କର୍ମଚାରୀର ଚକ୍ରାନ୍ତ ଫଳରେ ଚାନ୍ଦବିବି ନିହତ ହୋଇଥିଲେ ।

ସେ ସମୟରେ ଓଡ଼ିଶା—ଅକବରଙ୍କ ସମୟରେ ଓଡ଼ିଶା ମୋଗଲ ସାମ୍ରାଜ୍ୟର ଅଧୀନ ହୋଇଥିଲା । ତାଙ୍କର ସେନାପତି ମାନସିଂହ ଓଡ଼ିଶାକୁ ଆସି ରାଜ୍ୟ ଶାସନର ଅନେକ ସୁବନ୍ଦୋବସ୍ତ କରି ଯାଇଥିଲେ ।

ଆକବରଙ୍କ ଶାସନ—ଅକବର ପାଠ ନ ପଢ଼ି ମଧ୍ୟ ବିଚକ୍ଷଣ ଶାସକ ଥିଲେ । ଗୁଣୀ ଲୋକେ ତାଙ୍କଠାରୁ ଆଦର ପାଉ ଥିଲେ । ତାଙ୍କ ସଭାରେ ଅନେକ ପ୍ରସିଦ୍ଧ ଲୋକ ଥିଲେ । ସେମାନଙ୍କ ମଧ୍ୟରୁ ଐତିହାସିକ ଅବୁଲ ଫଜଲ, ରାଜସ୍ୱ ମନ୍ତ୍ରୀ ତୋଡ଼ର ମଲ୍ଲ, ସେନାପତି ମାନସିଂହ, ସଙ୍ଗୀତଜ୍ଞ ତାନ୍‌ସେନ ଓ ବିଦୂଷକ ବୀର-ବଲଙ୍କ ନାମ ଭାରତ ଇତିହାସରେ ବିଖ୍ୟାତ ।

ସୁଶାସନ ଲାଗି ଅକବର ତାଙ୍କ ରାଜ୍ୟକୁ କେତୋଟି ସୁବାରେ ବିଭକ୍ତ କରିଥିଲେ । ପ୍ରତି ସୁବାର ଶାସନ ଜଣେ ସୁବାଦାରଙ୍କ ଅଧୀନ ଥିଲା । ସୁବାଦାରଙ୍କ ଅଧୀନରେ ଦେବାନ୍ ସୁବାର ଆୟ ବ୍ୟୟ ହିସାବ ବୁଝୁଥିଲେ । ଦେଶରେ ଶାନ୍ତିରକ୍ଷା ଲାଗି କଟୁଆଲ

Digitized by PPRACHIN, SOA

ଦାରୋଗା ପ୍ରଭୃତି କର୍ମଚାରୀମାନେ ରହୁଥିଲେ । ବିଚାର କାର୍ଯ୍ୟ କାଜୀମାନଙ୍କ ଉପରେ ଦିଆ ଯାଇଥିଲା । ବନ୍ଦୋବସ୍ତ କରାଯାଇ ଜମିର ଖଜଣା ଧାର୍ଯ୍ୟ ହୋଇଥିଲା । ଲୋକେ ବେଶ୍ ସୁଖ ଶାନ୍ତିରେ ରହୁଥିଲେ ।

ଆକବରଙ୍କ ଧର୍ମମତ—ଧର୍ମ ବିଷୟରେ ଅକବର ବଡ଼ ଉଦାର ଥିଲେ । ସେ ମୁସଲମାନ ଥିଲେହେଁ ଅନ୍ୟ ଧର୍ମର ଲୋକଙ୍କୁ ଘୃଣା କରୁ ନ ଥିଲେ । ହିନ୍ଦୁ ଓ ଖ୍ରୀଷ୍ଟିୟାନ ଧର୍ମ ଶାସ୍ତ୍ର ବିଷୟ ମଧ୍ୟ ସେ ଶୁଣିବାକୁ ଭଲ ପାଉଥିଲେ । ବେଳେ ବେଳେ ସେ ହିନ୍ଦୁ-ମାନଙ୍କ ପରି ପୋଷାକ ପିନ୍ଧୁଥିଲେ । ସବୁ ଧର୍ମର ସାର କଥାକୁ ମିଳାଇ ସେ ଗୋଟିଏ ନୂଆ ଧର୍ମ ଚଳାଇବାକୁ ଚେଷ୍ଟା ମଧ୍ୟ କରି ଥିଲେ । ଏହି ଧର୍ମକୁ 'ଦୀନଇଲାହି' କୁହାଯାଉଥିଲା ।

ମୁକୁନ୍ଦଦେବ (୧୫୫୯-୧୫୬୮ ଖ୍ରୀଷ୍ଟାବ୍ଦ)

ମୁକୁନ୍ଦ ହରିଚନ୍ଦନ—ଅକବର ଦିଲ୍ଲୀର ସମ୍ରାଟ ଥିଲା-ବେଳେ ମୁକୁନ୍ଦଦେବ ଓଡ଼ିଶାରେ ରାଜତ୍ୱ କରୁଥିଲେ । ତାଙ୍କର ପ୍ରକୃତ ନାମ ମୁକୁନ୍ଦ ହରିଚନ୍ଦନ । ସେ ରାଜପୁତ୍ର ନ ଥିଲେ । ତେଲେଙ୍ଗା ଦେଶରୁ ଆସି ସେ ପ୍ରଥମେ ଓଡ଼ିଶା ରାଜାଙ୍କ ସୈନ୍ୟ ବିଭାଗରେ ଚାକିରି କରିଥିଲେ । ବୁଦ୍ଧି ଓ ସାହସ ଗୁଣରେ ସେ ଓଡ଼ିଶାର ସେନାପତି ପଦ ପାଇଥିଲେ । ସେ ସମୟର ରାଜା ଗୋବିନ୍ଦ ଦେବ ତାଙ୍କୁ ବଡ଼ ବିଶ୍ୱାସ କରୁଥିଲେ ଏବଂ ଗୋବିନ୍ଦ ଦେବ ଦୂରକୁ ଯୁଦ୍ଧ କରି ଗଲାବେଳେ ସେ ରାଜ୍ୟ ବୁଝା ସୁଝା କରୁଥିଲେ ।

Digitized by PPRACHIN, SOA

ମୁକୁନ୍ଦ ହରିଚନ୍ଦନ ମୁକୁନ୍ଦ ଦେବ ହେଲେ—

ଗୋବିନ୍ଦ ଦେବଙ୍କ ମୃତ୍ୟୁ ପରେ ଓଡ଼ିଶାର ସିଂହାସନ ଲାଗି କଳହ ଲାଗିଲା । ଗୋବିନ୍ଦ ଦେବଙ୍କର ଜଣେ ଭଣଜା ଥିଲେ, ତାଙ୍କ ନାମ ରଘୁନାଥ ଛୋଟରାୟ । ସେ କୌଶଳ କରି ସିଂହାସନରେ ବସିଲେ; ମାତ୍ର ଦେଶରେ ଅରାଜକତା ବଢ଼ିଲା । ତହୁଁ ମୁକୁନ୍ଦ ହରିଚନ୍ଦନ ତାଙ୍କୁ ବନ୍ଦୀ କରି ମୁକୁନ୍ଦଦେବ ନାମ ଧାରଣ କରି ୧୫୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ସିଂହାସନରେ ବସିଲେ ।

[ମୁକୁନ୍ଦ ଦେବ]

ମୁକୁନ୍ଦ ଦେବ ଓ ଆକବର—ମୁକୁନ୍ଦ ଦେବଙ୍କ ପୂର୍ବରୁ ମୁସଲମାନମାନେ ଅନେକ ଥର ଓଡ଼ିଶା ଆକ୍ରମଣ କରି ପରାସ୍ତ ହୋଇ ଯାଇଥିଲେ । ମୁକୁନ୍ଦ ଦେବଙ୍କ ସମୟରେ ବଙ୍ଗଳାରେ ସୁଲେମାନ କରାଣୀ ନାମରେ ଜଣେ ନବାବ ଥିଲେ । ସେ ଦିଲ୍ଲୀର ସମ୍ରାଟ ଆକବରଙ୍କୁ ମାନୁ ନ ଥିଲେ । ତେଣୁ ତାଙ୍କୁ ଜୟ କରିବା ପାଇଁ ଆକବର ମୁକୁନ୍ଦଦେବଙ୍କ ସାହାଯ୍ୟ ଲୋଡ଼ିଲେ । ସେ ତାଙ୍କ ଦରବାରର ବିଖ୍ୟାତ ଓଡ଼ିଆ ସଙ୍ଗୀତଜ୍ଞ ଗାୟକରତ୍ନ ମହାପାତ୍ରଙ୍କ ସଙ୍ଗରେ ହାସାନ୍ ଖାଁଙ୍କୁ ଏହି ଉଦ୍ଦେଶ୍ୟରେ ମୁକୁନ୍ଦ ଦେବଙ୍କ ନିକଟକୁ ପଠାଇଲେ । ମୁକୁନ୍ଦ ଦେବ ଆକବରଙ୍କୁ

Digitized by PPRACHIN, SOA

ଜଣାଇଲେ ଯେ, ଅବଶ୍ୟକ ବେଳେ ସେ ସୈନ୍ୟ ସାମନ୍ତ ଦେଇ ତାଙ୍କୁ ସାହାଯ୍ୟ କରିବେ । ସୁଲେମାନ୍ କରାଣୀ ଆଗରୁ ମୁକୁନ୍ଦ ଦେବଙ୍କ ବଳ ପରାକ୍ରମ କଥା ଜାଣିଥିଲେ । ସେ ଆକବରଙ୍କୁ ସାହାଯ୍ୟ କରିବାକୁ ସ୍ୱୀକୃତ ଥିବାର ଜାଣିପାରି ସୁଲେମାନ୍ ଭୟ ପାଇଲେ । ତହୁଁ ସେ ଆକବରଙ୍କ ନିକଟକୁ ମୂଲ୍ୟବାନ ଉପହାରମାନ ପଠାଇ ତାଙ୍କର ଅଧୀନତା ସ୍ୱୀକାର କଲେ; କିନ୍ତୁ ମନେ ମନେ ତାଙ୍କର ସବୁ ରାଗ ମୁକୁନ୍ଦ ଦେବଙ୍କ ଉପରେ ରହିଲା ।

ସୁଲେମାନଙ୍କ ଓଡ଼ିଶା ଆକ୍ରମଣ—ଏହି ସମୟରେ ଦଳେ ମୁସଲମାନ ଦକ୍ଷିଣଆଡ଼ୁ ଓଡ଼ିଶା ଆକ୍ରମଣ କଲେ । ଏହା ଦେଖି ସୁଲେମାନ୍ ବଙ୍ଗଳାରୁ ଓଡ଼ିଶା ଆକ୍ରମଣ କରିବାର ଚେଷ୍ଟା କଲେ । ମୁକୁନ୍ଦ ଦେବ ଏହି ଦୁଇଆଡ଼ୁ ଆକ୍ରମଣରେ ମଧ୍ୟ ସାହସ ହରାଇଲେ ନାହିଁ । ସେ ପ୍ରଥମେ ଦକ୍ଷିଣଆଡ଼ୁ ମାଡ଼ି ଆସୁଥିବା ମୁସଲମାନମାନଙ୍କୁ ହଟାଇ ଦେଇ ଉତ୍ତରଆଡ଼ୁ ଆସୁଥିବା ସୁଲେମାନଙ୍କ ସୈନ୍ୟମାନଙ୍କୁ ପରାସ୍ତ କଲେ । ମୁକୁନ୍ଦଦେବ ସେମାନଙ୍କ ପଛେ ପଛେ ଗଙ୍ଗା କୂଳ ପର୍ଯ୍ୟନ୍ତ ଗୋଡ଼ାଇ ଗଲେ ।

ଅଭିଶପ୍ତ କଳାପାହାଡ଼—ଏହି ସମୟରେ ସାରଙ୍ଗଗଡ଼ର ରାଜା ରାମଚନ୍ଦ୍ର ଦେବ ବିଦ୍ରୋହ କରି ବାରବାଟୀ ଦୁର୍ଗ ଅଧିକାର କଲେ । ଗଙ୍ଗାକୂଳରେ ମୁକୁନ୍ଦଦେବ ଏ ସମ୍ବାଦ ପାଇ ଓଡ଼ିଶାକୁ ଫେରି ଆସିଲେ । ସେ ପୁଣି ବାରବାଟୀ ଦୁର୍ଗ ଅଧିକାର କରି ନେଇ ସାରଙ୍ଗଗଡ଼ ଆକ୍ରମଣ କଲେ । ଦୁର୍ଭାଗ୍ୟକୁ ଓଡ଼ିଶାର କେତେକ ଶ୍ରେଷ୍ଠ ରାଜା ମୁକୁନ୍ଦ ଦେବଙ୍କର ବିରୋଧୀ ଥିଲେ । ସେମାନେ ସୁଲେମାନଙ୍କୁ ଏ ସମ୍ବାଦ ଦେବାରୁ ସେ ଓଡ଼ିଶା ଆକ୍ରମଣ କରିବାକୁ ତାଙ୍କ ଜ୍ୱାଇଁ କଳାପାହାଡ଼କୁ ଓଡ଼ିଶାକୁ ପଠାଇଲେ । ଏଣେ ସାରଙ୍ଗ-ଗଡ଼ରେ ଯୁଦ୍ଧ କରି କରି ମୁକୁନ୍ଦ ଦେବଙ୍କର ମୃତ୍ୟୁ ହେଲା । କଳା-

Digitized by PPRACHIN, SOA

ପାହାଡ଼ ବାରବାଟୀ ଦୁର୍ଗ ଅଧିକାର କଲା ଏବଂ ଦେଶରେ ନାନା ଅତ୍ୟାଚାର କଲା । ମୁକୁନ୍ଦ ଦେବଙ୍କ ବିଧବା ରାଣୀ କଳାପାହାଡ଼କୁ ସନ୍ତୁଷ୍ଟ କରିବା ପାଇଁ ଅନେକ ଧନ ରତ୍ନ ଦେଇଥିଲେ । ସେଥିପାଇଁ ଆମ ଦେଶରେ କଥା ରହିଛି—

ଅଇଲା କଳାପାହାଡ଼ ଭାଙ୍ଗିଲା ଲହାର ବାଡ଼
ପିଇଲା ମହାନଦୀର ପାଣି,
ସୁବର୍ଣ୍ଣ ଥାଳୀରେ ହାର ପରଶିଲେ
ମୁକୁନ୍ଦ ଦେବଙ୍କ ରାଣୀ ।

ମୁକୁନ୍ଦ ଦେବ ଓଡ଼ିଶାର ଶେଷ ସ୍ୱାଧୀନ ରାଜା । ତାଙ୍କ ଅନ୍ତେ ଓଡ଼ିଶା ମୁସଲମାନଙ୍କର ଅଧୀନ ହୋଇ ରହିଲା ।

ମୁକୁନ୍ଦ ଦେବ ଜଣେ ପରାକ୍ରାନ୍ତ ବୀର ଓ ଉତ୍ତମ ଶାସକ ଥିଲେ । ସେ ଅନେକ ଗ୍ରାମ ବସାଇ ବ୍ରାହ୍ମଣମାନଙ୍କୁ ଦାନ ଦେଇଥିଲେ । ବାରବାଟୀ ଗଡ଼ ମଧ୍ୟରେ ସେ ନଅ ମହଲାର କୋଠା ତୋଳାଇ ଥିଲେ । ଦେଶର ଶତ୍ରୁମାନଙ୍କୁ ଦମନ କରିବା ଲାଗି ସେ ପ୍ରାଣ ପଣେ ଚେଷ୍ଟା କରିଥିଲେ; ମାତ୍ର ଦେଶ ମଧ୍ୟରେ ବିଦ୍ରୋହ ଘଟିବାରୁ ଓଡ଼ିଶା ପରାଧୀନ ହୋଇଥିଲା ।

ଜାହାଙ୍ଗୀର

ଆକବରଙ୍କ ଶେଷ ଜୀବନ ଦୁଃଖରେ କଟିଥିଲା । ତାଙ୍କର ତିନି ପୁଅ ମଧ୍ୟରୁ ଦୁଇଜଣ ମରିଯାଇଥିଲେ । ବୃଦ୍ଧ ବୟସରେ ଏକ ମାତ୍ର ପୁଅ ସଲିମ୍ ତାଙ୍କର ଆଶା ଓ ଆଶ୍ୱାସନା ଥିଲେ । କିନ୍ତୁ ସଲିମ୍ ରାଜା ହେବାକୁ ବ୍ୟାକୁଳ ହୋଇ ବିଦ୍ରୋହ କଲେ । ଆକବର ତାଙ୍କୁ ଦଣ୍ଡ

Digitized by PPRACHIN, SOA

ନ ଦେଇ ନାନା ପ୍ରକାରେ ବୁଝାଇ କ୍ଷମା ଦେଇଥିଲେ । ଏହି ଘଟଣାର ଅଳ୍ପ ଦିନ ପରେ ଆକବରଙ୍କର ମୃତ୍ୟୁ ହେବାରୁ ସଲିମ୍ ଜାହାଙ୍ଗୀର ନାମ ଧାରଣ କରି ଦିଲ୍ଲୀ ସିଂହାସନରେ ବସିଲେ ।

ଆକବର ରାଜତ୍ୱ କରୁଥିବା ସମୟରେ ତାଙ୍କର ଜଣେ କର୍ମଚାରୀ ନିଜର ପାଳିତା କନ୍ୟାଟିକୁ ନେଇ ଆକବରଙ୍କ ଦରବାରକୁ ଯାଇଥିଲେ । ଏହି କନ୍ୟାଟିର ନାମ ମେହେରୁନ୍ନିସା । ସେ ଦେଖିବାକୁ ଅପୂର୍ବ ସୁନ୍ଦରୀ ଥିଲା । ତାକୁ ଦେଖି ସଲିମ୍ ବିବା-

[ଜାହାଙ୍ଗୀର]

ହେବାକୁ ଇଚ୍ଛାକଲେ । ଆକବରଙ୍କ କାନକୁ ଏକଥା ଗଲା । ସେ ଭାବିଲେ, ମୁଁ ଦିଲ୍ଲୀର ସମ୍ରାଟ । ମୋ ପୁଅ ମୋ ଅନ୍ତେ ସମ୍ରାଟ ହେବ । ସେ ଏପରି ଗୋଟାଏ ଅଜଣା ଅଶୁଣା ଝିଅକୁ ବିଭା ହେଲେ ତାଙ୍କର ସମ୍ମାନରେ ବାଧା ପଡ଼ିବ । ତେଣୁ ସେ ମେହେରୁନ୍ନିସାକୁ ଶେର ଆଫଗାନ୍ ବୋଲି ବଙ୍ଗଳାର ଜଣେ ଜମିଦାରଙ୍କ ସଙ୍ଗେ ବିବାହ କରାଇ ଦେଲେ ଏବଂ ସଲିମ୍‌ଙ୍କୁ ମଧ୍ୟ ଉପଯୁକ୍ତ କନ୍ୟା ଦେଖି ବିବାହ କରାଇ ଦେଲେ । ଏହିପରି କିଛି ଦିନ ଗଲା ।

Digitized by PPRACHIN, SOA

ଆକବର ୧୬୦୫ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ । ଜାହାଙ୍ଗୀର ସିଂହାସନରେ ବସିଲା ପରେ ମେହେରୁନ୍ନିସାଙ୍କୁ ପାଇବା ଲାଗି ପୁଣି ଚେଷ୍ଟା କଲେ । ସେ କୌଶଳରେ ଶେର୍ ଅଫଗାନଙ୍କୁ ମରାଇ ଦେଲେ ଏବଂ ମେହେରୁନ୍ନିସା ଓ ତାଙ୍କ ଜ୍ୟେଷ୍ଠ ଝିଅକୁ ଦିଲ୍ଲୀକୁ ଅଣାଇ ରାଜପ୍ରାସାଦରେ ରଖିଲେ । ଜାହାଙ୍ଗୀର ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ କଲେ; ମାତ୍ର ସେଥିରେ ସେ ରାଜି ହେଲେ ନାହିଁ । ସେ ଶେର ଅଫଗାନ୍‌ଙ୍କୁ ଝୁରି ଝୁରି ଦିନ କଟାଉଥିଲେ ।

ଏହିପରି ଛଅ ବର୍ଷ ଯିବାପରେ ମେହେରୁନ୍ନିସା ଜାହାଙ୍ଗୀରଙ୍କୁ ବିବାହ ହେଲେ । ଜାହାଙ୍ଗୀର ତାଙ୍କୁ ନୂତନ ନାମ ଦେଲେ ନୂରଜାହାନ; ଅର୍ଥାତ୍ ସଂସାରର ଜ୍ୟୋତି । ଏଣିକି ନୂରଜାହାନ ନିଜ ହାତରେ ରାଜ୍ୟର ସବୁ କ୍ଷମତା ରଖିଲେ । ଜାହାଙ୍ଗୀର ସମ୍ରାଟ ଥିଲେ ସତ, କିନ୍ତୁ ନୂରଜାହାନଙ୍କ ପରାମର୍ଶ ନନେଇ ସେ କିଛି କରୁ ନ ଥିଲେ । ନୂରଜାହାନଙ୍କ ବାପା, ଭାଇ ଓ ବନ୍ଧୁ ବାନ୍ଧବମାନେ ରାଜ୍ୟରେ ବଡ଼ ବଡ଼ ରାଜକାର୍ଯ୍ୟ ପାଇଲେ । ଜାହାଙ୍ଗୀରଙ୍କ ପୂର୍ବ ରାଣୀଙ୍କର ପୁଅଙ୍କ ନାମ ସାହାଜାହାନ । ଜାହାଙ୍ଗୀରଙ୍କ ଅନ୍ତେ ସେ କପରି ରାଜା ହୋଇ ନ ପାରିବେ ସେଥିପାଇଁ ଗୋଟାଏ କୌଶଳ କଲେ ।

[ନୂରଜାହାନ]

Digitized by PPRACHIN, SOA

ଜାହାଙ୍ଗୀରଙ୍କର ଆଉ ଗୋଟିଏ ପୁଅର ନାମ ସାହାରିଆର । ନୂରଜାହାନ ଏହି ସାହାରିଆରଙ୍କ ସଙ୍ଗେ ନିଜ ଝିଅର ବିବାହ କରାଇ ଦେଲେ । ତାଙ୍କର ଆଶା ଥିଲା ଯେ, ସ୍ୱାମୀଙ୍କ ଅନ୍ତେ ଜ୍ୱାଇଁ ରାଜା ହେବ ।

ସାହାଜାହାନ ଏ ସବୁ କୌଶଳ ଜାଣିପାରି ଦାକ୍ଷିଣାତ୍ୟକୁ ପଳାଇ ଗଲେ ଓ ପିତାଙ୍କ ବିରୁଦ୍ଧରେ ଲୋକଙ୍କୁ ମତାଇଲେ । ୧୬୨୭ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀରଙ୍କର ମୃତ୍ୟୁ ହେବାରୁ ସାହାଜାହାନ ଦାକ୍ଷିଣାତ୍ୟରୁ ଆସି ଦିଲ୍ଲୀ ଅଧିକାର କଲେ । ନୂରଜାହାନଙ୍କର ଆଉ କ୍ଷମତା ରହିଲା ନାହିଁ । ଆପଣା ଜ୍ୱାଇଁ ସାହାରିଆରଙ୍କୁ ଗାଦିରେ ରଖି ନିଜେ ରାଜ୍ୟର ସର୍ବେସର୍ବା ହେବେ ବୋଲି ତାଙ୍କର ଯେଉଁ ଆଶା ଥିଲା, ତାହା ଉଭେଇ ଗଲା ।

ଜାହାଙ୍ଗୀରଙ୍କ ଅମଳରେ ଇଂଲଣ୍ଡ ରାଣୀଙ୍କଠାରୁ ସନନ୍ଦ ଆଣି ଗୋଟିଏ ଇଂରେଜ ବଣିକ ଦଳ ପ୍ରଥମେ ଭାରତରେ ବାଣିଜ୍ୟ କରିବାକୁ ଆସିଥିଲେ । ଦୁଇଜଣ ଇଂରେଜ ଦୂତ ଜାହାଙ୍ଗୀରଙ୍କ ଦରବାରକୁ ଆସି ଏହି ବଣିକ ଦଳଙ୍କ ସକାଶେ ଭାରତରେ ବାଣିଜ୍ୟ କରିବାର ଅନୁମତି ପାଇଥିଲେ । ଇଂରେଜ ବେପାରିମାନେ କିପରି ଅଳ୍ପେ ଅଳ୍ପେ ଭାରତରେ କ୍ଷମତା ବଢ଼ାଇ ଶେଷରେ ଭାରତ ଅଧିକାର କରିଥିଲେ, ତାହା ପରେ ଜାଣିବ ।

ଶାହାଜାହାନ

ଶାହାଜାହାନ ଗାଦିରେ ବସି ନୂରଜାହାନଙ୍କୁ କିଛି ଭତ୍ତା ଦେଇ ତାଙ୍କଠାରୁ ସମସ୍ତ କ୍ଷମତା କାଢ଼ିନେଲେ । ଶାହାଜାହାନଙ୍କ ପରି ବିଳାସୀ ଓ ଆଡ଼ମ୍ବର ପ୍ରିୟ ଅନ୍ୟ କୌଣସି ରାଜା ଭାରତରେ ରାଜତ୍ୱ କରି ନାହାନ୍ତି ।

[ଶାହାଜାହାନ]

ମୟୂର ସିଂହାସନ— ଆଡ଼ମ୍ବରରେ ଲକ୍ଷ ଲକ୍ଷ ଟଙ୍କା ଖରଚ କରିବାକୁ ଶାହାଜାହାନ ଟିକିଏ ସୁଦ୍ଧା କୁଣ୍ଠିତ ନ ଥିଲେ । ଦରବାରରେ ବସିବା ପାଇଁ ସେ ଗୋଟିଏ ସିଂହାସନ ତିଆରି କରାଇଥିଲେ । ଏହା ସୁନାରେ ତିଆରି ହୋଇଥିଲା ଓ ଏଥିରେ ବହୁ ମୂଲ୍ୟର ମୋତି ମାଣିକ୍ୟ ଖଞ୍ଜା ଯାଇଥିଲା । ଏଥିରେ ଅନ୍ତତଃ ଛଅକୋଟି ଟଙ୍କା ଖରଚ ହୋଇଥିଲା । ଏହି ସିଂହାସନଟି ଆକାରରେ ଗୋଟିଏ ମୟୂର ପରି ହୋଇ ଥିବାରୁ ଏହାକୁ ମୟୂର ସିଂହାସନ କୁହାଯାଉଥିଲା ।

ତାଜମହଲ—ଶାହାଜାହାନଙ୍କ ରାଣୀଙ୍କ ନାମ ମମତାଜ ମହଲ । ଏହି ମମତାଜ ନୂରଜାହାନଙ୍କ ଝିଅରି ଥିଲେ । ଯେପରି ସୁନ୍ଦରୀ, ସେହିପରି ଗୁଣବତୀ ଥିବାରୁ ଶାହାଜାହାନ ତାଙ୍କୁ ଭାରି

Digitized by PPRACHIN, SOA

ଆଦର କରୁଥିଲେ । ମମତାଜ ରୋଗରେ ପଡ଼ି ମରିବାକୁ ବସିଲେ । ସେ ଶାହାଜାହାନଙ୍କୁ କହିଲେ,"ତମ ପାଖରେ ମୋର ମାଗୁଣି ଏତିକ ଯେ,ମୁଁ ମରିଗଲେ ତୁମେ ଆଉ କାହାକୁ ବିବାହ ହେବ ନାହିଁ, ଆଉ ମୋ କବର ଉପରେ ଗୋଟିଏ ସମାଧି ମନ୍ଦିର ତିଆରି କରିବ । ଏହି ମନ୍ଦିରଟି କାରୁକାର୍ଯ୍ୟରେ ଯେପରି ସବୁ ସମାଧି ମନ୍ଦିରଙ୍କୁ ଟପି ଯିବ ।"

[ମମତାଜ ମହଲ]

ମମତାଜ ମରିଗଲେ । ତାଙ୍କ କଥା ରଖି ଶାହାଜାହାନ ଆଉ ବିବାହ କଲେ ନାହିଁ । ଦେଶ ବିଦେଶରୁ ବଡ଼ ବଡ଼ କାରିଗର ଅଣାଇ କୋଟି କୋଟି ଟଙ୍କା ଖର୍ଚ୍ଚରେ ତାଙ୍କ କବର ଉପରେ ଗୋଟିଏ ସମାଧି ମନ୍ଦିର ତୋଳିଲେ । ତାର ନାମ ତାଜମହଲ । ତାଜମହଲର ପ୍ରକୃତ ଅର୍ଥ ହେଉଛି କୋଠାମାନଙ୍କର ମଣି ଅର୍ଥାତ୍ ଶ୍ରେଷ୍ଠ ।

ଯମୁନା କୂଳରେ ଆଗ୍ରା ସହରରେ ଏହି ତାଜମହଲ ତିଆରି ହୋଇଥିଲା । ତାହା ଆଜିଯାଏ ଅଛି । ଏହା ଏଡ଼େ ସୁନ୍ଦର ଯେ, ଏହାକୁ ଦେଖିବାକୁ ପୃଥିବୀର ନାନା ଦେଶରୁ ଲୋକ ଆସନ୍ତି । ପୃଥିବୀର ସାତୋଟି ଆଶ୍ଚର୍ଯ୍ୟ ଜିନିଷ ମଧ୍ୟରୁ ତାଜମହଲ ଗୋଟିଏ ବୋଲି ଅନେକେ କହନ୍ତି । ଏହା ଛଡ଼ା ଶାହାଜାହାନ ଦିଲ୍ଲୀ ସହରରେ ଜୁମାମସ୍‌ଜିଦ୍ ଓ ମୋତି ମସ୍‌ଜିଦ୍ ନାମରେ ଦୁଇଟି ସୁନ୍ଦର ମସଜିଦ୍ ତିଆରି କରାଇଥିଲେ ।

Digitized by PPRACHIN, SOA



[ତାଜମହଲ]

ଶାହାଜାହାନଙ୍କ ଶେଷଜୀବନ— ବୁଢ଼ାଦିନେ ଶାହାଜାହାନ ବହୁତ ଦୁଃଖ ଭୋଗିଥିଲେ । ତାଙ୍କର ଚାରିଗୋଟି ପୁଅ ଥିଲେ । ଦାରା, ସୁଜା, ଆଓରଙ୍ଗଜେବ ଓ ମୁରାଦ । ଦାରା ସେମାନଙ୍କ ମଧ୍ୟରେ ବଡ଼ ଓ ଶାହାଜାହାନଙ୍କର ବଡ଼ ପ୍ରିୟ ଥିଲେ । ଭାଇମାନଙ୍କ ଭିତରେ କାଳେ ରାଜ୍ୟ ପାଇଁ କଳି ଲାଗିବ, ସେଥିପାଇଁ ଶାହାଜାହାନ ସୁଜାଙ୍କୁ ବଙ୍ଗଳାକୁ, ମୁରାଦଙ୍କୁ ଗୁଜରାଟକୁ ଏବଂ ଆଓରଙ୍ଗଜେବଙ୍କୁ ଦାକ୍ଷିଣାତ୍ୟକୁ ପଠାଇ ଦେଇଥିଲେ । ପରେ ଶାହାଜାହାନ ବଡ଼ ରୋଗରେ ପଡ଼ିଲେ । ଭାଇମାନେ ଏକଥା ଶୁଣି ଦିଲ୍ଲୀର ସମ୍ରାଟ ହେବା ଆଶାରେ ସମସ୍ତେ ଦିଲ୍ଲୀକୁ ଚାଲିଆସିଲେ । ଆଓରଙ୍ଗଜେବ ଅନ୍ୟ ଭାଇମାନଙ୍କୁ ନିର୍ଦ୍ଦୟଭାବରେ ମାରି ନିଜକୁ ଦିଲ୍ଲୀର ସମ୍ରାଟ ବୋଲାଇଲେ । ଦୈବାତ୍ ଶାହାଜାହାନ ରୋଗରୁ ଭଲ ହୋଇଗଲେ, କିନ୍ତୁ ଆଓରଙ୍ଗଜେବ ତାଙ୍କୁ ମରିବା ପର୍ଯ୍ୟନ୍ତ ବନ୍ଦୀ କରି ରଖିଥିଲେ ।

Digitized by PPRACHIN, SOA

ଆଓରଙ୍ଗଜେବ

ଆଓରଙ୍ଗଜେବଙ୍କ ଚରିତ୍ର—୧୬୫୮ ଖ୍ରୀଷ୍ଟାବ୍ଦରେ ଆଓରଙ୍ଗଜେବ ଭାଇମାନଙ୍କୁ ମାରି ସିଂହାସନରେ ବସିଲେ । ସେ ବଡ଼ ଧାର୍ମିକ ଲୋକ ଥିଲେ । ସେ ରାଜ୍ୟର ଟଙ୍କା କଉଡ଼ି ଆପଣା ସୁଖ ପାଇଁ ଅତଦୀ ଖର୍ଚ୍ଚ କରୁ ନ ଥିଲେ । ଏପରି କି ଟୋପି ସିଲାଇ କରି

[ଆଓରଙ୍ଗଜେବ]

ଓ କୋରାନ୍ ଲେଖି ସେ ଯେତିକି ଆୟ କରୁଥିଲେ ସେତିକିରେ ଚଳୁଥିଲେ । ସେ ଭାବୁଥିଲେ ଯେ ମୁସଲମାନ ଧର୍ମ ସବୁଠାରୁ ଭଲ । ତେଣୁ ସେ ସବୁ ପ୍ରଜାଙ୍କୁ ମୁସଲମାନ କରିବାକୁ ଚେଷ୍ଟା କରୁଥିଲେ ।

Digitized by PPRACHIN, SOA

ସେ ଆଦୌ ମଦ ଛୁଇଁ ନ ଥିଲେ । ହିନ୍ଦୁମାନଙ୍କୁ ମୁସଲମାନ କରିବା ପାଇଁ ସେ ହିନ୍ଦୁଙ୍କ ଉପରେ ଖୁବ୍ ଅତ୍ୟାଚାର କରିଥିଲେ । ହିନ୍ଦୁମାନଙ୍କ ଉପରେ ସେ ଜିଜିୟା କର ବା ମୁଣ୍ଡକର ବସାଇଥିଲେ । ହିନ୍ଦୁ ମନ୍ଦିର ସବୁ ତାଙ୍କ ହୁକୁମରେ ଭାଙ୍ଗି ଦିଆ ଯାଉଥିଲା । ତାଙ୍କ ଅମଳରେ କୌଣସି ହିନ୍ଦୁ ପୁରୁଣା ମନ୍ଦିରକୁ ମରାମତି କରି ପାରୁ ନ ଥିଲେ କିମ୍ବା ନୂଆ ମନ୍ଦିର ତିଆରି କରି ପାରୁ ନ ଥିଲେ । ସରକାରୀ ଚାକିରିରୁ ହିନ୍ଦୁମାନଙ୍କୁ ବାହାର କରି ଦିଆଗଲା ।

ଆଓରଙ୍ଗଜେବଙ୍କ ଧର୍ମନୀତିର ମନ୍ଦ ଫଳ—

ଭାରତବର୍ଷରେ ଅଧିକାଂଶ ଲୋକ ହିନ୍ଦୁ । ଅକବର ହିନ୍ଦୁ ରାଜପୁତ୍ରଙ୍କ ସଙ୍ଗେ ବନ୍ଧୁତା ବାନ୍ଧି ମୋଗଲ ରାଜ୍ୟକୁ ବଳୁଆ କରିଥିଲେ । କିନ୍ତୁ ଆଓରଙ୍ଗଜେବ ହିନ୍ଦୁଙ୍କ ଉପରେ ଅତ୍ୟାଚାର କରିବାରୁ ଭାରତରେ ଅଶାନ୍ତି ଖେଳିଗଲା । ଦାକ୍ଷିଣାତ୍ୟରେ ମରହଟ୍ଟାମାନେ ଶିବାଜୀଙ୍କୁ ନେତା କରି ମୋଗଲମାନଙ୍କ ବିପକ୍ଷରେ ଲଢ଼ିଲେ । ରାଜପୁତ୍ରମାନେ ମଧ୍ୟ ଆଓରଙ୍ଗଜେବଙ୍କ ଶତ୍ରୁ ହୋଇ ତାଙ୍କ ସଙ୍ଗେ ଲଢ଼ିଲେ । ଏହି ସମୟରେ ପଞ୍ଜାବରେ ଶିଖମାନେ ମଧ୍ୟ ତାଙ୍କର ବିଦ୍ରୋହୀ ହୋଇ ଉଠିଲେ । ଏହିପରି ସାରା ଭାରତବର୍ଷ ଆଓରଙ୍ଗଜେବଙ୍କ ବିପକ୍ଷରେ ଶତ୍ରୁ ହୋଇ ଉଠିଲେ । ଏହିମାନଙ୍କ ସହିତ ଲଢ଼ି ଲଢ଼ି ଆଓରଙ୍ଗଜେବଙ୍କ ଜୀବନଟାଯାକ କଟି ଯାଇଥିଲା । ସେ ଜୀବନରେ ଦିନେ ହେଲେ ସୁଖ ପାଇ ନାହାନ୍ତି । ନବେ ବର୍ଷ ବୟସରେ ୧୭୦୭ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ଘଟିଲା ।

ପ୍ରଶ୍ନ

୧ । ଶୂନ୍ୟସ୍ଥାନଗୁଡ଼ିକ ଐତିହାସିକ ବ୍ୟକ୍ତି ବା ସ୍ଥାନ ଦ୍ୱାରା ପୂରଣ କର ।

(କ) ମେବାର ରାଣା ପ୍ରତାପସିଂହ—ପରାସ୍ତ ହୋଇଥିଲେ ।
(୧୯୪୮).

Digitized by PPRACHIN, SOA

(ଖ)—ଜିଜିୟାକର ଉଠାଇ ଦେଲେ । (୧୯୪୯)

(ଗ) ଅଟଣାବନ୍ତ ସିଂହ—ଯୁଦ୍ଧରେ ସମ୍ପୂର୍ଣ୍ଣ ରୂପେ ପରାସ୍ତ ହୋଇଥିଲେ । (୧୯୪୯)

(ଘ)—ଠାରେ ଇବ୍ରାହିମ ଲୋଦୀ ଏବଂ ବାବରଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । (୧୯୪୭)

(ଙ)—ଅକବରଙ୍କ ଅଭିଭାବକ ଥିଲେ । (୧୯୫୦)

(ଚ)ଶାହାଜାହାନଙ୍କର ପ୍ରିୟତମା ରାଣୀଙ୍କର ନାମ—।(୧୯୫୧)

(ଛ)—ଶାହାଜାହାନଙ୍କର ଜ୍ୟେଷ୍ଠପୁତ୍ର ଥିଲେ । (୧୯୪୬)

(ଜ) ସଂଗ୍ରାମ ସିଂହ—ଙ୍କୁ ଭାରତରୁ ତଡ଼ିବା ଲାଗି—ମାନଙ୍କୁ ଡେକାଇ—ଠାରେ ତାଙ୍କ ସଙ୍ଗେ ଯୁଦ୍ଧ କଲେ ?

(ଝ) ଜାହାଙ୍ଗୀରଙ୍କ ଅମଳରେ ଇଂରେଜମାନେ—ଙ୍କ ଠାରୁ—ଅଣି ପ୍ରଥମେ ଭାରତକୁ ଆସିଲେ ।

୨ । ମନେକର ଇବ୍ରାହିମ ଲୋଦୀଙ୍କ ରାଜତ୍ୱ କାଳରେ ତୁମ୍ଭେ ଦିଲ୍ଲୀର ଜଣେ ବାସିନ୍ଦା ଥିଲ । ସେତେବେଳେ କିଏ ଭାରତ ଆକ୍ରମଣ କରିଥିଲେ ଏବଂ ଇବ୍ରାହିମ ଲୋଦୀଙ୍କ ପରେ କିଏ କପରି ସମ୍ରାଟ ହେଲେ ବର୍ଣ୍ଣନା କର । (୧୯୪୬)

୩ । ନିଜକୁ ବାବର ମନେ କରି ତୁମ୍ଭର ଜୀବନ ଚରିତ ବର୍ଣ୍ଣନ କର । (୧୯୫୧)

୪ । ମୁକୁନ୍ଦ ଦେବଙ୍କ ଜୀବନୀ ବର୍ଣ୍ଣନ କର । (୧୯୫୧)

୫ । ଶେରଖାଁ କପରି ଭାରତର ସମ୍ରାଟ୍ ହେଲେ ? ତାଙ୍କ ରାଜତ୍ୱର ତିନିଗୋଟି ଘଟଣା ବର୍ଣ୍ଣନ କର । (୧୯୪୮)

୬ । ପରପୃଷ୍ଠାରେ ଲିଖିତ ବିଷୟମାନଙ୍କର ଐତିହାସିକ ବିବରଣ ସଂକ୍ଷେପରେ ଲେଖ :—

Digitized by PPRACHIN, SOA

ନୂରଜାହାନ, ତାଜମହଲ, ଇଂରେଜଦୂତ, ସଲିମ୍, ମୟୂର ସିଂହାସନ, ମମତାଜ; ଔରଙ୍ଗଜେବ, ହିମ୍ନ, ରଣାପ୍ରତାପ, ଦୁର୍ଗାବତୀ, କଳାପାହାଡ଼ ।

୭ । (କ) ଶବ୍ଦ ପୁଞ୍ଜ ମଧ୍ୟରୁ ପ୍ରତ୍ୟେକର (ଖ) ଶବ୍ଦ ପୁଞ୍ଜର କେଉଁ ଶବ୍ଦ ସଙ୍ଗେ କି ସମ୍ବନ୍ଧ ଅଛି ଲେଖ ।

(କ) ଦ୍ୱିତୀୟ ପାନିପଥ ଯୁଦ୍ଧ, ହିମୁ, ରଣାପ୍ରତାପ, ଦୁର୍ଗାବତୀ, ବୃନ୍ଦାବନ, ମାନସିଂହ, କାଜା, ବୀରବଲ ।

(ଖ) ନ୍ୟାୟ ଦରବାର, ୧୫୫୬ ଖ୍ରୀ, ମିବାର, ଅହମ୍ମଦ ନଗର, ଓଡ଼ିଶା, ବଦୂଷକ, ବୈରାମ ଖାଁ, ଗଡ଼ମଣ୍ଡଳ ।

୮ । ଔରଙ୍ଗଜେବଙ୍କ ଧର୍ମ ମତର କି ମନ୍ଦଫଳ ଫଳିଲା ?

ଦ୍ୱିତୀୟ ଅଧ୍ୟାୟ

ମରହଟ୍ଟା ଜାତି ଓ ଶିବାଜୀ

ମରହଟ୍ଟା ଜାତି—ଦାକ୍ଷିଣାତ୍ୟରେ ମହାରାଷ୍ଟ୍ର ବୋଲି ଗୋଟିଏ ପାହାଡ଼ିଆ ଅଞ୍ଚଳ ଅଛି । ଏଠାରେ ଲୋକଙ୍କୁ ମରହଟ୍ଟା କୁହାଯାଏ । ଏମାନେ ଖୁବ୍ ବଳୁଆ ଓ ସାହସୀ । ମୁସଲମାନମାନେ ଅନେକ କାଳଯାଏ ଏମାନଙ୍କୁ ଦବାଇ ରଖାଇଥିଲେ । ଶାହାଜାହାନ ଯେତେବେଳେ ଦିଲ୍ଲୀର ସମ୍ରାଟ ଥିଲେ ସେତେବେଳେ ଏହି ମରହଟ୍ଟାମାନଙ୍କ ଭିତରୁ ଜଣେ ବଡ଼ ବୀର ବାହାରିଲେ । ତାଙ୍କ ନାମ ଶିବାଜୀ ।

ଶିବାଜୀଙ୍କ ଜୀବନୀ—ଶିବାଜୀ ୧୬୨୭ ଖ୍ରୀଷ୍ଟାବ୍ଦରେ ଶିବନେରୀ ନାମକ ଗୋଟିଏ ଗଡ଼ରେ ଜନ୍ମ ହୋଇଥିଲେ । ତାଙ୍କର ବାପା ଶାହାଜୀ ବିଜାପୁର ରାଜାଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ ।

Digitized by PPRACHIN, SOA

[ଶିବାଜୀ]

ଶିବାଜୀଙ୍କ ମା'ଙ୍କ ନାମ ଜୀଜାବାଈ । ଶାହାଜୀ ଜୀଜାବାଈଙ୍କୁ ଛାଡ଼ି ଦେଇ ବିଜାପୁରରେ ରହୁଥିଲେ । ଶିବାଜୀ ପିଲାଦିନେ ମାଙ୍କଠାରୁ ରାମାୟଣ ଓ ମହାଭାରତର ବୀରମାନଙ୍କ କଥା ଶୁଣି ସେହିମାନଙ୍କ ପରି ବୀର ହେବାକୁ ଚେଷ୍ଟା କରୁଥିଲେ । ପିଲାଦିନୁ ସେ ଖଣ୍ଡା ଚଳାଇବା, ଘୋଡ଼ା ଚଢ଼ିବା ପ୍ରଭୃତି ବିଦ୍ୟା ଭଲ ରୂପେ ଶିଖିଥିଲେ ।

ପ୍ରାୟ କୋଡ଼ିଏ ବର୍ଷ ହେଲେ ସେ ମହାରାଷ୍ଟ୍ରର କେତେକ ପାହାଡ଼ିଆ ଜାତିର ଲୋକଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ ଏବଂ ସେମାନଙ୍କୁ ନେଇ ଆଖ ପାଖ ରାଜ୍ୟ ଜିଣିବାକୁ ଚାହାଁଲେ । ପ୍ରଥମେ ସେ ବିଜାପୁରର କେତେକ ଗାଁ ଗଣ୍ଡା ଲୁଟି କରି କେତୋଟି ଗଡ଼ ଦଖଲ କରି ନେଲେ । ବିଜାପୁରର ରାଜା ଏହା ଦେଖି ତାଙ୍କ ବାପା ଶାହାଜୀଙ୍କୁ ଜେଲ ଦେଲେ । ବାପାଙ୍କୁ ଖଲାସ କରିବାର ଉପାୟ ନ ଦେଖି ଶିବାଜୀ ଦିଲ୍ଲୀର ସମ୍ରାଟ ଶାହାଜାହାନଙ୍କ ଆଶ୍ରୟ ନେଲେ । ଶାହାଜାହାନଙ୍କ ଭୟରେ ବିଜାପୁରର ରାଜା ଶାହାଜୀଙ୍କୁ ଖଲାସ କରିଦେଲେ । ବାପା ଖଲାସ ହେବା ପରେ ଶିବାଜୀ ପୁଣି ବିଜାପୁରରେ ଲୁଟି ଆରମ୍ଭ କଲେ । ତାଙ୍କୁ ଦମନ କରିବା ପାଇଁ ବିଜାପୁରର ରାଜା ଆଫଜଲ ଖାଁ ବୋଲି ଜଣେ ସେନାପତିଙ୍କୁ ପଠାଇଲେ । କିନ୍ତୁ ଶିବାଜୀ କୌଶଳ କରି ତାଙ୍କୁ ଗୋଟାଏ ଏକୁଟିଆ ସ୍ଥାନରେ ଦେଖାକଲେ । ସେ ବାଘନଖ

Digitized by PPRACHIN, SOA

ନାମରେ ଗୋଟିଏ ଅସ୍ତ୍ର ନେଇ ଯାଇଥିଲେ । ସେଥିରେ ସେ ଅଫଜଲ ଖାଁକୁ ମାରି ପକାଇଲେ । ଦିନକୁ ଦିନ ଶିବାଜୀଙ୍କ ବଳ ବଢ଼ିଲା । ସେ ମୋଗଲ ରାଜ୍ୟକୁ ଲୁଟି କରିବାକୁ ଆରମ୍ଭ କଲେ । ସେତେବେଳକୁ ଆଓରଙ୍ଗଜେବ ଦିଲ୍ଲୀର ସମ୍ରାଟ । ଶିବାଜୀଙ୍କୁ ଦବାଇବା ପାଇଁ ସେ ଶାୟସ୍ତ ଖାଁଙ୍କୁ ଦାକ୍ଷିଣାତ୍ୟକୁ ପଠାଇଲେ । ପୁନାରେ ଗୋଟିଏ ଦୁର୍ଗ ମଧରେ ସେ ରହୁଥିଲେ । ଶିବାଜୀ ଦିନେ ରାତିରେ ଶାୟସ୍ତଖାଁଙ୍କ ଶୋଇବା ଘରେ ତାଙ୍କୁ ଆକ୍ରମଣ କଲେ । ଶାୟସ୍ତ ଖାଁ କିଛି ବୁଝି ନ ପାରି ଝରକାବାଟେ ଡେଇଁ ପଳାଇଲେ । କିନ୍ତୁ ଶିବାଜୀଙ୍କ ଖଣ୍ଡା ପ୍ରହାରରେ ତାଙ୍କର ତିନୋଟି ଆଙ୍ଗୁଠି ଛିଣ୍ଡିଗଲା । ଶିବାଜୀ ପୁଣି ମୋଗଲ ରାଜ୍ୟ ଲୁଟି କଲେ । ତହୁଁ ଆଓରଙ୍ଗଜେବ ତାଙ୍କୁ ଜବତ କରିବା ପାଇଁ ଜଣେ ରାଜପୁତ ସେନାପତିଙ୍କୁ ପଠାଇଲେ । ଏହି ସେନାପତିଙ୍କ ନାମ ଜୟସିଂହ । ଶିବାଜୀ ଦେଖିଲେ ଯେ ସେ ଜୟସିଂହକୁ ପାରିବା ସହଜ ନୁହେଁ । ତେଣୁ ଶିବାଜୀ ଆଓରଙ୍ଗଜେବଙ୍କ ସହିତ ସନ୍ଧି କଲେ ।

ଠକକୁ ଠକ ଜିତେ—ଶିବାଜୀ ସନ୍ଧି କଲା ପରେ ଆଓରଙ୍ଗଜେବ ବନ୍ଧୁ ଭାବରେ ତାଙ୍କୁ ଦିଲ୍ଲୀକୁ ଡକାଇଲେ । ଶିବାଜୀ କିଛି ସନ୍ଦେହ ନ କରି ଆପଣା ପୁଅ ସହିତ ଦିଲ୍ଲୀରେ ପହଞ୍ଚିଲେ । କିନ୍ତୁ ଆଓରଙ୍ଗଜେବ ବାପ, ପୁଅ ଦୁହିଁଙ୍କୁ ବନ୍ଦୀ କରି ରଖିଲେ । ଶିବାଜୀ କିପରି କଏଦୀ ଖାନାରୁ ମୁକୁଳିବେ, ସେଥିପାଇଁ ଉପାୟ ପାଞ୍ଚିଲେ ।

ପ୍ରଥମେ ସେ ଛଳନା କଲେ ଯେ, ସେ ବଡ଼ ବେମାର ଅଛନ୍ତି । ରୋଗରୁ ମୁକ୍ତି ହେବା ପାଇଁ ସେ ହିନ୍ଦୁ ଓ ମୁସଲମାନ ଭିକାରୀମାନଙ୍କୁ ମିଠାଇ ବାଣ୍ଟିବାକୁ ଲାଗିଲେ । ପ୍ରତିଦିନ ବଡ଼ ବଡ଼ ଭାରରେ ମିଠାଇ ଜେଲଖାନାରୁ ପଦାକୁ ଗଲା । ପହରା ବାଲାମାନେ କେତେଦିନ ଯାଏ

Digitized by PPRACHIN, SOA

ଏହି ମିଠେଇ ବୋଝ ଓ ଭାର ସବୁ ପରୀକ୍ଷା କରି ଦେଖିଲା ପରେ ସେମାନେ କିଛି ସନ୍ଦେହ ନ କରି ସେଗୁଡ଼ିକୁ ବାହାରକୁ ଯିବାପାଇଁ ଛାଡ଼ିଦେଲେ । ଏଣେ ଶିବାଜୀ ଓ ତାଙ୍କ ପୁଅ ଶମ୍ଭୁଜୀ ଗୋଟିଏ ଗୋଟିଏ ଭାର ମଧ୍ୟରେ ଲୁଚି ଜେଲଖାନାରୁ ପଦାକୁ ଚାଲି ଆସିଲେ । ତାଙ୍କର କେତେକ ବିଶ୍ୱାସୀ ଲୋକ ଆଗରୁ ଘୋଡ଼ା ଠିକ୍ କରି ରଖିଥିଲେ । ବାପ, ପୁଅ ଗୋଟିଏ ଗୋଟିଏ ଘୋଡ଼ାରେ ଚଢ଼ି ଆପଣା ଦେଶକୁ ପଳାଇ ଆସିଲେ ।

ଛତ୍ରପତି ଶିବାଜୀ—ଆଓରଙ୍ଗଜେବ ଦେଖିଲେ ଯେ, ଶିକାର ଖସି ଗଲାଣି । ଶିବାଜୀଙ୍କୁ ପୁଣି ଫାସରେ ପକାଇବା କାଠିକର ପାଠ । ତେଣୁ ଅନ୍ୟ ଉପାୟ ନ ଦେଖି ସେ ଶିବାଜୀଙ୍କ ସଙ୍ଗରେ ସନ୍ଧି କଲେ । ଶିବାଜୀ ମହାରାଷ୍ଟ୍ରର ସ୍ୱାଧୀନ ରାଜା ହେଲେ । ମହାଆଡ଼ମ୍ବରରେ ତାଙ୍କର ଅଭିଷେକ ହେଲା ଓ ମରହଟ୍ଟାମାନେ ତାଙ୍କୁ ଛତ୍ରପତି ବୋଲି ସ୍ୱୀକାର କଲେ ।

ଶିବାଜୀଙ୍କ ଶେଷ ଜୀବନ ସୁଖରେ କଟି ନ ଥିଲା । ସିଂହାସନରେ ବସିବାର ଅଳ୍ପଦିନ ପରେ ତାଙ୍କ ମା ମରିଯାଇଥିଲେ । ପୁଅ ଶମ୍ଭୁଜୀ ଶିବାଜୀଙ୍କ ଶତ୍ରୁ ମୋଗଲ୍‌ମାନଙ୍କ ସହିତ ମିଶିଥିଲେ । ପରେ ସେ ବମ୍ବେରେ ଥିବା ଇଂରେଜମାନଙ୍କ ସହିତ ଯୁଦ୍ଧ କରିବାକୁ ଯାଇଥିଲେ । ସେଠାରେ ସେ ଇଂରେଜମାନଙ୍କର କେତେକ ଯୁଦ୍ଧ ଜାହାଜ ନଷ୍ଟ କରି ଦେଇଥିଲେ । ସେଠାରୁ ଫେରି ଆସି ସେ ଜ୍ୱରରେ ପଡି ୧୬୮୦ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ ।

ଶିବାଜୀଙ୍କ ଚରିତ୍ର—ପିଲାଦିନେ ଶିବାଜୀ ମାଆଙ୍କଠାରୁ ଶିକ୍ଷା ପାଇଥିଲେ ଓ ଟିକିଏ ବଡ଼ ହୁଅନ୍ତେ ଦାଦାଜୀ କୋଣ୍ଡ ଦେବ ବୋଲି ଜଣେ ବୁଢ଼ା ବ୍ରାହ୍ମଣ ତାଙ୍କର ଶିକ୍ଷକ ହେଲେ । ସେ ବଡ଼ ନୈଷ୍ଠିକ ହିନ୍ଦୁ ଥିଲେ ଓ ଭାରତରେ ଗୋଟିଏ ହିନ୍ଦୁ ସାମ୍ରାଜ୍ୟ ସ୍ଥାପନ

Digitized by PPRACHIN, SOA

କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ତାଙ୍କ ଭଳି ସାହସୀ ଏବଂ କୌଶଳୀ ବୀର ଅଳ୍ପ ଦେଖା ଯାଆନ୍ତି । ଶିବାଜୀ ତାଙ୍କ ମା ଓ ତାଙ୍କ ଗୁରୁଙ୍କଠାରୁ ଯେଉଁ ଶିକ୍ଷା ପାଇଥିଲେ, ସେହି ଅନୁସାରେ ଜୀବନକୁ ଗଢ଼ିଥିଲେ । ସେ ଖୁବ୍ ଭଲ ଶାସନକର୍ତ୍ତା ଥିଲେ । ସେ ଅନ୍ୟ ଧର୍ମର ଲୋକଙ୍କୁ ପୀଡ଼ା ଦେଉ ନ ଥିଲେ । ପ୍ରଜାମାନଙ୍କଠାରୁ ଅଳ୍ପ କର ନେଉଥିଲେ । ତାଙ୍କ କର୍ମଚାରୀମାନଙ୍କୁ ଭଲ ଦରମା ଦେଉଥିଲେ । ତାଙ୍କ ଶାସନ କାଳରେ ପ୍ରଜାମାନେ ଖୁସିରେ ରହୁଥିଲେ ।

ଶିବାଜୀଙ୍କ ବଂଶଧର—ଶିବାଜୀଙ୍କ ଅନ୍ତେ ତାଙ୍କ ପୁଅ ଶମ୍ଭୁଜୀ ରାଜା ହେଲେ । ସେ ପ୍ରାୟ ନଅବର୍ଷ ରାଜପଣ କରିଥିଲେ । ୧୬୮୯ ଖ୍ରୀଷ୍ଟାବ୍ଦରେ ଔରଙ୍ଗଜେବ ତାଙ୍କୁ ଧରିନେଇ ବନ୍ଦୀ କଲେ ଓ ବନ୍ଦୀଶାଳାରେ ତାଙ୍କ ଆଖି ଫୁଟାଇ ଓ ଜିଭ କାଟି ମାରି ପକାଇଲେ । ସେ ଶମ୍ଭୁଜୀଙ୍କ ପୁଅ ସାହୁଜୀଙ୍କୁ ମଧ୍ୟ ଜେଲଖାନାରେ ରଖିଥିଲେ । ଏଣେ ଶମ୍ଭୁଜୀଙ୍କ ସାନଭାଇ ରାଜାରାମ କେତେଦିନ ଯାଏ ଔରଙ୍ଗଜେବଙ୍କ ସଙ୍ଗେ ଯୁଦ୍ଧ ଚଳାଇଥିଲେ । ରାଜାରାମ ମରିଯିବା ପରେ ତାଙ୍କ ସ୍ତ୍ରୀ ତାରାବାଈ ମଧ୍ୟ ମୋଗଲମାନଙ୍କ ସଙ୍ଗେ ଲଢ଼ାଇ କରିଥିଲେ । ୧୭୦୭ ଖ୍ରୀଷ୍ଟାବ୍ଦରେ ଔରଙ୍ଗଜେବ ମରିଯିବାରୁ ସାହୁଜୀ ଜେଲରୁ ମୁକ୍ତିପାଇ ରାଜା ହେଲେ । ବହୁତ ଦିନ ମୋଗଲ-ମାନଙ୍କ ସହିତ ମିଳି ଚଳିଥିବାରୁ ସେ ବଡ଼ ବିଳାସୀ ହୋଇଯାଇ-ଥିଲେ । ତେଣୁ ସେ ରାଜ୍ୟର ଭଲ ମନ୍ଦ ନ ବୁଝି ବାଲାଜୀ ବିଶ୍ୱନାଥ ନାମକ ଜଣେ ଚତୁର ମନ୍ତ୍ରୀଙ୍କ ଉପରେ ସବୁ ଭାର ଛାଡ଼ିଦେଲେ । ଏହି ମନ୍ତ୍ରୀଙ୍କୁ ପେଶବା କୁହାଯାଉଥିଲା । କ୍ରମେ ଏହି ପେଶବା ବା ମନ୍ତ୍ରୀ ପଦ ପୁରୁଷାନୁକ୍ରମିକ ହୋଇଥିଲା । ପେଶବାମାନେ ପ୍ରକୃତରେ ସର୍ବେସର୍ବା ହୋଇ ଉଠିଲେ ଏବଂ ଶିବାଜୀଙ୍କର ବଂଶଧରମାନଙ୍କୁ ଆଉ ଖାତିର କଲେ ନାହିଁ ।

Digitized by PPRACHIN, SOA

ପ୍ରଥମ ପେଶବା—ବାଲଜୀ ବିଶ୍ବନାଥ ପ୍ରଥମ ପେଶବା ଥିଲେ । ଏ ବଡ଼ ପ୍ରତାପୀ ଥିବାରୁ ଦାକ୍ଷିଣାତ୍ୟରୁ ଚୌଥ ଅର୍ଥାତ ଖଜଣାର ଚାରିଭାଗରୁ ଏକଭାଗ ଆଦାୟ କରୁଥିଲେ । ପୁନା ପେଶବାଙ୍କର ରାଜଧାନୀ ଥିଲା । ସେ ମରହଟ୍ଟା ସୈନ୍ୟମାନଙ୍କୁ ନେଇ କେତେକ ରାଜ୍ୟ ଜୟ କରିଥିଲେ । ବାଲଜୀ ବିଶ୍ବନାଥଙ୍କ ପରେ ତାଙ୍କ ପୁଅ ବାଜିରାଓ ୧୭୨୮ ଖ୍ରୀଷ୍ଟାବ୍ଦରେ ପେଶବା ହେଲେ । ଏହାଙ୍କ ଅମଳରେ ମରହଟ୍ଟା ରାଜ୍ୟ ଅଧିକ ବଢ଼ି ଯାଇଥିଲା । ସେ ଦିଲ୍ଲୀ ସମ୍ରାଟଙ୍କଠାରୁ ମାଳବ ଓ ଅନ୍ୟାନ୍ୟ କେତେକ ଅଞ୍ଚଳ ଅଧିକାର କରିନେଲେ । ମୋଗଲମାନେ ମରହଟ୍ଟାମାନଙ୍କ ସଙ୍ଗେ କଳି କରିବାକୁ ଭୟ କଲେ । ଏପରି କ ସେମାନଙ୍କୁ ଡରି ଚଳିଲେ । ସେତେବେଳେ ମରହଟ୍ଟାଙ୍କ ଭଳି ବଳୁଆ ଅନ୍ୟ କୌଣସି ଜାତି ନ ଥିଲେ । ତେଣୁ ଭାରତର ଲୋକ ମନେ କରୁଥିଲେ ଯେ କ୍ରମେ ଏହି ମରହଟ୍ଟାମାନେ ସମସ୍ତ ଭାରତ ଅଧିକାର କରିଯିବେ ।

ମରହଟ୍ଟା ରାଜ୍ୟ—ପେଶବାମାନେ ଗୋଟିଏ ପ୍ରକାଣ୍ଡ ରାଜ୍ୟ ଅଧିକାର କରିଥିଲେ । ଆମ ଓଡ଼ିଶା ମଧ୍ୟ ମରହଟ୍ଟାମାନଙ୍କର ଅଧୀନ ହୋଇଥିଲା । କ୍ରମେ ମରହଟ୍ଟା ରାଜ୍ୟ ପାଞ୍ଚଟି ରାଜ୍ୟରେ ବିଭକ୍ତ ହୋଇଗଲା । ପୁନାରେ ପେଶବା, ଗୁଆଲିଅରରେ ସିନ୍ଧିଆ, ନାଗପୁରରେ ଭୋନସଲା, ଇନ୍ଦୋରରେ ହୋଲକାର, ବରୋଦାରେ ଗାଇକୋବାଡ଼ ବଂଶ ରାଜତ୍ୱ କରିବାକୁ ଲାଗିଲେ । ନାଗପୁରର ଭୋନସଲାମାନେ ବଙ୍ଗଳାର ପଠାଣ ଶାସନକର୍ତ୍ତାଙ୍କ ସଙ୍ଗେ କେତେ ଥର ଯୁଦ୍ଧ କରିଥିଲେ । ପ୍ରଥମେ ଭୋନ୍‌ସଲାମାନେ ବଙ୍ଗଳା ଆକ୍ରମଣ କଲେ । କିନ୍ତୁ ବଙ୍ଗଳାର ନବାବ ଆଲି-ବର୍ଦ୍ଦିଖାଁ ସେମାନଙ୍କୁ ହଟାଇ ଦେଲେ । ଦୁଇବର୍ଷ ପରେ ଭୋନ୍-ସଲାଙ୍କର ନେତା ରଘୁଜୀ ନିଜେ ବଙ୍ଗଳା ଆକ୍ରମଣ କରି ଅନେକ

Digitized by PPRACHIN, SOA

ଧନ ଲୁଟି କରି ଆଣିଲେ । ଶେଷରେ ମରହଟ୍ଟାମାନେ ବଙ୍ଗଳାକୁ ଚୌଥ ଆଦାୟ କଲେ ଏବଂ ଓଡ଼ିଶାକୁ ନିଜ ଅଧିକାରକୁ ଆଣିଲେ ।

ତୃତୀୟ ପାନିପଥ ଯୁଦ୍ଧ—ପୁନାର ମରହଟ୍ଟାମାନେ ଉତ୍ତର ଭାରତର ପଞ୍ଜାବ ପର୍ଯ୍ୟନ୍ତ ଆକ୍ରମଣ କରିଥିଲେ । ସେତେବେଳେ ପଞ୍ଜାବ ଓ ଆଫଗାନିସ୍ଥାନର ରାଜା ଅହମ୍ମଦ ଶାହ ଅବ୍‌ଦାଲିଙ୍କ ଅଧୀନରେ ଥିଲା । ଅହମ୍ମଦ ଶାହ ଅବ୍‌ଦାଲି ମରହଟ୍ଟାମାନଙ୍କୁ ଦବାଇବା ପାଇଁ ତାଙ୍କ ସଙ୍ଗେ ଯୁଦ୍ଧ କଲେ । ଅହମ୍ମଦ ଶାହ ଅବଦାଲି ଉତ୍ତର ଭାରତର ପଠାଣମାନଙ୍କ ସାହାଯ୍ୟ ପାଇଲେ । ଅଯୋଧ୍ୟାର ନବାବ ତାଙ୍କ ସଙ୍ଗେ ମିଶିଲେ । ମରହଟ୍ଟାମାନଙ୍କର କ୍ଷମତା ଧ୍ୱଂସ କରିବା ସମସ୍ତଙ୍କର ଲକ୍ଷ୍ୟ ଥିଲା । ମରହଟ୍ଟା ସୈନ୍ୟମାନେ ବାଲାଜୀ ବାଜି ରାଓଙ୍କ ପୁଅ ବିଶ୍ୱାସରାଓଙ୍କ ଅଧୀନରେ ଯୁଦ୍ଧ କରୁଥିଲେ । ୧୭୬୧ ଖ୍ରୀଷ୍ଟାବ୍ଦରେ ମରହଟ୍ଟା ଓ ମୁସଲମାନଙ୍କ ମଧ୍ୟରେ ଗୋଟିଏ ଭୟଙ୍କର ଯୁଦ୍ଧ ହେଲା । ପ୍ରଥମେ ମରହଟ୍ଟାମାନେ ଜୟ କରି ଆସୁଥିଲେ । କିନ୍ତୁ କିଛି ସମୟ ପରେ ସେମାନେ ସମ୍ପୂର୍ଣ୍ଣରୂପେ ପରାସ୍ତ ହେଲେ । ଏହି ଯୁଦ୍ଧକୁ ତୃତୀୟ ପାନିପଥ ଯୁଦ୍ଧ କହନ୍ତି । ଭାରତରେ ମରହଟ୍ଟା ରାଜ୍ୟ ସ୍ଥାପନର ଆଶା ଏହିଠାରୁ ଲୋପ ପାଇଲା ।

ପରବର୍ତ୍ତୀ ପେଶବା—ପ୍ରଥମ ପେଶବା ବାଲାଜୀ ବିଶ୍ୱନାଥ ୧୭୨୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ । ଦ୍ୱିତୀୟ ପେଶବା ବାଜିରାଓ ୧୭୪୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମରହଟ୍ଟାମାନଙ୍କ ନେତା ଥିଲେ । ବାଲାଜୀ ବାଜିରାଓ ତୃତୀୟ ପେଶବା ଅଟନ୍ତି । ଏହାଙ୍କ ଅମଳରେ ମରହଟ୍ଟାମାନଙ୍କର କ୍ଷମତା ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଥିଲା । ଏହାଙ୍କ ପରେ ମଧୁ ରାଓ ୧୭୬୧ ଖ୍ରୀଷ୍ଟାବ୍ଦରେ ଚତୁର୍ଥ ପେଶବା ହେଲେ ।

Digitized by PPRACHIN, SOA

ସେ ବର୍ଷେ ମାତ୍ର ରାଜ୍ୟ ଶାସନ କରି ମରିଯିବାରୁ ତା ପରବର୍ଷ ତାଙ୍କ ସାନଭାଇ ନାରାୟଣ ସ୍ୱାଓ ପେଶବା ହେଲେ । ତାଙ୍କ ପରେ ମଧୁରାଓ ନାରାୟଣ ପେଶବା ହୋଇଥିଲେ ।

ଶିଖଜାତି ଓ ଗୁରୁ ଗୋବିନ୍ଦ ସିଂହ

ଗୁରୁ ନାନକ ଶିଖଧର୍ମର ପ୍ରତିଷ୍ଠାତା । ଏହି ଶିଖମାନେ ପରେ ଗୋଟିଏ ଯୋଦ୍ଧା ଜାତି ହୋଇଥିଲେ । ଶିଖମାନଙ୍କର ପ୍ରଧାନ ନେତାଙ୍କୁ ଗୁରୁ କୁହାଯାଏ । ବାବା ନାନକ ଶିଖମାନଙ୍କର ପ୍ରଥମ ଗୁରୁ । ନବମ ଶିଖଗୁରୁଙ୍କର ନାମ ତେଗ୍ ବାହାଦୁର । ସେତେବେଳେ ଆଓରଙ୍ଗଜେବ ଦିଲ୍ଲୀରେ ମୋଗଲ ସମ୍ରାଟ ଥିଲେ । ସେ ଶିଖମାନଙ୍କୁ ମୁସଲମାନ କରିବା ପାଇଁ ଚେଷ୍ଟାକଲେ । ଆଓରଙ୍ଗଜେବ ଶିଖଗୁରୁ ତେଗ୍ ବାହାଦୁରଙ୍କୁ ଦିଲ୍ଲୀକୁ ନେଇ ମୁସଲମାନ ହେବାକୁ ଲୋଭ ଦେଖାଇଲେ । ସେ ରାଜି ନ ହେବାରୁ ତାଙ୍କୁ ହାଣି ମାରିବା ସ୍ଥିର ହେଲା । ତାଙ୍କୁ ହଣା ଯିବା

[ନାନକ]

Digitized by PPRACHIN, SOA

ପୂର୍ବରୁ ସେ କାଗଜରେ କିଛି ଲେଖି ଆପଣା ବେକରେ ବାନ୍ଧି ଦେଇଥିଲେ । ତାଙ୍କ ମୁଣ୍ଡ କାଟି ପଡିବା ଦେଖାଗଲା ଯେ, ସେ କାଗଜ ଖଣ୍ଡିକରେ ଏତିକି ମାତ୍ର ଲେଖା ହୋଇଥିଲା, 'ମୁଣ୍ଡ ଦେଲି ପଛକେ ଧର୍ମ ଛାଡ଼ିଲି ନାହିଁ ।' ଏଥିରେ ଶିଖ୍‌ମାନଙ୍କର ଧର୍ମ ରକ୍ଷା କରିବା ପାଇଁ ଅଧିକ ଜିଦ୍ ଆସିଲା ।

ଗୋବିନ୍ଦ ସିଂହ—ତେଗ୍ ବାହାଦୁର ମରିବା ପରେ ତାଙ୍କପୁଅ ଗୋବିନ୍ଦ ସିଂହ ଦଶମ ଗୁରୁ ହେଲେ । ଗୁରୁ ଗୋବିନ୍ଦ ଶିଖମାନଙ୍କୁ ଭଲରୂପେ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ । ସେମାନେ ସିଂହ ଉପାଧି ନେଲେ ଏବଂ ପ୍ରତ୍ୟେକ ଶିଖ ଜାତିରେ ନିଷ୍ଠାରୂପେ କେତେକ ବିଧି ପାଳନ କଲେ । ପ୍ରତ୍ୟେକ ଶିଖ ମୁଣ୍ଡରେ ବାଳ, ବାଳରେ ପାନିଆ, ହାତରେ କଡ଼ା, ମୁହଁରେ ନିଶ ଦାଢ଼ି ରଖିଲେ ଓ କଚ୍ଛ ମାରିଲେ । ଆଜି ପର୍ଯ୍ୟନ୍ତ ଶିଖମାନେ ଏହି ବିଧି ପାଳି ଆସୁଅଛନ୍ତି । ସେମାନେ ଭାରତର ବଡ ବଳୁଆ ଓ ସାହସୀ ଜାତି ହୋଇ ପାରିଅଛନ୍ତି ।

[ଗୁରୁ ଗୋବିନ୍ଦ ସିଂହ]

ଗୁରୁ ଗୋବିନ୍ଦ ସିଂହ ଶିଖ ସୈନ୍ୟମାନଙ୍କୁ ନେଇ ଅଓରଙ୍ଗ-ଜେବଙ୍କ ସଙ୍ଗେ ଲଢ଼େଇ କଲେ । ତାଙ୍କର ସବୁ ପୁଅ, ଭାର୍ଯ୍ୟା ଓ ମା ଅଓରଙ୍ଗଜେବଙ୍କ କୌଶଳରେ ମଲେ । ତେବେହେଁ ଗୁରୁ

Digitized by PPRACHIN, SOA

ଗୋବିନ୍ଦ ମୋଗଲମାନଙ୍କ ସଙ୍ଗେ ଯୁଦ୍ଧ ଚଳାଇଥିଲେ । ଆଓରଙ୍ଗଜେବ ମଲାପରେ ବାହାଦୁର ସାହ ଦିଲ୍ଲୀର ବାଦସାହ ହେଲେ । ସେ ଗୁରୁ ଗୋବିନ୍ଦଙ୍କର କ୍ଷମତା ଦେଖି ତାଙ୍କର ବିରୋଧୀ ହୋଇ ନ ଥିଲେ । ଶିଖ୍‌ମାନେ ତାଙ୍କ ଗୁରୁଙ୍କ ଅଧୀନରେ ନିଶ୍ଚିନ୍ତରେ ପଞ୍ଜାବରେ ରହିଥିଲେ ।

ଓଡ଼ିଶାରେ ମୋଗଲ ରାଜୁତି

ଅକବର ଦିଲ୍ଲୀ ସମ୍ରାଟ ଥିଲାବେଳେ ଓଡ଼ିଶାର ସ୍ୱାଧୀନତା ଲୋପ ପାଇଥିଲା । ୧୫୬୮ ଖ୍ରୀଷ୍ଟାବ୍ଦଠାରୁ ୧୭୫୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ମୋଗଲମାନଙ୍କ ଅଧୀନରେ ରହିଥିଲା । ମୋଗଲ ସମ୍ରାଟମାନେ ଜଣେ ଜଣେ ସୁବାଦାର ଦ୍ୱାରା ଓଡ଼ିଶା ଶାସନ ଚଳାଉଥିଲେ । ସେମାନେ ଓଡ଼ିଶାକୁ ଦୁଇଭାଗରେ ବିଭକ୍ତ କରିଥିଲେ । ଯେଉଁ ସମୁଦ୍ରକୂଳିଆ ଅଞ୍ଚଳ ମୋଗଲମାନଙ୍କ ନିଜ ଶାସନରେ ଥିଲା ତାହାକୁ ମୋଗଲବନ୍ଦୀ କୁହା ଯାଉଥିଲା । ଯେଉଁ ଅଂଶରେ ହିନ୍ଦୁ ରାଜାମାନେ ସାମନ୍ତ ରାଜାରୂପେ ଶାସନ ଚଳାଉଥିଲେ ଓ ମୋଗଲମାନଙ୍କ ପ୍ରାଧାନ୍ୟ ସ୍ୱୀକାର କରୁଥିଲେ, ତାହାକୁ ଗଡ଼ଜାତ କୁହା ଯାଉଥିଲା । ସୁବାଦାରମାନେ ଯେ କୌଣସି ମତେ ଟଙ୍କା ଅଦାୟ କରି ସନ୍ତୁଷ୍ଟ ଥିଲେ । ଲୋକଙ୍କର ସୁଖ ଦୁଃଖ ପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିଲେ । ଖୋର୍ଦ୍ଧା ଓ ତାହାର ଆଖପାଖ କେତେକ ଅଞ୍ଚଳ ଭୋଇବଂଶ ରାଜାମାନଙ୍କ ଶାସନରେ ଥିଲା । ମୋଗଲମାନଙ୍କ ସମୟରେ ଓଡ଼ିଶାର ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ହୋଇଥିଲା । ମୋଟ ଉପରେ ମୋଗଲମାନଙ୍କ ଶାସନ କାଳରେ ଓଡ଼ିଶାର କିଛି ଉନ୍ନତି ହୋଇ ନ ଥିଲା ।

Digitized by PPRACHIN, SOA

ଏହି ମୋଗଲମାନଙ୍କ ଅଧୀନରେ ଓଡ଼ିଶା ଥିଲାବେଳେ ଇଂରେଜ ବଣିକମାନେ ୧୬୩୩ ଖ୍ରୀଷ୍ଟାବ୍ଦରେ ପ୍ରଥମେ ଓଡ଼ିଶାକୁ ଆସି ବାଣିଜ୍ୟ ସ୍ଥାପନ କରିଥିଲେ ।

ଓଡ଼ିଶାରେ ମରହଟ୍ଟା ରାଜତ୍ୱ (୧୭୫୨—୧୮୦୩)

ଆଓରଙ୍ଗଜେବଙ୍କ ସମୟରୁ ମୋଗଲ ସମ୍ରାଟଙ୍କର କ୍ଷମତା କମି ଆସିଲା । ତାଙ୍କ ପରେ ଯେଉଁମାନେ ଦିଲ୍ଲୀ ସିଂହାସନରେ ବସିଲେ, ସେମାନେ ଦୁର୍ବଳ ଥିଲେ । ନାଦିରସାହଙ୍କ ଆକ୍ରମଣ ଫଳରେ ଭାରତ ଛାରଖାର ହୋଇ ଯାଇଥିଲା । ୧୭୪୦ ଖ୍ରୀଷ୍ଟାବ୍ଦରେ ଅଲିବର୍ଦ୍ଦି ଖାଁ ବଙ୍ଗଳାର ନବାବ ହେଲେ । ସେ ମୋଗଲ ସମ୍ରାଟଙ୍କୁ ନ ମାନି ଓଡ଼ିଶାକୁ ଅଧିକାର କଲେ । କିନ୍ତୁ ଏହି ସମୟରେ ନାଗପୁରର ରଘୁଜୀ ଭୋଁସଲାଙ୍କ ମରହଟ୍ଟା ସୈନ୍ୟମାନେ ବାରମ୍ବାର ବଙ୍ଗଳା ଓ ଓଡ଼ିଶା ଆକ୍ରମଣ କଲେ । ଅଲିବର୍ଦ୍ଦି ଅସ୍ତବ୍ୟସ୍ତ ହୋଇ ସୁବର୍ଣ୍ଣରେଖାର ଦକ୍ଷିଣକୁ ଥିବା ଓଡ଼ିଶାର ଅଂଶଟିକୁ ରଘୁଜୀଙ୍କୁ ଛାଡ଼ି ଦେଲେ । ଓଡ଼ିଶାର ମେଦିନୀପୁର ଅଞ୍ଚଳ ବଙ୍ଗଳା ସହିତ ନିଜ ଶାସନରେ ରଖିଲେ । ସେହି ଦିନଠାରୁ ମେଦିନୀପୁର ଓଡ଼ିଶାଠାରୁ ଅଲଗା ହୋଇଗଲା ।

୧୭୫୨ ଖ୍ରୀଷ୍ଟାବ୍ଦଠାରୁ ୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ମରହଟ୍ଟାମାନଙ୍କ ଶାସନାଧୀନ ଥିଲା । ଜଣେ ମରହଟ୍ଟା ସୁବାଦାର କଟକରେ ରହି ଓଡ଼ିଶା ଶାସନ କରୁଥିଲେ । ମରହଟ୍ଟା ସୈନ୍ୟମାନେ ଓଡ଼ିଶାର ନାନା ସ୍ଥାନ ଲୁଟି କରି ଧନ ସମ୍ପତ୍ତି ନେଇ ଯାଉଥିଲେ । ଏହି ସୈନ୍ୟମାନଙ୍କୁ ବର୍ଗୀ କୁହା ଯାଉଥିଲା । ଏମାନଙ୍କ ଭୟରେ ଲୋକେ ଧନ ସମ୍ପତ୍ତି ଲୁଚାଇ ରଖୁଥିଲେ । ଏମାନେ ଆସିବାର ଜାଣିଲା କ୍ଷଣି ଲୋକେ ଗାଁ ଗଣ୍ଡା ଛାଡ଼ି ବଣକୁ ପଳାଉଥିଲେ ।

Digitized by PPRACHIN, SOA

ମରହଟ୍ଟାମାନଙ୍କ ଶାସନ ଫଳରେ ଓଡ଼ିଶା ଅତି ଦରିଦ୍ର ହୋଇଥିଲା । ସୁବାଦାରମାନେ କେବଳ ଟଙ୍କା ଅଦାୟ କରିବା ଚେଷ୍ଟାରେ ଲାଗିଥିଲେ । ଲୋକଙ୍କ ଉନ୍ନତି ପାଇଁ କିଛିହିଁ କରୁ ନ ଥିଲେ । ସେମାନେ ଅତ୍ୟାଚାରୀ ଥିଲେହେଁ ହିନ୍ଦୁମାନଙ୍କ ଧର୍ମରେ ହସ୍ତକ୍ଷେପ କରୁ ନ ଥିଲେ । ଏମାନଙ୍କ ସମୟରେ କୋଣାର୍କର ଅରୁଣସ୍ତମ୍ଭ ପୁରୀକୁ ଅଣା ଯାଇ ଜଗନ୍ନାଥ ମନ୍ଦିର ସିଂହଦ୍ୱାରରେ ରଖାଯାଇ ଥିଲା । ମରହଟ୍ଟାମାନେ ଅନେକ ଦେବ ଦେବୀଙ୍କ ପାଇଁ ଜମି ଛାଡ଼ି କରି ଦେଇଥିଲେ । ପୁରୀ ମନ୍ଦିରର ଭୋଗ ମଣ୍ଡପ ଏମାନଙ୍କ ଅମଳରେ ତିଆରି ହୋଇଥିଲା ।

ନାଦିର ସାହ

ଆଓରଙ୍ଗଜେବଙ୍କ ପରବର୍ତ୍ତୀ ଦିଲ୍ଲୀ ସମ୍ରାଟ—

୧୭୦୭ ଖ୍ରୀଷ୍ଟାବ୍ଦରେ ଆଓରଙ୍ଗଜେବ ମଲେ । ତାଙ୍କ ଅନନ୍ତର ତାଙ୍କ ପୁଅ ବାହାଦୁର ସାହ ସିଂହାସନରେ ବସିଲେ । ସେ ପ୍ରାୟ ୫ ବର୍ଷ ସିଂହାସନରେ ଥିଲେ । ବାହାଦୁର ସାହ ୧୭୧୨ ଖ୍ରୀଷ୍ଟାବ୍ଦରେ ମରିଯିବାରୁ ତାଙ୍କ ବଡ଼ ପୁଅ ଜହନ୍ଦାର ସାହା ସମ୍ରାଟ୍ ହେଲେ । କିନ୍ତୁ ପ୍ରାୟ ବର୍ଷକ ପରେ ସେ ସିଂହାସନରୁ ତଡ଼ା ହେଲେ ଓ ଫରୁକ୍-ସେୟାର୍ ସମ୍ରାଟ ହେଲେ । ଫରୁକ୍‌ସେୟାରଙ୍କ ପରେ ଜଣକ ପରେ ଜଣେ ରାଜା ହୋଇଥିଲେ । କିନ୍ତୁ ଏମାନେ ନାମ ମାତ୍ର ରାଜା ଥିଲେ ଓ ଅଳ୍ପ କେତେ ମାସ ରାଜତ୍ୱ କରିଥିଲେ । ମହମ୍ମଦ ସାହ ୧୭୧୯ ଖ୍ରୀଷ୍ଟାବ୍ଦରେ ସମ୍ରାଟ୍ ହୋଇଥିଲେ । ଏହାଙ୍କ ଅମଳରେ ମୋଗଲ-ସାମ୍ରାଜ୍ୟର ବଳ ଏକାବେଳକେ କମି ଯାଇଥିଲା ଏବଂ ଗୋଳମାଳ ଲାଗି ରହିଥିଲା ।

Digitized by PPRACHIN, SOA

ନାଦରଶାହଙ୍କ ଭାରତ ଆକ୍ରମଣ—ଏହି ସମୟରେ ପାରସ୍ୟରେ ନାଦର ସାହ ବୋଲି ଜଣେ ରାଜା ଥିଲେ । ସେ ଶୁଣିଲେ ଯେ, ଭାରତରେ ଧନ ରତ୍ନ ପୂରି ରହିଛି ଏବଂ ଦିଲ୍ଲୀ ସମ୍ରାଟଙ୍କର ସେପରି କ୍ଷମତା ନାହିଁ । ତେଣୁ ୧୭୩୯ ଖ୍ରୀଷ୍ଟାବ୍ଦରେ ସେ ଭାରତ ଆକ୍ରମଣ କଲେ ଓ ଦିଲ୍ଲୀ ସହରରେ ପଶିଲେ । ଦିନେ ଶୁଣାଗଲା ଯେ ନାଦର ସାହ ମରି ଗଲେଣି । ଦିଲ୍ଲୀର ଲୋକେ ଏଥିରେ ସାହସ ପାଇ ତାଙ୍କର କେତେକ ସୈନ୍ୟଙ୍କୁ ମାରିପକାଇଲେ ନାଦର ସାହ ରାଗରେ ଜଳି ଉଠିଲେ । ତାଙ୍କ ହୁକୁମରେ ସୈନ୍ୟ-ମାନେ ଦିଲ୍ଲୀର ସ୍ତ୍ରୀ, ପିଲା, ବୁଢ଼ା, ବୁଢ଼ୀ, ଯୁବକ, ଯୁବତୀ ସମସ୍ତଙ୍କୁ ମାରିବାରେ ଲାଗିଲେ । ପାଞ୍ଚ ଦିନ ଯାଏ ଏହିପରି ଚାଲିଲା । ଦିଲ୍ଲୀ ସହର ରକ୍ତ ସୁଅରେ ଭାସିଲା । ତାଙ୍କ ସୈନ୍ୟମାନେ ଦିଲ୍ଲୀ ସହର ଲୁଟି କରି କୋଡ଼ିଏ କୋଟି ଟଙ୍କାର ସମ୍ପତ୍ତି ପାଇଲେ । ମହମ୍ମଦ-ସାହ ନାଦରସାହଙ୍କୁ ନିଜର ମୟୂର ସିଂହାସନ ଓ କୋହିନୂର ହୀରା ସହିତ ଅନେକ ଧନରତ୍ନ ଦେଲେ । ଏହିପରି ପ୍ରାୟ ଦୁଇମାସ ଦିଲ୍ଲୀରେ ରହି ନାଦରସାହ ଧନରତ୍ନ ନେଇ ଆପଣା ଦେଶକୁ ଫେରି ଗଲେ । ସିନ୍ଧୁନଦୀର ପଶ୍ଚିମ ପାଖେ ଥିବା ଅଂଶ ପାରସ୍ୟ ରାଜ୍ୟ ସହିତ ମିଶିଗଲା ।

ପ୍ରଶ୍ନ

୧ । ନିଜକୁ ଶିବାଜୀ ମନେ କରି ତୁମ୍ଭର ଜୀବନ ଚରିତ ସଂକ୍ଷେପରେ ବର୍ଣ୍ଣନ କର ।

୨ । ଶିବାଜୀ କିପରି କୌଶଳ କରି ବନ୍ଦୀଶାଳାରୁ ମୁକ୍ତି ପାଇ ଛତ୍ରପତି ନାମ ଧାରଣ କରିଥିଲେ ?

୩ । ଶୂନ୍ୟସ୍ଥାନ ପୂରଣ କର ।

Digitized by PPRACHIN, SOA

(କ)—ପ୍ରଥମ ପେଶବା ଅଟନ୍ତି ।

(ଖ) ମରହଟ୍ଟା ରାଜ୍ୟ——ରାଜ୍ୟରେ ବିଭକ୍ତ ହୋଇଗଲା । ପୁନାରେ—, ଗୁଆଲିଅରରେ—, ନାଗପୁରରେ—, ଇନ୍ଦୋରରେ, —ଗାଇକୋବାଡ଼ ବଂଶ—କରିବାକୁ ଲାଗିଲେ ।

(ଗ)——ଶିଖ ଧର୍ମର ପ୍ରତିଷ୍ଠାତା ।

(୪) ନିମ୍ନଲିଖିତ ବାକ୍ୟରେ ଐତିହାସିକ ଅଶୁଦ୍ଧି ଥିଲେ ତାହା ସଂଶୋଧନ କରି ଲେଖ:—

(କ) ନାଗପୁରର ମରହଟ୍ଟାମାନେ ଦକ୍ଷିଣ ଭାରତର ପଞ୍ଜାବ ପର୍ଯ୍ୟନ୍ତ ଆକ୍ରମଣ କରିଥିଲେ ।

(ଖ) ଦାଦାଜୀ କୋଣ୍ଡଦେବ ଅଲିବର୍ଦ୍ଦି ଖାଁଙ୍କ ଗୁରୁ ଅଟନ୍ତି ।

୫ । ମରହଟ୍ଟାମାନେ କପରି ଓଡ଼ିଶା ଦଖଲ କରିଥିଲେ ?

୬ । ସଂକ୍ଷିପ୍ତ ପରିଚୟ ଦିଅ—ଶିଖଜାତି, ଗୁରୁଗୋବିନ୍ଦ ସିଂହ, ତେଗ୍ ବାହାଦୁର, ଫରୁକ୍ ସେୟାର ।

୭ । କେଉଁ ଦୁର୍ଦ୍ଧାନ୍ତ ରାଜା କୋହିନୂର ହୀରକ ଓ ମୟୂର ସିଂହାସନ ଭାରତରୁ ଲୁଟି କରି ନେଇ ଥିଲେ ?

୮ । ଆଗପଛ ସଜାଇ ଲେଖ:—ନାଦିରସାହଙ୍କ ଭାରତ ଆକ୍ରମଣ, ଓଡ଼ିଶାରେ ମରହଟ୍ଟା ରାଜତ୍ୱ, ଗୋବିନ୍ଦସିଂହ, ତୃତୀୟ ପାନିପଥ ଯୁଦ୍ଧ, ଛତ୍ରପତି ଶିବାଜୀ, ସଂଗ୍ରାମସିଂହ, ଶେରଶାହ, ବୈରାମ ଖାଁ, ବୀରବଲ, ରାଣୀ ଦୁର୍ଗାବତୀ, ଶାହାଜାହାନ, ମୁକୁନ୍ଦ ହରିଚନ୍ଦନ, ଜାହାଙ୍ଗୀର ।

Digitized by PPRACHIN, SOA

ତୃତୀୟ ଅଧ୍ୟାୟ

ଭାରତରେ ଗୋରା ବେପାରୀ

ଗୋରା ଜାତି—ଭାରତର ପଶ୍ଚିମ ଆଡ଼େ ଇଉରୋପ ମହାଦେଶ ଅଛି । ଇଂଲଣ୍ଡ, ହଲାଣ୍ଡ, ପର୍ତ୍ତୁଗାଲ, ଫ୍ରାନ୍ସ ପ୍ରଭୃତି ଇଉରୋପର ଗୋଟିଏ ରାଜ୍ୟ । ଏହିସବୁ ଦେଶର ଲୋକେ ଭିନ୍ନ ଭିନ୍ନ ଭାଷା କହନ୍ତି । କିନ୍ତୁ ସମସ୍ତଙ୍କର ଦେହର ରଙ୍ଗ ଗୋରା ହୋଇଥିବାରୁ ଆମ ଦେଶର ଲୋକେ ସେମାନଙ୍କୁ ଗୋରା ଜାତି କହନ୍ତି । ପ୍ରକୃତରେ ପ୍ରତି ଜାତିର ଗୋଟିଏ ଗୋଟିଏ ନାଁ ଅଛି । ଇଂଲଣ୍ଡର ଲୋକଙ୍କୁ ଇଂରେଜ, ପର୍ତ୍ତୁଗାଲର ଲୋକଙ୍କ ପର୍ତ୍ତୁଗୀଜ, ଫ୍ରାନ୍ସର ଲୋକଙ୍କୁ ଫରାସୀ, ଡେନ୍ମାର୍କର ଲୋକଙ୍କୁ ଦିନାମାର ଓ ହଲାଣ୍ଡର ଲୋକଙ୍କୁ ଓଲନ୍ଦାଜ କୁହାଯାଏ ।

ଭାରତରେ ପର୍ତ୍ତୁଗୀଜ—୧୪୯୮ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗାଲ ଦେଶର ଭାସ୍କୋଡ଼ଗାମା ପ୍ରଥମେ ଭାରତକୁ ଆସି କାଲିକଟ୍‌ରେ ପହଞ୍ଚିଲେ । ତାଙ୍କ ପଛରେ ପର୍ତ୍ତୁଗୀଜମାନେ ଗୋଆ, କୋଚିନ, ଡ଼ିଉ, ହୁଗୁଲି ଓ ଚଟ୍ଟାଗାଁ ପ୍ରଭୃତି କେତେକ ସ୍ଥାନରେ ରହି ବାଣିଜ୍ୟ କୋଠି ତିଆରି କରିଥିଲେ । ଏମାନଙ୍କର ସ୍ୱଭାବ ଭଲ ନ ଥିଲା । ସୁବିଧା ଦେଖି ଅନ୍ୟମାନଙ୍କ ବାଣିଜ୍ୟ ଜାହାଜ ଏମାନେ ଲୁଟି କରୁଥିଲେ । ଏମାନେ ପ୍ରାୟ

[ଭାସ୍କୋଡ଼ଗାମା]

Digitized by PPRACHIN, SOA

ଏକଶହ ବର୍ଷ ପର୍ଯ୍ୟନ୍ତ ବ୍ୟବସାୟ ଚଳାଇବା ପରେ ଆପଣା ରାଜ୍ୟକୁ ପଳାଇ ଯାଇଥିଲେ ।

ଓଲନ୍ଦାଜ ଜାତି—୧୬୦୨ ଖ୍ରୀଷ୍ଟାବ୍ଦରେ ହଲଣ୍ଡର କେତେକ ବେପାରୀ ଭାରତରେ ବାଣିଜ୍ୟ କରିବା ପାଇଁ ଗୋଟିଏ କମ୍ପାନୀ ଗଢ଼ିଲେ । ସେତେବେଳକୁ ପର୍ତ୍ତୁଗୀଜମାନେ ଭାରତରେ ବାଣିଜ୍ୟ କରୁଥିଲେ । ଓଲନ୍ଦାଜମାନେ ତାଙ୍କ ସହିତ ଯୁଦ୍ଧ କରୁଥିଲେ । ଭାରତର ବାଲେଶ୍ୱର, ହୁଗୁଳି, ମସଲିପଟ୍ଟମ୍, ଚିନ୍‌ସୁରା ପ୍ରଭୃତି କେତେକ ସ୍ଥାନରେ ସେମାନେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ । ଭାରତ ଛଡ଼ା ଭାରତୀୟ ଦ୍ୱୀପପୁଞ୍ଜରେ ମଧ୍ୟ ସେମାନଙ୍କର ବାଣିଜ୍ୟ ଚଳୁଥିଲା ।

ଏହି ସମୟରେ ଇଂରେଜ ଓ ଫରାସୀମାନଙ୍କ ସହିତ ତାଙ୍କର ଭାରତରେ ବ୍ୟବସାୟ କରିବା ପାଇଁ ବାରମ୍ବାର ଯୁଦ୍ଧ ହୋଇଥିଲା । ଶେଷରେ ଓଲନ୍ଦାଜମାନେ ଭାରତ ଛାଡ଼ି ଚାଲିଯାଇଥିଲେ ।

ଦିନେମାର ଜାତି—ଦିନେମାରମାନେ ୧୬୧୬ ଖ୍ରୀଷ୍ଟାବ୍ଦରେ ଭାରତକୁ ଆସି ଶ୍ରୀରାମପୁରରେ ଗୋଟିଏ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ ଓ କେତେଦିନ ଯାଏ ଶାନ୍ତିରେ ବାଣିଜ୍ୟ କରୁଥିଲେ । କିନ୍ତୁ ପରେ ଦିନେମାରମାନେ ଭାରତରେ ବ୍ୟବସାୟ ଛାଡ଼ି ଦେଇଥିଲେ । ତାଙ୍କର ଶ୍ରୀରାମପୁର କୋଠିକୁ ଇଂରେଜମାନେ କିଣି ନେଇଥିଲେ ।

ଇଂରେଜ ଜାତି—୧୬୦୦ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବୋଲି ଗୋଟିଏ ଇଂରେଜ ବଣିକ ଦଳ ଗଢ଼ାଗଲା । ଦୁଇଜଣ ଇଂରେଜ ରାଜଦୂତ ଜାହାଙ୍ଗୀରଙ୍କ ପାଖକୁ ଯାଇ ଭାରତରେ ଇଂରେଜମାନେ ବାଣିଜ୍ୟ କରିବା ପାଇଁ ଅନୁମତି ପାଇଲେ । ପ୍ରଥମେ ପର୍ତ୍ତୁଗୀଜମାନେ ତାଙ୍କର ବିରୋଧୀ ହୋଇଥିଲେ । କିନ୍ତୁ

Digitized by PPRACHIN, SOA

ଇଂରେଜମାନେ ସେମାନଙ୍କୁ ହଟାଇ ଦେଲେ । ସୁରଟ୍, ମସଲିପଟ୍ଟମ୍, ବାଲେଶ୍ୱର, ପିପିଲି, ହୁଗୁଳି, ଢାକା, ପାଟଣା ପ୍ରଭୃତିରେ ସେମାନଙ୍କର ବାଣିଜ୍ୟ କୋଠି ହୋଇଥିଲା । ସେମାନେ ଅସ୍ତେ ଅସ୍ତେ ଭାରତରେ କ୍ଷମତା ବଢ଼ାଇଲେ । କଲିକତା, ମାନ୍ଦ୍ରାଜ ଓ ବମ୍ବେଇରେ ସେମାନେ ଗୋଟିଏ ଗୋଟିଏ ଦୁର୍ଗ ତିଆରି କଲେ ।

ଫରାସୀ ଜାତି—ଇଂରେଜମାନଙ୍କ ପରି ଫରାସୀମାନେ ମଧ୍ୟ ଗୋଟିଏ ବନ୍ଧୁଆ ଜାତି । ସେମାନେ ଫରାସୀ ଇଷ୍ଟ ଇଣ୍ଡିଆ କମ୍ପାନୀ ବୋଲି ଗୋଟିଏ ବଣିକ ଦଳ ଗଢ଼ି ଭାରତକୁ ବାଣିଜ୍ୟ କରିବାକୁ ଆସିଲେ । ସେମାନେ ୧୬୭୪ ଖ୍ରୀଷ୍ଟାବ୍ଦରେ ପଣ୍ଡିଚେରୀକୁ କିଣି ନେଇଥିଲେ । ୧୬୯୮ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ଚନ୍ଦନନଗର ତାଙ୍କ ଅଧିକାରରେ ଆସିଲା । ଏହାପରେ ସେମାନେ ଅସ୍ତେ ଅସ୍ତେ ଭାରତର ମାହେ, କାରିକଲ ପ୍ରଭୃତି ସ୍ଥାନମାନଙ୍କରେ କୋଠିମାନ ତିଆରି କଲେ । ଇଂରେଜମାନଙ୍କ ସହିତ ଫରାସୀମାନେ ଅନେକ ଦିନ ଯାଏ ବାଣିଜ୍ୟରେ ଶତ୍ରୁତା କରିଥିଲେ । ଏହା ଫଳରେ ଇଂରେଜ ଓ ଫରାସୀଙ୍କ ମଧ୍ୟରେ ଅନେକ ଥର ଯୁଦ୍ଧ ହୋଇଥିଲା । ଭାରତର ରାଜାମାନଙ୍କ ମଧ୍ୟରୁ କେହି ଇଂରେଜଙ୍କୁ ବା କେହି ଫରାସୀଙ୍କୁ ସାହାଯ୍ୟ କରୁଥିଲେ । ଶେଷରେ ଫରାସୀ କ୍ଷମତା ଲୋପ ପାଇଥିଲା ଓ ଇଂରେଜମାନେ ଭାରତ ଦଖଲ କରି ରହିଲେ । ଏବେ ମଧ୍ୟ ପଣ୍ଡିଚେରୀ ଫରାସୀ ଅଧୀନରେ ଅଛି ।

କ୍ଲାଇଭ ଓ ଡୁପ୍ଲେ

କ୍ଲାଇଭ—କ୍ଲାଇଭ ଇଂଲଣ୍ଡର ଗୋଟିଏ ଗରିବଘରେ ଜନ୍ମିଥିଲେ । ପିଲାଦିନୁ ସେ ବଡ଼ ଦୁଷ୍ଟ ଥିଲେ । ସେ କାହାକୁ ମାନୁ

Digitized by PPRACHIN, SOA

ନ ଥିଲେ । ସ୍କୁଲର ଶିକ୍ଷକ ତାଙ୍କର ଦୁଷ୍ଟାମି ଦେଖି ତାଙ୍କୁ ସ୍କୁଲରୁ ବାହାର କରିଦେଲେ । ଏହି ସମୟରେ ଇଂଲଣ୍ଡର ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ ବ୍ୟବସାୟ କରୁଥିଲେ । କମ୍ପାନୀରେ କାମ କରିବାକୁ ତାଙ୍କର ବାପ ତାଙ୍କୁ ଭାରତକୁ ପଠାଇ ଦେଲେ ।

କ୍ଲାଇବ ମାନ୍ଦ୍ରାଜରେ ଗୋଟି କରାଣୀ ଗୃକର କଲେ । ଭାରତର ଗରମ ଜଳବାୟୁ ତାଙ୍କ ଦେହରେ ଆଦୌ ଖୋଲା ନାହିଁ । ସେ ଥରକୁଥର ବେମାରରେ ପଡୁଥିଲେ । ତେଣୁ ତାଙ୍କର ନିଜ ଦେଶକୁ ଯିବାକୁ ଭାରି ଇଚ୍ଛା ହେଲା, ମାତ୍ର ତାଙ୍କ ବାପା ତାହା କରାଇ ଦେଲେ ନାହିଁ । ମନ ଦୁଃଖରେ ସେ ତିନିଥର ଗୁଳି ଦ୍ୱାରା ଆତ୍ମହତ୍ୟା କରିବା ପାଇଁ ଚେଷ୍ଟା କଲେ । ବଡ଼ ଆଶ୍ଚର୍ଯ୍ୟର କଥା, ତାଙ୍କ ଦେହରେ ଗୁଳି ବାଜିଲା ନାହିଁ । ତେଣୁ ସେ ଭାବିଲେ ମୋ ଦ୍ୱାରା କିଛି ବଡ଼ କାମ ହେବ ବୋଲି ମୋର ମରିବା ପ୍ରଭୁଙ୍କର ଇଚ୍ଛା ନୁହେଁ ।

[କ୍ଲାଇବ]

ସତକୁସତ ଈଶ୍ୱରଙ୍କ ଇଚ୍ଛା ପୂର୍ଣ୍ଣ ହେଲା । କ୍ଲାଇବ ଭାରତରେ ଇଂରେଜ ସାମ୍ରାଜ୍ୟ ପ୍ରତିଷ୍ଠା କଲେ ।

ପ୍ରଥମ କର୍ଣ୍ଣାଟ ସମର—୧୭୪୬ ଖ୍ରୀଷ୍ଟାବ୍ଦରେ ଇଉ-ରୋପରେ ଇଂରେଜ ଓ ଫରାସୀଙ୍କ ମଧ୍ୟରେ ଗୋଟିଏ ଯୁଦ୍ଧ ହେଲା । ତେଣୁ ଭାରତରେ ବେପାର କରୁଥିବା ଇଂରେଜ ଓ ଫରାସୀଙ୍କ

Digitized by PPRACHIN, SOA

ଭିତରେ ଯୁଦ୍ଧ ଲାଗିଲା । ଫରାସୀମାନେ ଇଂରେଜଙ୍କ ମାନ୍ଦ୍ରାଜ ସହର ଅଧିକାର କରି ନେଲେ । ମାନ୍ଦ୍ରାଜ ସହର କର୍ଣ୍ଣାଟ ରାଜ୍ୟରେ ଥିଲା; କର୍ଣ୍ଣାଟର ନବାବ ଏମାନଙ୍କୁ ଯୁଦ୍ଧ ବନ୍ଦ କରିବାକୁ କହିଲେ । କିନ୍ତୁ ଫରାସୀ ଶାସନକର୍ତ୍ତା ଡୁପ୍ଲେ ତାଙ୍କ କଥା ନ ମାନି ଯୁଦ୍ଧ ଚଳାଇଲେ । ଡୁପ୍ଲେଙ୍କ ସହିତ ନବାବଙ୍କର ଯୁଦ୍ଧ ହେଲା । ଏଥିରେ ନବାବ ଓ ଇଂରେଜମାନେ ହାରିଗଲେ । ଏହି ସମୟରେ ଇଉରୋପରେ ଯୁଦ୍ଧ ବନ୍ଦ ହେବାରୁ ଭାରତରେ ଏହି ଦୁଇ ଜାତିଙ୍କ ମଧ୍ୟରେ ଯୁଦ୍ଧ ବନ୍ଦ ହୋଇଗଲା । ଫରାସୀମାନେ ଇଂରେଜମାନଙ୍କୁ ମାନ୍ଦ୍ରାଜ ଫେରାଇ ଦେଲେ । ଏହାକୁ ପ୍ରଥମ କର୍ଣ୍ଣାଟ ସମର କହନ୍ତି ।

ଦ୍ୱିତୀୟ କର୍ଣ୍ଣାଟ ସମର—୧୭୪୮ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦର ନିଜାମ ମରିଯିବାରୁ ସିଂହାସନ ପାଇଁ ତାଙ୍କ ପୁଅ ନାଜିରଜଙ୍ଗ ଓ ତାଙ୍କର ଝିଅର ପୁଅ ମଜଫରଜଙ୍ଗଙ୍କ ଭିତରେ କଳି ଲାଗିଲା । ଫରାସୀମାନେ ମଜଫରଜଙ୍ଗଙ୍କୁ ସାହାଯ୍ୟ ଦେଲେ । ଚନ୍ଦା ସାହେବ ବୋଲି ଜଣେ ଲୋକ କର୍ଣ୍ଣାଟର ନବାବ ହେବାକୁ ଦାବୀ କଲେ । ଚନ୍ଦାସାହେବ ଫରାସୀଙ୍କଠାରୁ ସାହାଯ୍ୟ ପାଇ କର୍ଣ୍ଣାଟ ଆକ୍ରମଣ କଲେ ଓ ନବାବଙ୍କୁ ମାରି ପକାଇଲେ । ନବାବଙ୍କ ପୁଅ ମହମ୍ମଦ ଅଲି ତ୍ରିଚିନାପଲ୍ଲୀକୁ ପଳାଇ ଯାଇ ଇଂରେଜଙ୍କ ଆଶ୍ରୟ ମାଗିଲେ । ତେଣେ ନାଜିରଜଙ୍ଗ ଇଂରେଜଙ୍କ ସାହାଯ୍ୟରେ ହାଇଦ୍ରାବାଦର ନିଜାମ ହେଲେ; କିନ୍ତୁ ଅଳ୍ପଦିନ ପରେ ମରି ଯିବାରୁ ମଜଫରଜଙ୍ଗ ସିଂହାସନ ପାଇଲେ ।

ଡୁପ୍ଲେଙ୍କର କ୍ଷମତା ଦାକ୍ଷିଣାତ୍ୟରେ ଖୁବ୍ ବଢ଼ିଗଲା । ୧୭୫୧ ଖ୍ରୀଷ୍ଟାବ୍ଦରେ ମଜଫରଜଙ୍ଗଙ୍କର ମୃତ୍ୟୁ ହେବାରୁ ଡୁପ୍ଲେ

Digitized by PPRACHIN, SOA

ସଲାବତଜଙ୍ଗଙ୍କୁ ନିଜାମ କଲେ ଓ ଦଳେ ଫରାସୀ ସୈନ୍ୟ ତାଙ୍କୁ ସାହାଯ୍ୟ କଲେ । ଏହି ସୈନ୍ୟଙ୍କ ଚଳିବା ପାଇଁ ନିଜାମ ଉତ୍ତର ସରକାର ଛାଡ଼ି ଦେଇଥିଲେ । ଇଂରେଜମାନଙ୍କର ତ୍ରିଚିନାପଲ୍ଲୀ ଦଖଲ କରିବା ଫରାସୀମାନଙ୍କର ମତଲବ ଥିଲା । ଚନ୍ଦାସାହେବ ତ୍ରିଚିନାପଲ୍ଲୀ ଆକ୍ରମଣ କଲେ ।

ଏହି ସମୟରେ କିରାଣୀ କାମ କରୁଥିବା କ୍ଲାଇବ କିରାଣୀଗିରି ଛାଡ଼ି ଯୁଦ୍ଧ କରିବାକୁ ବାହାରି ପଡ଼ିଲେ । ସେ ୨୦୦ ଇଂରେଜ ଓ ୪୦୦ ସିପାହୀ ନେଇ କର୍ଣ୍ଣାଟର ରାଜଧାନୀ ଆର୍କଟ ଅଧିକାର କରି ନେଲେ । ଚନ୍ଦା ସାହେବ ଆର୍କଟ ଉଦ୍ଧାର କରିବା ପାଇଁ ଦଳେ ସୈନ୍ୟ ପଠାଇଲେ । କିନ୍ତୁ କ୍ଲାଇବ ୫୩ ଦିନ ପର୍ଯ୍ୟନ୍ତ ଦୁର୍ଗ ରକ୍ଷା କରି ପାରିଥିଲେ । ଏହାପରେ ସେ ଫରାସୀମାନଙ୍କୁ ପରାସ୍ତ କରି ତ୍ରିଚିନାପଲ୍ଲୀ ଅଧିକାର କଲେ । ମହମ୍ମଦ ଅଲି କର୍ଣ୍ଣାଟର ନବାବ ହେଲେ ଓ ଚନ୍ଦା ସାହେବ ତାଞ୍ଜୋରକୁ ପଳାଇ ଗଲେ । ସେଠାରେ ତାଙ୍କୁ ହତ୍ୟା କରାଯାଇଥିଲା । ଇଂରେଜମାନେ ଏହିପରି ଫରାସୀମାନଙ୍କୁ ହଟାଇ ନିଜର ଅସ୍ଥାନ ଜମାଇଲେ । ଏହାର ନାମ ଦ୍ୱିତୀୟ କର୍ଣ୍ଣାଟ ସମର ।

ସିରାଜ ଉଦ୍ଦୌଲା ଓ ପଲାସୀ ଯୁଦ୍ଧ

ସିରାଜ ଉଦ୍ଦୌଲା—ବଙ୍ଗଳାର ନବାବ ଅଲିବର୍ଦ୍ଦିଖାଁଙ୍କ ବିଷୟ ତୁମ୍ଭେମାନେ ଜାଣିଅଛ । ୧୭୫୬ ଖ୍ରୀଷ୍ଟାବ୍ଦରେ ସେ ମଲେ । ତାଙ୍କ ପରେ ତାଙ୍କ ଝିଅର ପୁଅ ସିରାଜ ଉଦ୍ଦୌଲା ବଙ୍ଗଳାର ନବାବ ହେଲେ । ଏହି ସମୟରେ ଇଂରେଜମାନେ ବଙ୍ଗଳାରେ ଆପଣାଙ୍କୁ

Digitized by PPRACHIN, SOA

[ସିରାଜ ଉଦ୍ଦୌଲା]

ଦୃଢ଼ କରିବାକୁ ଲାଗିଥିଲେ । ସେମାନେ କଲିକତାର ଫୋର୍ଟ ଉଇଲିଅମ୍ ଦୁର୍ଗକୁ ମରାମତି କରି ବଢ଼ାଉ ଥିଲେ । ସିରାଜ ସେମାନଙ୍କୁ ଏପରି ନ କରିବାକୁ କହିଲେ ସୁଦ୍ଧା ସେମାନେ ଶୁଣିଲେ ନାହିଁ । ରାଗରେ ସିରାଜ ଉଦ୍ଦୌଲା କଲିକତା ଆକ୍ରମଣ କଲେ । କେତେକ ଇଂରେଜ ମଲେ । କେତେକ ପଳାଇଲେ, ଆଉ କେତେକ ତାଙ୍କ ହାତରେ ବନ୍ଦୀ ହେଲେ ।

ଇଂରେଜଙ୍କର ପୁଣି କଲିକତା ଅଧିକାର—

କଲିକତାରେ ଇଂରେଜଙ୍କ ଦୁର୍ଦ୍ଦଶା କଥା ଜାଣିପାରି କ୍ଲାଇବ ମାନ୍ଦ୍ରାଜରୁ ଦଳେ ସୈନ୍ୟ ନେଇ କଲିକତାରେ ଆସି ପହଞ୍ଚିଲେ । ଆଉ ଦଳେ ସୈନ୍ୟ ମଧ୍ୟ ଜାହାଜରେ ବସି ମାନ୍ଦ୍ରାଜରୁ କଲିକତା ଆସିଲେ । ସେମାନେ ସିରାଜଙ୍କ ସଙ୍ଗେ ଯୁଦ୍ଧ କରି ତାଙ୍କୁ ହଟାଇ ଦେଲେ ଓ ପୁଣି କଲିକତା ଅଧିକାର କରିନେଲେ ।

ମିରଜାଫର—ସିରାଜ ଅଲିବର୍ଦ୍ଦିଙ୍କର ନାତି । ସେ ବଙ୍ଗଳାର ନବାବ ହୋଇଥିଲେ । ଅଲିବର୍ଦ୍ଦିଙ୍କର ଭିଣୋଇ ମିରଜାଫର ତାଙ୍କର ସେନାପତି ଥିଲେ । ସେ ସମୟରେ ବଙ୍ଗଳାର କେତେକ ଲୋକ ସିରାଜ ଉଦ୍ଦୌଲାଙ୍କୁ ନବାବ ଗାଦିରୁ ତଡ଼ି ମିରଜାଫରଙ୍କୁ ଗାଦିରେ ବସାଇବାକୁ ଚେଷ୍ଟା କରୁଥିଲେ । କ୍ଲାଇବ ସେମାନଙ୍କ ସଙ୍ଗେ ମିଶିଲେ । ଏ ନଣ ଫରାସୀମାନେ ନବାବଙ୍କ ଆଶ୍ରୟ

Digitized by PPRACHIN, SOA

ନେଇଥାନ୍ତି । କ୍ଲାଇବ ଫରାସୀମାନଙ୍କ ଚନ୍ଦନନଗର ଆକ୍ରମଣ କଲେ । ନବାବ ମନାକଲେ ସତ; କିନ୍ତୁ କ୍ଲାଇବ ତାଙ୍କ କଥା ମାନିଲେ ନାହିଁ ।

ପଲାସୀ ଯୁଦ୍ଧ—ଚନ୍ଦନନଗର ଅଧିକାର କରି ଇଂରେଜମାନେ ନବାବଙ୍କୁ ଆକ୍ରମଣ କଲେ । ନବାବ ପଚାଶ ହଜାର ସୈନ୍ୟ ନେଇ ପଲାସୀଠାରେ ଇଂରେଜଙ୍କ ସଙ୍ଗେ ଯୁଦ୍ଧ କଲେ । ସିରାଜଉଦ୍ଦୌଲାଙ୍କର ବିଶ୍ୱାସୀ ସେନାପତି ମୀରମଦନ ଯୁଦ୍ଧରେ ମରିଗଲେ । ମିରଜାଫରଙ୍କ ପରାମର୍ଶରେ ସେଦିନ ପାଇଁ ଯୁଦ୍ଧ ବନ୍ଦ ରଖିବା ସ୍ଥିର ହେଲା । ନବାବ ଯୁଦ୍ଧକ୍ଷେତ୍ରରୁ ଗୃହକୁ ପଳାଇବା ପରେ ମିରଜାଫରଙ୍କ ପୁଅ ତାଙ୍କୁ ମାରି ପକାଇଲା । ଇଂରେଜମାନଙ୍କ ସାହାଯ୍ୟରେ ମିରଜାଫର ବଙ୍ଗଳାର ନବାବ ହୋଇ ବସିଲେ । କେତେଜଣ ବିଶ୍ୱାସଘାତକଙ୍କ ଯୋଗେ ବଙ୍ଗଳାରେ ଇଂରେଜବଳ ବଢ଼ିଗଲା । ମିରଜାଫର ଇଂରେଜମାନଙ୍କୁ ଚବିଶ ପ୍ରଗଣା ଜମିଦାରୀ ଛାଡ଼ି ଦେଲେ ଓ ନଗଦ ଏକକୋଟି ଦଶଲକ୍ଷ ଟଙ୍କା ଦେଲେ ।

ତୃତୀୟ କର୍ଣ୍ଣାଟ ସମର

ଫରାସୀ ଓ ଇଂରେଜ—ଇଉରୋପରେ ଫରାସୀ ଓ ଇଂରେଜଙ୍କ ଭିତରେ ଯେଉଁ ସନ୍ଧି ହୋଇଥିଲା ତାହା ବେଶି ଦିନ ରହିଲା ନାହିଁ । ୧୭୫୬ ଖ୍ରୀଷ୍ଟାବ୍ଦରେ ପୁଣି ଯୁଦ୍ଧ ଲାଗିଲା । ଭାରତରେ ଏ ଦୁଇଜାତି ମଧ୍ୟରେ କ୍ଷମତା ବଢ଼ାଇବା ପାଇଁ ବିବାଦ ଲାଗି ରହିଥିଲା । ଇଂରେଜମାନେ ବଙ୍ଗଳାରେ ନିଜ କ୍ଷମତା ବଢ଼ାଉଥିଲେ । ଶେଷରେ ଫରାସୀମାନେ ଦେଖିଲେ ଯେ, ଭାରତକୁ ବେଶି ସୈନ୍ୟ ପଠାଇ ଇଂରେଜଙ୍କୁ ନ ଦବାଇଲେ ଚଳିବ ନାହିଁ ।

Digitized by PPRACHIN, SOA

ତୃତୀୟ କର୍ଣ୍ଣାଟ ସମର—ଲାଲି ନାମରେ ଜଣେ ଫରାସୀ ସେନାପତି ଦଳେ ଫରାସୀ ସୈନ୍ୟ ନେଇ ଭାରତରେ ପହଞ୍ଚିଲେ । କ୍ଲାଇବ ବଙ୍ଗଳାରେ ଫରାସୀମାନଙ୍କର ଚନ୍ଦନନଗର ଆକ୍ରମଣ କଲେ । ତେଣେ ଲାଲି ଇଂରେଜଙ୍କର ସେଣ୍ଟ ଡେଭିଡ଼ବୋଲି ଗୋଟିଏ ଦୁର୍ଗ ଅଧିକାର କରିନେଇ ତାଞ୍ଜୋର ଦୁର୍ଗ ଆକ୍ରମଣ କଲେ; ମାତ୍ର ଅଧିକାର କରିପାରିଲେ ନାହିଁ । ତା ପରେ ସେ ମାନ୍ଦ୍ରାଜ ସହର ଆକ୍ରମଣ କଲେ । କିନ୍ତୁ ୧୭୫୯ ଖ୍ରୀଷ୍ଟାବ୍ଦରେ କେତେକ ଇଂରେଜ ଯୁଦ୍ଧଜାହାଜ ଆସି ଭାରତରେ ପହଞ୍ଚିବାରୁ ଫରାସୀମାନେ ମାନ୍ଦ୍ରାଜ ଛାଡ଼ି ଚାଲିଗଲେ । ତା ପରେ ଲାଲି ୱାଣ୍ଡିୱାସ ଆକ୍ରମଣ କଲେ, କିନ୍ତୁ ଇଂରେଜ ସେନାପତି ଆୟାରକୁଟ ତାଙ୍କୁ ଏହି ଯୁଦ୍ଧରେ ପରାସ୍ତ କଲେ । ଲାଲି ପଣ୍ଡିଚେରିରେ ଆଶ୍ରୟ ନେଲେ । ୧୭୬୧ ଖ୍ରୀଷ୍ଟାବ୍ଦରେ ସେ ଇଂରେଜଙ୍କ ନିକଟରେ ଆତ୍ମସମର୍ପଣ କଲେ । ଇଂରେଜମାନେ ପଣ୍ଡିଚେରି ଅଧିକାର କରିନେଲେ, କିନ୍ତୁ ୧୭୬୩ ଖ୍ରୀଷ୍ଟାବ୍ଦରେ ସନ୍ଧିହେବାରୁ ଫରାସୀମାନେ ପଣ୍ଡିଚେରି ଓ ଚନ୍ଦନ-ନଗର ଫେରି ପାଇଲେ ।

ଏହିପରି ଫରାସୀମାନଙ୍କର ଭାରତରେ ରାଜ୍ୟ ସ୍ଥାପନ କରିବାର ଆଶା ଲୋପ ପାଇଲା । ଲାଲି ହତାଶ ହୋଇ ଫ୍ରାନ୍ସକୁ ଫେରିଗଲେ । ସେଠାରେ ସେ ତିନିବର୍ଷ ବନ୍ଦୀ ରହି ପ୍ରାଣଦଣ୍ଡ ପାଇଥିଲେ । ୧୭୬୯ ଖ୍ରୀଷ୍ଟାବ୍ଦରେ ଫରାସୀ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାଙ୍ଗି ଯାଇଥିଲା ।

ଇଂରେଜଙ୍କ କର୍ଣ୍ଣାଟ ଲାଭ—ଏଥି ପୂର୍ବରୁ ୧୭୬୧ ଖ୍ରୀଷ୍ଟାବ୍ଦର ତୃତୀୟ ପାନିପଥ ଯୁଦ୍ଧରେ ମରହଟ୍ଟାମାନଙ୍କ ବଳ ଭାଙ୍ଗି ଯାଇଥିଲା । ତୃତୀୟ କର୍ଣ୍ଣାଟ ଯୁଦ୍ଧରେ ଫରାସୀମାନଙ୍କ କ୍ଷମତା ଲୋପ ପାଇଗଲା । ୧୭୫୭ ଖ୍ରୀଷ୍ଟାବ୍ଦର ପଲାସୀ ଯୁଦ୍ଧଠାରୁ ଇଂରେଜମାନେ

Digitized by PPRACHIN, SOA

ବଙ୍ଗଳାକୁ ଆପଣା ହାତରେ ରଖିଲେ । ଏଣିକି ଇଂରେଜମାନେ ନିଶ୍ଚିନ୍ତରେ ଭାରତରେ ରାଜ୍ୟ ବଢ଼ାଇବାକୁ ଲାଗିଲେ ।

ଭାରତରେ ଇଂରେଜଙ୍କ ମୂଳଦୁଆ —

ପଲାସୀ ଯୁଦ୍ଧପରେ ମିରଜାଫର ବଙ୍ଗଳାର ନବାବ ହେଲେ ସତ, କିନ୍ତୁ କ୍ଲାଇବ ତାଙ୍କୁ ଯାହା କହୁଥିଲେ ସେ ତାହା କରୁଥିଲେ । କ୍ଲାଇବ ଯେତେ ଟଙ୍କା ଚାହୁଁଥିଲେ, ସେ ତାହା ଯୋଗାଉଥିଲେ । ଏହିପରି କେତେଦିନ ଚାଲିଲା । ୧୭୬୦ ଖ୍ରୀଷ୍ଟାବ୍ଦରେ କ୍ଲାଇବ ବିଲାତ ଗଲେ । ଏଣେ କମ୍ପାନୀଙ୍କ କର୍ମଚାରୀମାନେ ନବାବଙ୍କ ଉପରେ ଟଙ୍କା ଦାବୀ କଲେ । ମିରଜାଫର ଟଙ୍କା ଦେବାକୁ ଅକ୍ଷମ । ତହୁଁ ଇଂରେଜମାନେ ମିରଜାଫରଙ୍କୁ ବନ୍ଦୀ କରି ତାଙ୍କ ଜ୍ୱାଇଁ ମିରକାଶିମଙ୍କୁ ନବାବ ଗାଦିରେ ବସାଇଲେ ।

ମିର କାଶିମ୍—ମିରକାଶିମ୍ କମ୍ପାନୀର କର୍ମଚାରୀଙ୍କୁ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ଦେଇ ନବାବ ହେଲେ । କମ୍ପାନୀଙ୍କୁ ବର୍ଦ୍ଧମାନ, ମେଦିନୀପୁର ଓ ଚଟ୍ଟଗ୍ରାମ ଛାଡ଼ି ଦେଲେ ।

ମିରକାଶିମ୍ ନବାବ ହୋଇ ଇଂରେଜଙ୍କ କବଳରୁ ଖସିବା ପାଇଁ ଚେଷ୍ଟା କଲେ । ସେ ମୁଙ୍ଗେରକୁ ନିଜ ରାଜଧାନୀ ଉଠାଇ ନେଇ ସୈନ୍ୟବଳ ବଢ଼ାଇବାକୁ ଲାଗିଲେ ।

ଇଂରେଜଙ୍କ ସଙ୍ଗେ କଳି—ନବାବଙ୍କ ଗତି ବିଧିକୁ ଇଂରେଜମାନେ ସନ୍ଦେହ କରୁଥିଲେ । ମୋଗଲଙ୍କ ଅମଳରୁ ଇଂରେଜମାନେ ବଙ୍ଗଳାରେ ବିନା ଶୁଳ୍କରେ ବାଣିଜ୍ୟ କରି ଆସୁଥିଲେ । କମ୍ପାନୀ କାରବାର ସଙ୍ଗେ ଗୋରା କର୍ମଚାରୀମାନେ ମଧ୍ୟ ସେହିପରି କରୁଥିଲେ । ନବାବ କି ଗୋରା, କି ଦେଶୀ ବ୍ୟବସାୟୀ ସମସ୍ତଙ୍କ ଉପରୁ ଶୁଳ୍କ ଉଠାଇ ଦେଲେ । ଏଥିରେ ଇଂରେଜମାନଙ୍କର

Digitized by PPRACHIN, SOA

ଅଧିକା ସୁବିଧା ରହିଲା ନାହିଁ । ତହୁଁ ସେମାନେ ପାଟନା ସହର ଆକ୍ରମଣ କରି ଲୁଟି କଲେ ଓ ମିରଜାଫରଙ୍କୁ ପୁଣି ନବାବ କରିବାକୁ ବସିଲେ । ମିରଜାଫର ଟଙ୍କା ଦେବାକୁ ସ୍ୱୀକାର କଲେ ଓ ଇଂରେଜଙ୍କ ସଙ୍ଗେ ମିଳି ମିରକାଶିମ୍‌ଙ୍କ ସଙ୍ଗେ ଯୁଦ୍ଧ କଲେ । ଏଥିରେ ମିରକାଶିମ୍‌ଙ୍କର ବହୁତ କ୍ଷତି ହୋଇଥିଲା ଓ ସେ ତିନି ଥର ପରାସ୍ତ ହୋଇ ଅଯୋଧ୍ୟାର ନବାବ ସୁଜା ଉଦ୍ଦୌଲାଙ୍କ ଆଶ୍ରୟ ନେଲେ । ନାମମାତ୍ର ମୋଗଲ ସମ୍ରାଟ ସାହାଆଲମ ଓ ସୁଜାଉଦ୍ଦୌଲା ମିଳି ବିହାର ଆଡ଼କୁ ଆସିଲେ । ମାତ୍ର ଇଂରେଜମାନେ ୧୭୬୪ ଖ୍ରୀଷ୍ଟାବ୍ଦରେ ବକ୍ସାରଠାରେ ସେମାନଙ୍କୁ ପରାସ୍ତ କଲେ ବର୍ତ୍ତମାନ ଇଂରେଜଙ୍କ କ୍ଷମତା ଖୁବ୍ ବଢ଼ିଗଲା । ମିରଜାଫର ପୁଣି ବଙ୍ଗଳାର ନବାବ ହେଲେ ।

ଦ୍ୱିଶାସନ ପ୍ରଣାଳୀ—କ୍ଲାଇବ ୫ ବର୍ଷ ବିଲାତରେ ରହି ୧୭୬୫ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ଗଭର୍ଣ୍ଣର ହୋଇ ଆସିଲେ । ବକ୍ସାର ଯୁଦ୍ଧରେ ହାରିଥିବା ଅଯୋଧ୍ୟାର ନବାବଙ୍କଠାରୁ ସେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଆଦାୟ କଲେ ଏବଂ କୋରା ଓ ଆଲ୍ଲାହାବାଦ ପ୍ରଦେଶ ନେଇ ଅଯୋଧ୍ୟା ଫେରାଇ ଦେଲେ । ଏହି ଦୁଇଟି ପ୍ରଦେଶ ସେ ସାହଆଲମଙ୍କୁ ଛାଡ଼ି ଦେଲେ ଓ ତାଙ୍କୁ ବାର୍ଷିକ ଛବିଶ ଲକ୍ଷ ଟଙ୍କା ଦେବାକୁ ଚୁକ୍ତି କରି ବଙ୍ଗ, ବିହାର ଓ ଓଡ଼ିଶାର ଦେବାନି ପାଇଲେ । ଏହା ଫଳରେ କମ୍ପାନି ପ୍ରଜାଙ୍କଠାରୁ ଖଜଣା ଆଦାୟ କରିବା ଅଧିକାର ପାଇଲେ । ନବାବ ପଚିଶ ଲକ୍ଷ ଟଙ୍କା ପେନସନ ନେଇ ଶାସନ ଭାର ରଖିଲେ । ଏହାପରେ ବଙ୍ଗଳାରେ ଦ୍ୱିଶାସନ ପ୍ରଣାଳୀ ଚାଲିଲା ।

କ୍ଲାଇବ ୧୭୬୭ରେ ବିଲାତକୁ ଫେରିଗଲେ । କିନ୍ତୁ ସେ ଭାରତରେ ଇଂରେଜ ସାମ୍ରାଜ୍ୟର ମୂଳଦୁଆ ପକାଇ ଯାଇଥିଲେ ।

Digitized by PPRACHIN, SOA

ପ୍ରଶ୍ନ

୧ । (କ) ଭାରତରେ ଇଂରେଜ ସାମ୍ରାଜ୍ୟର ପ୍ରତିଷ୍ଠାତା କିଏ ? ତାଙ୍କର ସଂକ୍ଷିପ୍ତ ଜୀବନୀ ଲେଖ ।

(ଖ) କ୍ଲାଇବ ଲେଖନୀ ଛାଡ଼ି ଅସି ଧାରଣ କରିବାର ଉଦ୍ଦେଶ୍ୟ କଅଣ ?

୨ । ନିମ୍ନଲିଖିତ 'କ' ସ୍ତମ୍ଭରୁ ଗୋଟିଏ ଲେଖାଏଁ ଶବ୍ଦ ନିଅ । ତାହା ସହିତ ନିମ୍ନଲିଖିତ 'ଖ' ସ୍ତମ୍ଭରୁ ଗୋଟିଏ ଲେଖାଏଁ ଉପଯୁକ୍ତ ଶବ୍ଦ ବାଛ; ଏହାପରେ ବାଛିଥିବା ପ୍ରତ୍ୟେକ ଶବ୍ଦଦ୍ୱୟ ସାହାଯ୍ୟରେ ଭଲ ଅର୍ଥ ପ୍ରକାଶ ପାଉଥିବା ଗୋଟିଏ ଗୋଟିଏ ବାକ୍ୟ ରଚନା କର ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ପଲାସୀ	ମିରଜାଫର
କ୍ଲାଇବ	ସେଣ୍ଟଡେଭିଡ଼
ଆଲବର୍ଦ୍ଦିଖାଁ	କର୍ଣ୍ଣାଟ
ପ୍ରଥମ କର୍ଣ୍ଣାଟ ସମର	ମାନ୍ଦ୍ରାଜ
ମହମ୍ମଦ ଅଲି	ଡୁପ୍ଳେ
ଲାଲି	ସୁରାଜଉଦ୍ଦୌଲା
ଚବିଶପ୍ରଗଣା	ଚନ୍ଦନନଗର

୩ । ସଂକ୍ଷିପ୍ତ ପରିଚୟ ଦିଅ:—ଗୁନ୍ଦାସାହେବ, ଡୁପ୍ଳେ, ଗୋଗ୍ରେବପାଗ୍ଧି,ପଲାସୀଯୁଦ୍ଧ,ପ୍ରଥମ କର୍ଣ୍ଣାଟ ସମର, କ୍ଲାଇବ ।

୪ । ଇଷ୍ଟଇଣ୍ଡିଆ କମ୍ପାନୀ କିପରି ବଙ୍ଗ ପ୍ରଦେଶ ଅଧିକାର କଲେ ? (ବୃ: ପ: ୧୯୪୮)

—o—

Digitized by PPRACHIN, SOA

ଚତୁର୍ଥ ଅଧ୍ୟାୟ

ଗଭର୍ଣ୍ଣରମାନଙ୍କ ଶାସନ

ୱାରେନ୍ ହେଷ୍ଟିଙ୍ଗସ୍ (୧୭୭୨—୧୭୮୫)—କ୍ଲାଇଭ ୧୭୬୭ ଖ୍ରୀଷ୍ଟାବ୍ଦରେ ବିଲାତ ଯିବାରୁ ପାଞ୍ଚବର୍ଷ ମଧ୍ୟରେ ଭାନ୍‌ସି ଟାର୍ଟ, ତାଙ୍କପରେ ଭେରଲଷ୍ଟ ଓ ତାଙ୍କପରେ କାର୍ଟିଏର ଏହିପରି ତିନିଜଣ ବଙ୍ଗଳାର ଗଭର୍ଣ୍ଣର ହୋଇଥିଲେ । ଏମାନେ କେହି ଯୋଗ୍ୟ ଲୋକ ନ ଥିଲେ । ପ୍ରଜାମାନଙ୍କ କଷ୍ଟର ସୀମା ନ ଥିଲା । କମ୍ପାନୀର କର୍ମଚାରୀମାନେ ନାନା ଅନ୍ୟାୟ ଉପାୟରେ ଟଙ୍କା ଜମାଇବାରେ ଲାଗିଥିଲେ । ୧୭୭୦ ଖ୍ରୀଷ୍ଟାବ୍ଦରେ ବଙ୍ଗଳାରେ ଭୀଷଣ ଦୁର୍ଭିକ୍ଷ ହୋଇଥିଲା । ଏଥିରେ ବଙ୍ଗଳାର ତିନି ଭାଗରୁ ଭାଗେ ଲୋକ ମରିଯାଇଥିଲେ ।

କମ୍ପାନୀର ଡିରେକ୍ଟରମାନେ ଦେଖିଲେ ବଙ୍ଗଳାରେ ଭଲ ଶାସନ ଚଳୁ ନାହିଁ । ତେଣୁ ସେମାନେ ୱାରେନ୍ ହେଷ୍ଟିଙ୍ଗସ୍‌ଙ୍କୁ ବଙ୍ଗଳାର ଗଭର୍ଣ୍ଣର କରି ପଠାଇଲେ । ସେ ୧୭୭୨ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ଶାସନ ଭାର ଗ୍ରହଣ କଲେ ।

[ୱାରେନ୍ ହେଷ୍ଟିଙ୍ଗସ୍]

Digitized by PPRACHIN, SOA

ଦ୍ୱିଶାସନ ପ୍ରଣାଳୀ ଭାଙ୍ଗିଲା—ଦ୍ୱିଶାସନ ପ୍ରଣାଳୀରେ ଲୋକଙ୍କର ବଡ଼ ଅସୁବିଧା ହେଉଥିଲା । ୱାରେନ୍ ହେଷ୍ଟିଙ୍ଗସ୍ ନବାବଙ୍କଠାରୁ ଶାସନ ଭାର ମଧ୍ୟ ନେଇ ଆସିଲେ । ନବାବ କେବଳ ପେନସନ ପାଇ ରହିଲେ । ହେଷ୍ଟିଙ୍ଗସ୍ ଖଜଣା ଆଦାୟ, ବିଚାର, ଶାସନ ଓ ଦେଶରକ୍ଷା ଏ ସବୁ ବିଭାଗର ଭଲ ବ୍ୟବସ୍ଥା କଲେ । ଏଣିକି ଇଷ୍ଟ ଇଣ୍ଡିଆ କମ୍ପାନୀ କେବଳ ଗୋଟିଏ ବ୍ୟବସାୟୀ ଦଳ ହୋଇ ରହିଲା ନାହିଁ । ଶାସନ ଭାର ମଧ୍ୟ ସେମାନେ ଗ୍ରହଣ କଲେ ।

ଅନ୍ୟାନ୍ୟ କାର୍ଯ୍ୟ—ହେଷ୍ଟିଙ୍ଗସ୍ ଦେୱାନୀ ଓ ଫୌଜଦାରୀ ଅଦାଲତମାନ ବସାଇଲେ । ଅପିଲ୍ ମକଦ୍ଦମା ବୁଝିବା ପାଇଁ କଲିକତାରେ ଦୁଇଟି ଅଦାଲତ ବସିଲା । ମୋଗଲ ସମ୍ରାଟଙ୍କୁ ଯେଉଁ ଛବିଶ ଲକ୍ଷ ଟଙ୍କା ଦିଆଯାଉଥିଲା, ସେ ତାହା ବନ୍ଦ କରଦେଲେ ଓ କୋରା, ଆଲ୍ଲାହାବାଦ ପ୍ରଦେଶ ଦୁଇଟି ତାଙ୍କଠାରୁ ଛଡ଼ାଇ ନେଇ ଅଯୋଧ୍ୟାର ନବାବଙ୍କୁ ଦେଲେ । ଏଥିପାଇଁ ନବାବ ହେଷ୍ଟିଙ୍ଗସ୍‌ଙ୍କୁ ପଚାଶ ଲକ୍ଷ ଟଙ୍କା ଦେଲେ । ସେ ବଙ୍ଗଳାର ନବାବଙ୍କ ପେନସନରୁ ଅଧେ କାଟି ଦେଲେ । ଜମିଦାରୀମାନ ପାଞ୍ଚବର୍ଷ ପାଇଁ ନିଲମ କରାଗଲା । ଏଥିରେ କମ୍ପାନୀ ଟଙ୍କା ପାଇଲେ; ମାତ୍ର ପ୍ରଜାଙ୍କ ଦୁଃଖ ବଢ଼ିଲା ।

ରୋହିଲାମାନଙ୍କୁ ଦମନ କରିବା ପାଇଁ ହେଷ୍ଟିଙ୍ଗସ୍ ଅଯୋଧ୍ୟାର ନବାବଙ୍କୁ ସୈନ୍ୟ ସାହାଯ୍ୟ ଦେଇଥିଲେ । ରୋହିଲାମାନେ ପରାସ୍ତ ହେବାରୁ ହେଷ୍ଟିଙ୍ଗସ୍ ନବାବଙ୍କଠାରୁ ଚାଳିଶ ଲକ୍ଷ ଟଙ୍କା ପାଇଲେ ।

Digitized by PPRACHIN, SOA

ରେଗୁଲେଟିଙ୍ଗ୍ ଆକ୍ଟ—୧୭୭୩ ଖ୍ରୀଷ୍ଟାବ୍ଦରେ ଭାରତବର୍ଷରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନ ସୁବିଧା ପାଇଁ ବିଲାତରେ ଗୋଟିଏ ଆଇନ୍ ହେଲା । ଏହାକୁ ରେଗୁଲେଟିଙ୍ଗ୍ ଆକ୍ଟ କହନ୍ତି । ଏହି ଆଇନ୍ ଅନୁସାରେ ବଙ୍ଗଳାର ଗଭର୍ଣ୍ଣର ଭାରତର ଗଭର୍ଣ୍ଣର ଜେନେରାଲ ହେଲେ । ମାନ୍ଦ୍ରାଜ ଓ ବମ୍ବେ ପ୍ରଦେଶ ତାଙ୍କ ଅଧୀନ ହେଲା । ଗଭର୍ଣ୍ଣର ଜେନେରାଲଙ୍କୁ ପରାମର୍ଶ ଦେବା ପାଇଁ ଏକ ମନ୍ତ୍ରୀ ସଭା ରହିଲା । ସେଥିରେ ଚାରିଜଣ ସଭ୍ୟ ରହିଲେ । କଲିକତାରେ ସୁପ୍ରିମ କୋର୍ଟ ସ୍ଥାପିତ ହେଲା । ହେଷ୍ଟିଙ୍ଗସ୍ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ହେଲେ ।

ନନ୍ଦକୁମାରଙ୍କ ଫାଶୀ—ମିରଜାଫର ଦ୍ୱିତୀୟ ଥର ବଙ୍ଗଳାର ନବାବ ଥିବା ସମୟରେ ମହାରାଜ ନନ୍ଦକୁମାର ତାଙ୍କର ଦେୱାନ ଥିଲେ । ସେ ମନ୍ତ୍ରୀ ସଭାରେ ଅପତ୍ତି କଲେ ଯେ, ହେଷ୍ଟିଙ୍ଗସ୍ ନାନା ଅନ୍ୟାୟ, ଅତ୍ୟାଚାର କରି ଟଙ୍କା ଆଦାୟ କରିଅଛନ୍ତି । ହେଷ୍ଟିଙ୍ଗସ୍ ତାଙ୍କ ଉପରେ ଦାଉ ସାଧିବା ପାଇଁ କେତେକ ଲୋକଙ୍କ ଦ୍ୱାରା ମକଦ୍ଦମା କରାଇଲେ ଯେ ନନ୍ଦକୁମାର ଗୋଟିଏ ଦଲିଲ ଜାଲ କରିଅଛନ୍ତି । ହେଷ୍ଟିଙ୍ଗସ୍ଙ୍କ କୌଶଳରେ ନନ୍ଦକୁମାର ଦୋଷୀ ବୋଲି ପ୍ରମାଣିତ ହୋଇ ଫାଶୀ ପାଇଲେ ।

ଚୈତସିଂହ—ହେଷ୍ଟିଙ୍ଗସ୍ ବନାରସର ରାଜା ଚୈତସିଂହଙ୍କଠାରୁ ବାର୍ଷିକ ରାଜସ୍ୱ ଛଡ଼ା ଯୁଦ୍ଧ ଖରଚ ପାଇଁ ଟଙ୍କା ଦାବୀ କଲେ । ସେ କେତେକ ଥର ଏହି ଅଧିକ ଟଙ୍କା ଦେଲେ । ତେଣିକି ଦେଇ ନ ପାରିବାରୁ ହେଷ୍ଟିଙ୍ଗସ୍ ତାଙ୍କୁ ରାଜଗାଦିରୁ

Digitized by PPRACHIN, SOA

ତଡ଼ିଦେଇ ତାଙ୍କ ପୁତୁରାଙ୍କୁ ରାଜା କଲେ ଓ ତାଙ୍କଠାରୁ ବହୁତ ଟଙ୍କା ଆଦାୟ କଲେ ।

ଅଯୋଧ୍ୟାର ବେଗମ—ଅଯୋଧ୍ୟାର ନବାବ ଇଂରେଜ-ମାନଙ୍କର କେତେକ ଟଙ୍କା ବାକୀ ରଖିଥିଲେ । ହେଷ୍ଟିଂସ୍ ଜାଣି ପାରିଲେ ଯେ, ନବାବଙ୍କ ବେଗମମାନେ ଓ ମାଆ ବୁଢ଼ୀମାନଙ୍କ ପାଖେ ବହୁତ ଟଙ୍କା ଅଛି । ସେ ସୈନ୍ୟ ପଠାଇ ରାଜବାଟୀରୁ ସେହି ଟଙ୍କା ସବୁ ଜବରଦସ୍ତି କରି ନେଇ ଆସିଲେ । ଏଥିରେ ହେଷ୍ଟିଂସ୍ ପ୍ରାୟ କୋଟିଏ ଟଙ୍କା ପାଇଲେ ।

ପିଟ୍ ସାହେବଙ୍କ ଭାରତ ଆଇନ—୧୭୮୪ ଖ୍ରୀଷ୍ଟାବ୍ଦରେ ପିଟ୍ ସାହେବ ବିଲାତ ପାର୍ଲିଅମେଣ୍ଟରେ ଗୋଟିଏ ଆଇନ କରାଇଥିଲେ । ଏହା ଫଳରେ ବିଲାତରେ ଗୋଟିଏ ସଭା ସ୍ଥାପିତ ହେଲା । ଏହି ସଭା ଭାରତର ଶାସନ ନୀତି ସ୍ଥିର କରିବାର କ୍ଷମତା ପାଇଲେ ।

ପ୍ରଥମ ମରହଟ୍ଟା ଯୁଦ୍ଧ—ପେଶବା ନାରାୟଣ ରାଓ ମରିଯିବା ପରେ ତାଙ୍କ କକା ରାଘବ ରାଓ ଇଂରେଜଙ୍କ ସାହାଯ୍ୟରେ ପେଶବା ହେବାକୁ ଚେଷ୍ଟା କଲେ । ମରହଟ୍ଟାଙ୍କ ପ୍ରଧାନମନ୍ତ୍ରୀ ନାରାୟଣ ରାଓଙ୍କ ଶିଶୁପୁତ୍ର ମଧୁରାଓ ନାରାୟଣଙ୍କୁ ପେଶବା ବୋଲି ଘୋଷଣା କଲେ । ଏହି କାରଣରୁ ଇଂରେଜମାନେ ମରହଟ୍ଟାଙ୍କ ସଙ୍ଗେ ସାତ ବର୍ଷ ଯୁଦ୍ଧ ଚଳାଇଥିଲେ । ଶେଷରେ ସାଲବାଇଠାରେ ୧୭୮୨ ଖ୍ରୀଷ୍ଟାବ୍ଦରେ ସନ୍ଧି ହୋଇଥିଲା । ମଧୁରାଓ ନାରାୟଣ ପେଶବା ହେଲେ; ଇଂରେଜମାନେ ବମ୍ବେ ପାଖେ ଥିବା କେତୋଟି ଦ୍ୱୀପ ପାଇଲେ ।

Digitized by PPRACHIN, SOA

ଦ୍ୱିତୀୟ ମହୀଶୂର ଯୁଦ୍ଧ—ମରହଟ୍ଟାମାନେ ହାଇଦର-ଅଲିଙ୍କ ମହୀଶୂର ଆକ୍ରମଣ କଲେ । ପୂର୍ବ ଚୁକ୍ତି ଭଙ୍ଗ କରି ଇଂରେଜମାନେ ତାଙ୍କୁ ସାହାଯ୍ୟ କଲେ ନାହିଁ । ହାଇଦର ରାଗରେ ଇଂରେଜଙ୍କ ମାନ୍ଦ୍ରାଜ ସହର ଆକ୍ରମଣ କଲେ । ହାଇଦର ମରିଯିବାରୁ ତାଙ୍କ ପୁଅ ଟିପୁ ସୁଲତାନ କେତେଦିନ ଯାଏ ଯୁଦ୍ଧ ଚଳାଇଲେ; ଖ୍ରୀ ୧୭୮୪ ରେ ସନ୍ଧି ହେଲା । ଇଂରେଜ ଓ ଟିପୁ ଅପଣା ଅପଣା ରାଜ୍ୟ ଫେରି ପାଇଲେ ।

[ହାଇଦର ଅଲି]

ହେଷ୍ଟିଙ୍ଗସ୍ ବିଲାତ ବାହୁଡ଼ିଲେ— ୧୭୮୫ ଖ୍ରୀଷ୍ଟାବ୍ଦରେ ହେଷ୍ଟିଙ୍ଗସ୍ ଇସ୍ତଫା ଦେଇ ବିଲାତକୁ ଚାଲିଗଲେ । ସେଠାରେ ବଡ଼ ବଡ଼ ଲୋକମାନେ ତାଙ୍କ ବିରୁଦ୍ଧରେ ଅନେକ ଅଭିଯୋଗ ଆଣିଲେ । ୧୭୮୮ ଖ୍ରୀଷ୍ଟାବ୍ଦଠାରୁ ପାଞ୍ଚବର୍ଷ ଯାଏଁ ତାହାଙ୍କ ବିଚାର ଚାଲିଲା । ଶେଷରେ ତାହାଙ୍କୁ ଖଲାସ କରି ଦିଆଗଲା । ତାହାଙ୍କର ଶେଷ ଜୀବନ ବଡ଼ କଷ୍ଟରେ କଟିଥିଲା ।

ଲର୍ଡ଼ କର୍ଣ୍ଣୱାଲିସ (୧୭୮୬—୧୭୯୩)—ହେଷ୍ଟିଙ୍ଗସ୍‌ଙ୍କ ପରେ ଲର୍ଡ଼ କର୍ଣ୍ଣୱାଲିସ ଗଭର୍ଣ୍ଣର ଜେନେରାଲ ହୋଇ ଭାରତକୁ ଆସିଲେ । ସେ ଭାରତ ଶାସନର ସୁବିଧା ପାଇଁ କେତେକ ପରିବର୍ତ୍ତନ ଆରମ୍ଭ କଲେ ।

Digitized by PPRACHIN, SOA

ଚିରସ୍ଥାୟୀ ବନ୍ଦୋବସ୍ତ—ହେଷ୍ଟିଂସ୍‌ଙ୍କ ସମୟରେ ଜମିଦାରୀଗୁଡ଼ିକ ବାରମ୍ବାର ନିଲାମ ହେଉଥିବାରୁ ପ୍ରଜାମାନଙ୍କର ଅସୁବିଧା ହେଉଥିଲା ଓ ରାଜସ୍ୱର ପରିମାଣ ଠିକ୍ ନ ଥିଲା । କର୍ଣ୍ଣ-ଓ୍ୟାଲିସ୍ ପ୍ରଥମେ ଦଶବର୍ଷ ପାଇଁ ସେଗୁଡ଼ିକର ଖଜଣା ବନ୍ଦୋବସ୍ତ କଲେ ଓ ପରେ ଏହି ବନ୍ଦୋବସ୍ତକୁ ସ୍ଥାୟୀ କଲେ । ଏହା ଫଳରେ ଜମିଦାରମାନେ ବଂଶାନୁକ୍ରମେ ଜମିର ମାଲିକ ରହିଲେ । ଖଜଣାର ପରିମାଣ ସ୍ଥାୟୀ ଭାବରେ ସ୍ଥିର ହେଲା । କିନ୍ତୁ ଜମିଦାରମାନେ ନିର୍ଦ୍ଦିଷ୍ଟ ତାରିଖରେ ଖଜଣା ଦାଖଲ ନ କଲେ ଜମିଦାରୀ ନିଲାମ କରାଯିବା ପାଇଁ ନିୟମ କରାଗଲା ।

ଏହାଙ୍କ ଅମଳରେ ବଙ୍ଗଳା କେତେଗୁଡ଼ିଏ ଜିଲାରେ ବିଭକ୍ତ ହେଲା ଏବଂ ପ୍ରତି ଜିଲାରେ ଗୋଟିଏ ଗୋଟିଏ ଅଦାଲତ ପ୍ରତିଷ୍ଠିତ ହେଲା । ଗୋରା ଜଜ୍‌ମାନେ ବିଚାର କରିବାକୁ ରହିଲେ ।

ତୃତୀୟ ମହୀଶୂର ଯୁଦ୍ଧ (୧୭୯୦—୧୭୯୨)—ଟିପୁ ସୁଲତାନ୍ ଇଂରେଜମାନଙ୍କର ଶତ୍ରୁ ଥିଲେ ଏବଂ ଫରାସୀମାନଙ୍କ ବନ୍ଧୁ ଥିଲେ । ତେଣୁ ଇଂରେଜମାନେ ହାଇଦରାବାଦର ନିଜାମ ଓ ମରହଟ୍ଟାମାନଙ୍କ ସାହାଯ୍ୟ ନେଇ ଟିପୁଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କଲେ । ଇଂରେଜମାନେ ଟିପୁଙ୍କ ରାଜ୍ୟର ଅଧେ ନେଲେ ଓ କ୍ଷତିପୂରଣ ସକାଶେ ୩ କୋଟି ୩ ଲକ୍ଷ ଟଙ୍କା ପାଇଲେ । ଟିପୁଙ୍କର ଦୁଇଟି ପୁଅ ଇଂରେଜଙ୍କ ନିକଟରେ ଜାମିନ୍ ସ୍ୱରୂପ ରହିଲେ ।

କର୍ଣ୍ଣ ଓ୍ୟାଲିସ୍ ୧୭୯୩ ଖ୍ରୀଷ୍ଟାବ୍ଦରେ ଭାରତରୁ ବିଦାୟ ନେଲେ ଏବଂ ସର୍ ଜନ୍ ସୋର୍ ତାଙ୍କ ପରେ ପାଞ୍ଚବର୍ଷ ପାଇଁ ଗଭର୍ଣ୍ଣର ଜେନେରାଲ ହୋଇଥିଲେ ।

Digitized by PPRACHIN, SOA

ଲର୍ଡ ଓଏଲେସ୍‌ଲି (୧୭୯୮—୧୮୦୫)—ଲର୍ଡ ଓୟେଲେସ୍‌ଲି ଭାରତକୁ ଆସି ଦେଖିଲେ ଯେ, ମରହଟ୍ଟା, ହାଇଦ୍ରାବାଦର ନିଜାମ ଓ ମହୀଶୂରର ଟିପୂ ସୁଲତାନ ଇଂରେଜମାନଙ୍କୁ ଭାରତରୁ ତଡ଼ି ଦେବାକୁ ଚେଷ୍ଟା କରୁଛନ୍ତି । ଏଣୁ ଓୟେଲେସ୍‌ଲି ଏମାନଙ୍କୁ ଦମନ କରିବା ପାଇଁ ଏକ ଉପାୟ ପାଞ୍ଚିଲେ । ତାହାର ନାମ ସାମନ୍ତ ସନ୍ଧି ।

ସାମନ୍ତ ସନ୍ଧି—ଓୟେଲେସ୍‌ଲି ଦେଶୀୟ ରାଜ୍ୟର ରାଜାମାନଙ୍କୁ ଗୋଟିଏ ନୂଆ ପ୍ରକାର ପ୍ରସ୍ତାବ ଦେଲେ । ସେ କହିଲେ, ଦେଶୀୟ ରାଜାମାନେ ଏଣିକି ତାଙ୍କ ଅଧୀନରେ ରହିବେ; ଫରାସୀ ବା ଅନ୍ୟ କୌଣସି ଇଉରୋପୀୟ ଜାତି ସହିତ ସମ୍ବନ୍ଧ ରଖିବେ ନାହିଁ । ଆପଣାକୁ ନିରାପଦ ରଖିବା ପାଇଁ ସେମାନେ ଦଳେ ଦଳେ ବଳିଷ୍ଠ ଇଂରେଜ ସୈନ୍ୟ ନିଜ ନିଜ ବ୍ୟୟରେ ରଖିବେ । ତାଙ୍କ ରାଜ୍ୟରେ ଜଣେ ଲେଖାଏଁ ଇଂରେଜ କର୍ମଚାରୀ ରହିବେ । ଏହି ପ୍ରକାର ସନ୍ଧିକୁ ସାମନ୍ତ ସନ୍ଧି କହନ୍ତି ।

ଏହି ସାମନ୍ତ ସନ୍ଧିରେ ପ୍ରଥମେ ହାଇଦ୍ରାବାଦର ନିଜାମ ରାଜି ହେଲେ । ତା ପରେ ପେଶବା ବାଜିରାଓ ମଧ୍ୟ ଏହି ପ୍ରସ୍ତାବକୁ ଖୁସିରେ ଗ୍ରହଣ କଲେ ।

ଦ୍ୱିତୀୟ ମରହଟ୍ଟା ସମର—ପେଶବା ବାଜିରାଓ ଇଂରେଜମାନଙ୍କର ଶରଣ ପଶିଲେ ସତ; ମାତ୍ର ତାଙ୍କ ମରହଟ୍ଟା ବନ୍ଧୁ ସିନ୍ଧିଆ ଓ ଭୋନସ୍‌ଲା ତାଙ୍କ ଉପରେ ଏଥିପାଇଁ ଭାରି ରାଗିଗଲେ । ସେ ସାଙ୍ଗେ ସାଙ୍ଗେ ଇଂରେଜଙ୍କ ପକ୍ଷ ଛାଡ଼ି ଦେଇ ତାଙ୍କ ବନ୍ଧୁମାନଙ୍କ ସଙ୍ଗେ ମିଶି ଇଂରେଜଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଏହି ଯୁଦ୍ଧରେ ଓୟେଲେସ୍‌ଲି ଜୟୀ କଲେ । ଶେଷରେ ଦେଓଗାଁ

Digitized by PPRACHIN, SOA

ଠାରେ ସନ୍ଧି ହେଲା । ମରହଟ୍ଟାମାନେ ଦିଲ୍ଲୀ, ଆଗ୍ରା, ବୁନ୍ଦେଲଖଣ୍ଡ ଓ ଓଡ଼ିଶା ରାଜ୍ୟ ଇଂରେଜମାନଙ୍କୁ ଦେବାକୁ ବାଧ୍ୟ ହେଲେ ।

ଆମ ଓଡ଼ିଶା ରାଜ୍ୟ ସେ ସମୟରେ ନାଗପୁରର ଭୋନ୍‌ସଲଙ୍କ ଅଧୀନରେ ଥିଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା [ପୁରୀ, କଟକ, ବାଲେଶ୍ୱର ଜିଲ୍ଲା] ଇଂରେଜମାନଙ୍କ ହାତକୁ ଗଲା ।

ଚତୁର୍ଥ ମହୀଶୂର ଯୁଦ୍ଧ—ଟିପୁ ସୁଲତାନ ଓ୍ୱେଲ୍‌ସଲିଙ୍କ ସାମନ୍ତ ସନ୍ଧି ଗ୍ରହଣ ନ କରି ଫରାସୀମାନଙ୍କ ସହିତ ମିଶିଲେ । ଏଣେ ଇଂରେଜମାନେ ନିଜାମଙ୍କ ସହିତ ମିଳି ମହୀଶୂର ଆକ୍ରମଣ କଲେ । ଟିପୁ ସୁଲତାନ ଇଂରେଜଙ୍କ ସହିତ ଯୁଦ୍ଧ କରି ମଲେ । ଇଂରେଜମାନେ ଟିପୁଙ୍କ ରାଜ୍ୟକୁ ଅଧିକାର କରି କେତେକ ଅଂଶ ନିଜ ରାଜ୍ୟରେ ମିଶାଇ ଦେଲେ । ନିଜାମ କିଛି ପାଇଲେ ଏବଂ ଅବଶିଷ୍ଟକୁ ମହୀଶୂରର ପୂର୍ବବର୍ତ୍ତୀ ଜଣେ ହିନ୍ଦୁ ରାଜାଙ୍କ ବଂଶଧରକୁ ଦେଲେ ।

[ଟିପୁ ସୁଲତାନ]

ଏହିପରି ଓ୍ୱେଲ୍‌ସଲି ସବୁ ଶତ୍ରୁମାନଙ୍କୁ କୌଶଳ କରି ଦମନ କଲେ ଓ ଭାରତ ସାମ୍ରାଜ୍ୟକୁ ଦୃଢ଼ କଲେ ।

Digitized by PPRACHIN, SOA

ଇଂରେଜଙ୍କ ଓଡ଼ିଶା ଅଧିକାର ଓ ଖୋରଧା ରାଜାଙ୍କ ବିଦ୍ରୋହ

୧୮୦୩ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ଅଠ ତାରିଖରେ କେତେକ ଇଂରେଜ ସୈନ୍ୟ ଓ ଦେଶୀ ସିପାହୀ କର୍ଣ୍ଣେଲ ହାରକୋର୍ଟ୍ ସାହେବଙ୍କ ଅଧୀନରେ ଗଞ୍ଜାମରୁ ବାହାରି ଚିଲିକା କୂଳେ କୂଳେ ଆସିଲେ । ସେଠାରେ ମାଲୁଦର ଜାଗିରଦାର ଫତେ ମହମ୍ମଦ ସେମାନଙ୍କୁ ସାହାଯ୍ୟ ଦେଲେ । ଇଂରେଜମାନେ ପୁରୀରେ ପହଞ୍ଚି ଦଳେ ହିନ୍ଦୁ ସିପାହୀଙ୍କ ହସ୍ତରେ ଜଗନ୍ନାଥ ମନ୍ଦିରର ଭାର ଦେଇ କଟକଆଡ଼କୁ ଚାଲିଲେ । ପୁରୀଠାରୁ ଅଳ୍ପ ଦୂରରେ ମରହଟ୍ଟାମାନେ ଇଂରେଜମାନଙ୍କୁ ବାଧା ଦେଲେ । କିନ୍ତୁ ଅକ୍ଳେଶରେ ପରାସ୍ତ ହୋଇଗଲେ ଓ ପିପିଲି ନିକଟରେ ଅପେକ୍ଷା କଲେ । ଇଂରେଜମାନେ ତାଙ୍କୁ ସେଠାରୁ ହଟାଇ ଖୋରଧା ଜଙ୍ଗଲକୁ ତଡ଼ି ଦେଲେ ।

ହାରକୋର୍ଟ୍ ସାହେବ ଅକ୍ଟୋବର ଅଠ ତାରିଖରେ କଟକରେ ପହଞ୍ଚି ବାରବାଟୀ ଆକ୍ରମଣ କଲେ ଏବଂ ଦଶ ତାରିଖ ଦିନ ବାରବାଟୀ ଅଧିକାର କଲେ ।

କଲିକତାରୁ ଇଂରେଜ ସୈନ୍ୟମାନେ କାପ୍ଟେନ ମରଗାନ୍ଙ୍କ ଅଧୀନରେ ଜାହାଜରେ ଆସି ବାଲେଶ୍ୱର ବନ୍ଦରରେ ପହଞ୍ଚିଲେ । ମରହଟ୍ଟାମାନଙ୍କୁ ପରାସ୍ତ କରି ସେମାନେ ବାଲେଶ୍ୱର ଅଧିକାର କଲେ ।

ଆଉ ଦଳେ ଇଂରେଜସୈନ୍ୟ ଫରଗୁସନଙ୍କ ଅଧୀନରେ ମେଦନୀପୁରରୁ ଆସି ଜଳେଶ୍ୱର ଅଧିକାର କରି ମର୍ଗାନଙ୍କ ସଙ୍ଗେ ମିଶିଲେ । ସମସ୍ତେ ମିଳି ପୁଣି କଟକ ଆସିଲେ । ଓଡ଼ିଶା ଇଂରେଜ-ମାନଙ୍କ ଅଧିକାରକୁ ଆସିଲା । କଟକରେ ଜଣେ କମିଶନର ରହିଲେ । ହଣ୍ଟର ସାହେବ ପୁରୀର ଶାସନକର୍ତ୍ତା ହୋଇ ଆସିଲେ ।

Digitized by PPRACHIN, SOA

କନିକା, କୁଜଙ୍ଗ ଓ ହରିଶପୁରର ରାଜାମାନେ ଇଂରେଜଙ୍କର ବିରୋଧୀ ହୋଇଥିଲେ; ମାତ୍ର ହାରକୋର୍ଟ୍ ସେମାନଙ୍କୁ ସହଜେ ପରାସ୍ତ କଲେ । ଓଡ଼ିଶା ଅଧିକାରରେ ଇଂରେଜଙ୍କର ମୋଟରେ ପଚିଶ ଜଣ ସୈନ୍ୟ ମରିଥିଲେ ଓ ତିନି ଲକ୍ଷ ଟଙ୍କା ଖରଚ ହୋଇଥିଲା ।

ଖୋରଧା ରାଜାଙ୍କ ବିଦ୍ରୋହ—(୧୮୦୪ ଖ୍ରୀଷ୍ଟାବ୍ଦ)—

ଅକବରଙ୍କ ସମୟରୁ ଓଡ଼ିଶା ମୋଗଲ ସାମ୍ରାଜ୍ୟର ଅଧୀନ ହୋଇଥିଲା । ଓଡ଼ିଶାର ରାଜା ମୋଗଲ ସମ୍ରାଟଙ୍କ ଅଧୀନରେ ଥିଲେ । ମୋଗଲଙ୍କ ପରେ ମରହଟ୍ଟାଙ୍କ ଅଧୀନରେ ଓଡ଼ିଶା ରହିଥିଲା । ଓଡ଼ିଶାର ରାଜା ପୁରୁଷାନୁକ୍ରମେ ଖୋରଧା ଭୋଗ କରୁଥିଲେ ଓ ପୁରୀ ମନ୍ଦିରର ହାଲଚାଲ ବୁଝୁଥିଲେ ।

ଇଂରେଜମାନେ ଭୋନ୍‌ସଲଙ୍କଠାରୁ ଦେଓଗାଁ ସନ୍ଧି ଅନୁସାରେ ଓଡ଼ିଶା ନେଲେ । ସେତେବେଳକୁ ଦ୍ୱିତୀୟ ମୁକୁନ୍ଦଦେବ ଖୋରଧାର ରାଜା । ସେ ପ୍ରଥମେ ଇଂରେଜଙ୍କୁ ସାହାଯ୍ୟ କରିଥିଲେ । ତାଙ୍କର ଆଶା ଥିଲା ଯେ, ଇଂରେଜମାନେ ତାଙ୍କୁ ତାଙ୍କର ପୂର୍ବରାଜ୍ୟ ଫେରାଇ ଦେବେ । କିନ୍ତୁ କାର୍ଯ୍ୟରେ ତାହା କିଛି ତ ହେଲା ନାହିଁ ବରଂ ପୂର୍ବରୁ ପୁରୀ ମନ୍ଦିରରେ ତାଙ୍କର ଯେଉଁ ଅଧିକାର ଥିଲା ତାହା ମଧ ରହିଲା ନାହିଁ ।

ଦ୍ୱିତୀୟ ମୁକୁନ୍ଦଦେବ ଇଂରେଜଙ୍କ ବିରୁଦ୍ଧରେ ଅନ୍ୟ ରାଜାମାନଙ୍କ ସଙ୍ଗେ ଗୁପ୍ତ ମନ୍ତ୍ରଣା ଚଳାଉ ଥିବାର ଶୁଣାଗଲା । ଏହି ସମୟରେ ପିପିଲିରେ କେତେକ ପାଇକ ଗାଁ ଲୁଟି କଲେ । କମିଶନର ଭାବିଲେ ଯେ, ମରହଟ୍ଟାମାନେ ମୁକୁନ୍ଦଦେବଙ୍କୁ ହାତ କରି ବିଦ୍ରୋହ କରିବା ଯୋଗାଡ଼ରେ ଅଛନ୍ତି । ଇଂରେଜମାନେ ତେଣୁ ଖୋରଧା ଆକ୍ରମଣ କଲେ । ରାଜା ଯୁଦ୍ଧ ପାଇଁ ପ୍ରସ୍ତୁତ ନ ଥିଲେ ।

Digitized by PPRACHIN, SOA

ରାଜା ମୁକୁନ୍ଦଦେବ ଓ ତାଙ୍କର କେତେକ କର୍ମଚାରୀ ଗଡ଼ରୁ ପଳାଇ ଯାଇ ଇଂରେଜଙ୍କ ପାଖରେ ଆତ୍ମସମର୍ପଣ କଲେ । ମୁକୁନ୍ଦଦେବ ପ୍ରଥମେ ବାରବାଟୀରେ ବନ୍ଦୀ ହୋଇଥିଲେ । ପରେ ମେଦିନୀପୁରକୁ ପଠାଗଲେ । ତାଙ୍କ ମନ୍ତ୍ରୀ ଜୟକୃଷ୍ଣ ରାଜଗୁରୁ ଏହି ବିଦ୍ରୋହରେ ରାଜାଙ୍କୁ ମତାଇଥିବା ଦୋଷରେ ଫାଶି ପାଇଲେ । ଖୋରଧା ଇଂରେଜଙ୍କ ଖାସ ଦଖଲକୁ ଆସିଲା । ଖୋରଧା ରାଜା ବର୍ଷକୁ ପ୍ରାୟ ପଚଶ ହଜାର ଟଙ୍କା ମାଲିକାନା ପାଇଲେ ।

୧୮୦୭ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବ ଖଲାସ ହୋଇ ଆସି ପୁରୀରେ ବାସ କଲେ । ମୁକୁନ୍ଦଦେବଙ୍କ ଖୋରଧା ରାଜ ନଅରର ଭଗ୍ନାବଶେଷ ବରୁଣେଇ ପାହାଡ଼ ନିକଟରେ ଦେଖିବାକୁ ମିଳେ । ପୁରୀରେ ବାଲିସାହିରେ ସେ ଯେଉଁ ନଅରରେ ରହୁଥିଲେ ତାକୁ ଏବେ ପୁରୁଣା ନଅର କହନ୍ତି । ମୁକୁନ୍ଦଦେବଙ୍କ ପରେ ଖୋରଧା ରାଜାଙ୍କର ରାଜ୍ୟ ଲୋପ ପାଇଲା । ସେ କେବଳ ଜଗନ୍ନାଥ ମନ୍ଦିରର ମାଲିକ ରହି ଠାକୁର ରାଜା ବୋଲାଇଲେ ।

ସର ଜର୍ଜ ବାର୍ଲୋ—ଲର୍ଡ଼ କର୍ଣ୍ଣୱାଲିସ୍ ୧୮୦୫ ଖ୍ରୀଷ୍ଟାବ୍ଦରେ ବିଦାୟ ନେଇ ଯିବାରୁ ସର ଜର୍ଜ ବାର୍ଲୋ ଗଭର୍ଣ୍ଣର ଜେନେରାଲ ହେଲେ । ସେ ହୋଲକାରଙ୍କ ସହିତ ସନ୍ଧି କରିଥିଲେ । ସେ ଦୁଇବର୍ଷ ମାତ୍ର ଗଭର୍ଣ୍ଣର ଜେନେରାଲ ହୋଇଥିଲେ ।

ଲର୍ଡ଼ ମିଣ୍ଟୋ— (୧୮୦୭-୧୮୧୩)—ଲର୍ଡ଼ ମିଣ୍ଟୋ ଗଭର୍ଣ୍ଣର ଜେନେରାଲ ହୋଇ ୧୮୦୭ ଖ୍ରୀଷ୍ଟାବ୍ଦରେ ଭାରତକୁ ଆସିଥିଲେ । ସେତେବେଳେ ଇଉରୋପରେ ଇଂରେଜମାନେ ନେପୋଲିଅନଙ୍କ ସହିତ ଯୁଦ୍ଧରେ ଲାଗିଥିଲେ । ତେଣୁ ମିଣ୍ଟୋ ଭାରତରେ କାହାରି ସହିତ କଳି କରିବାକୁ

Digitized by PPRACHIN, SOA

ଇଚ୍ଛା କରି ନ ଥିଲେ । ଏହାର ସୁବିଧା ନେଇ ପିଣ୍ଡାରୀମାନେ ମଧ୍ୟଭାରତରେ ଲୁଟି କରୁଥିଲେ । ମରହଟ୍ଟାମାନେ ମଧ୍ୟ ରାଜପୁତ ରାଜ୍ୟମାନଙ୍କରେ ଅତ୍ୟାଚାର କରୁଥିଲେ ।

ସନ୍ଧି—ମିଣ୍ଟୋ ଭାରତର ଓ ଭାରତର ନିକଟବର୍ତ୍ତୀ ରାଜ୍ୟମାନଙ୍କର ରାଜାଙ୍କ ସହିତ ବନ୍ଧୁତା ରଖିବା ପାଇଁ କାବୁଲ, ସିନ୍ଧୁ, ପାରସ୍ୟ ଓ ପଞ୍ଜାବ ରାଜାଙ୍କ ନିକଟକୁ ଦୂତ ପଠାଇଥିଲେ । ଏମାନେ ଇଂରେଜଙ୍କ ସହିତ ଶାନ୍ତିରେ ରହିବାକୁ ରାଜି ହୋଇଥିଲେ । ପଞ୍ଜାବର ଶିଖରାଜା ରଣଜିତ ସିଂହଙ୍କ ସହିତ ତାଙ୍କର ଗୋଟିଏ ସନ୍ଧି ହୋଇଥିଲା । ଏହା ଫଳରେ ଶତଦ୍ରୁ ନଦୀର ପୂର୍ବ ଅଞ୍ଚଳ ଇଂରେଜମାନଙ୍କ ପୂର୍ଣ୍ଣ ଅଧିକାରକୁ ଆସିଲା ।

ନୂଆ ରାଜ୍ୟ ଅଧିକାର—ଲର୍ଡ଼ ମିଣ୍ଟୋ ମରିଶସ୍ ଓ ଜାଭା ଦ୍ୱୀପକୁ ଫରାସୀ ଓ ଓଲନ୍ଦାଜମାନଙ୍କଠାରୁ ଦଖଲ କରି ନେଇଥିଲେ ।

ଲର୍ଡ଼ ହେଷ୍ଟିଂସ୍ (୧୮୧୩—୧୮୨୩)—ଲର୍ଡ଼ ମିଣ୍ଟୋଙ୍କ ପରେ ଲର୍ଡ଼ ହେଷ୍ଟିଂସ୍ ଗଭର୍ଣ୍ଣର ଜେନେରାଲ ହୋଇ ଆସିଲେ । ସେ ଭାରତରେ ଇଂରେଜମାନଙ୍କ କ୍ଷମତା ଦୃଢ଼ କରିବାକୁ ଚେଷ୍ଟା କଲେ ।

ନେପାଳ ଯୁଦ୍ଧ—ଭାରତର ଉତ୍ତରଦିଗକୁ ନେପାଳ ରାଜ୍ୟ । ନେପାଳୀମାନେ ଅନେକ ସମୟରେ ଇଂରେଜଙ୍କ ଭାରତ ରାଜ୍ୟକୁ ଆକ୍ରମଣ କରୁଥିଲେ । ନେପାଳର ଯୋଦ୍ଧାମାନେ ହେଷ୍ଟିଂସ୍ଙ୍କ କଥା ନ ଶୁଣିବାରୁ ସେ ନେପାଳ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଚାରିଦଳ ଇଂରେଜ ସୈନ୍ୟ ଯୁଦ୍ଧ କରିବାକୁ ଯାଇଥିଲେ । ଏଥିରୁ ତିନି ଦଳ ହଟି ଆସିଲେ; କିନ୍ତୁ ଚତୁର୍ଥ ଦଳ ଅକ୍ଟରଲୋନିଙ୍କ ଅଧୀନରେ ଗୁର୍ଖାମାନଙ୍କୁ ପରାସ୍ତ କରି ନେପାଳ ରାଜଧାନୀ କାଠମାଣ୍ଡୁରେ ପହଞ୍ଚିଲେ । ଗୁର୍ଖାମାନେ ସନ୍ଧି କଲେ । ଏହା ଫଳରେ ଇଂରେଜମାନେ

Digitized by PPRACHIN, SOA

କୁମାୟୁନ ଓ ଗଡ଼ୱାଲ ପ୍ରଦେଶ ପାଇଲେ । କାଠମାଣ୍ଡୁରେ ଜଣେ ଇଂରେଜ ରେସିଡେଣ୍ଟ ରହିଲେ ।

ପିଣ୍ଡାରୀ ଯୁଦ୍ଧ—ମଧ୍ୟଭାରତରେ ପିଣ୍ଡାରୀମାନଙ୍କ ଅତ୍ୟାଚାର ଦିନକୁଦିନ ବଢ଼ୁଥିଲା । ସେମାନେ ଲୋକମାନଙ୍କୁ ମାରି ଗାଁ ଗଣ୍ଡା ପୋଡ଼ି ଦେଉଥିଲେ ଓ ଧନ ସମ୍ପତ୍ତି ଲୁଟି କରୁଥିଲେ । ଗୁଆଲିଅର ଓ ଇନ୍ଦୋରର ମରହଟ୍ଟା ସର୍ଦ୍ଦାରମାନେ ଏମାନଙ୍କୁ ସାହାଯ୍ୟ କରୁଥିଲେ । ସମୟ ସମୟରେ ସେମାନେ ଇଂରେଜଙ୍କ ରାଜ୍ୟ ମଧ୍ୟ ଲୁଟି କରୁଥିଲେ । ହେଷ୍ଟିଙ୍ଗସ୍ ବହୁତ ସୈନ୍ୟ ପଠାଇ ପିଣ୍ଡାରୀମାନଙ୍କୁ ଧ୍ୱଂସ କରିଦେଲେ । ସେମାନଙ୍କର ନେତା ଅମୀର ଖାଁ ଇଂରେଜଙ୍କ ଶରଣ ପଶିଲେ । ତାହାଙ୍କୁ ଗୋଟିଏ ଜମିଦାରୀ ଦିଆଗଲା । ଆଉ ଜଣେ ପିଣ୍ଡାରୀ ଅନ୍ୟ ଗୋଟିଏ ଜମିଦାରୀ ପାଇଲେ । କେତେକ ପିଣ୍ଡାରୀ ସର୍ଦ୍ଦାର ତାଙ୍କ ଲୋକଙ୍କ ସହିତ ଜଙ୍ଗଲରେ ବୁଲି ବୁଲି ମଲେ ।

ତୃତୀୟ ମରହଟ୍ଟା ଯୁଦ୍ଧ—ପେଶବା ଦ୍ୱିତୀୟ ବାଜିରାଓ ଇଂରେଜଙ୍କ ଉପରେ ଅସନ୍ତୁଷ୍ଟ ଥିଲେ । ତାଙ୍କର ଜଣେ କର୍ମଚାରୀ ବରୋଦାର ଗାଇକୋବାଡ଼ଙ୍କ ମନ୍ତ୍ରୀଙ୍କୁ ହତ୍ୟା କଲେ । ବାଜିରାଓ ଏହି ଅତ୍ୟାଚାରୀକୁ ସାହାଯ୍ୟ ଦେଲେ । ହେଷ୍ଟିଙ୍ଗସ୍ ପେଶବାଙ୍କ କ୍ଷମତାକୁ କମାଇ ଦେଲେ । ତହୁଁ ସେ ୧୮୧୭ ଖ୍ରୀଷ୍ଟାବ୍ଦରେ ଦଳେ ସୈନ୍ୟ ଘେନି ଇଂରେଜ ରେସିଡେଣ୍ଟଙ୍କୁ ଆକ୍ରମଣ କଲେ । ଏହି କାର୍ଯ୍ୟରେ ହୋଲକାର ଓ ଭୋନ୍‌ସଲା ପେଶବାଙ୍କୁ ସାହାଯ୍ୟ କଲେ । ଇଂରେଜ ସୈନ୍ୟ ଅଳ୍ପ ହେଲେହେଁ ପେଶବା ଓ ଭୋନ୍‌ସଲାଙ୍କ ସୈନ୍ୟମାନଙ୍କୁ ହଟାଇ ଦେଲେ । ଏହି ତୃତୀୟ ମରହଟ୍ଟା ଯୁଦ୍ଧ ଫଳରେ ପେଶବା ଦ୍ୱିତୀୟ ବାଜିରାଓ ବାର୍ଷିକ ଆଠଲକ୍ଷ ଟଙ୍କା ପେନସନ ନେଇ ବିଠୁରରେ ବାସ କଲେ । ନାଗପୁର ଓ ଇନ୍ଦୋରର କେତେକ ଅଂଶ

Digitized by PPRACHIN, SOA

ଇଂରେଜ ରାଜ୍ୟରେ ମିଶିଗଲା । ଶିବାଜୀଙ୍କର ଜଣେ ବଂଶଧର ସେତାରା ସିଂହାସନରେ ବସିଲେ ।

ଏହାପରେ ହେଷ୍ଟିଂସ୍‌ଙ୍କ ଅମଳରେ ଇଂରେଜମାନଙ୍କ କ୍ଷମତା ଖୁବ୍ ବଢ଼ିଗଲା । କେବଳ ପଞ୍ଜାବରେ ରଣଜିତ୍ ସିଂହଙ୍କର ପୂର୍ଣ୍ଣ କ୍ଷମତା ରହିଥିଲା ।

ଶିକ୍ଷା—ଏହାଙ୍କ ଅମଳରେ ଦେଶୀୟ ବିଦ୍ୟାଳୟମାନ ବସିଥିଲା ଓ କଲିକତାରେ ହିନ୍ଦୁ କଲେଜର ପ୍ରତିଷ୍ଠା ହୋଇଥିଲା । ବଙ୍ଗଳାରେ ଗୋଟିଏ ଖବର କାଗଜ ମଧ୍ୟ ବାହାରିଲା ।

ଖୋର୍ଦ୍ଧା ପାଇକ ବିଦ୍ରୋହ—ଲର୍ଡ଼ ହେଷ୍ଟିଂସ୍‌ଙ୍କ ଅମଳରେ ଓଡ଼ିଶାରେ ପାଇକମାନେ ଇଂରେଜମାନଙ୍କୁ ତଡ଼ିବାପାଇଁ ବିଦ୍ରୋହ କରିଥିଲେ । ଏହାକୁ ପାଇକ ବିଦ୍ରୋହ କୁହାଯାଏ । ତାହା ୧୮୧୭ ଖ୍ରୀଷ୍ଟାବ୍ଦରେ ଘଟିଥିଲା ।

ଓଡ଼ିଶାରେ ପାଇକ ପ୍ରଥା—ଅତି ପୂର୍ବ କାଳରୁ ଓଡ଼ିଶା ସ୍ୱାଧୀନ ଥିବା ସମୟରେ ଓଡ଼ିଶା ରାଜାଙ୍କର ସୈନ୍ୟବଳ ଯଥେଷ୍ଟ ଥିଲା । ଏମାନେ ରାଜାଙ୍କଠାରୁ ଜାଗିର ପାଇଥିଲେ । ଦରକାରବେଳେ ଯୁଦ୍ଧ କରୁଥିଲେ ଓ ଅନ୍ୟ ସମୟରେ ଗୃହବାସ କରୁଥିଲେ । ଏମାନେ ବଡ଼ ସାହସୀ ଥିଲେ ଓ ଏମାନଙ୍କ ପ୍ରଭୁଭକ୍ତି ଅସାଧାରଣ ଥିଲା ।

ଇଂରେଜଙ୍କ ଅମଳରେ ପାଇକ—ଯେତେବେଳେ ଇଂରେଜମାନେ ଖୋର୍ଦ୍ଧାକୁ ଖାସ୍ କରି ନେଲେ ସେତେବେଳେ

Digitized by PPRACHIN, SOA

ସେଠାରେ ସରକାରୀ କଚେରୀ ବସିଲା । ଖୋର୍ଦ୍ଧାରେ ଇଂରେଜ ଶାସକ ମେଜର ଫ୍ଲେଚର ପାଇକମାନଙ୍କ ପ୍ରତି କଡ଼ା ବ୍ୟବହାର କଲେ । ସେମାନଙ୍କ ଜାଗିର ଛଡାଇ ନେଇ ଖଜଣା ବସାଇଲେ । ସେତେବେଳର କର୍ମଚାରୀମାନେ ଅଧିକାଂଶ ବଙ୍ଗାଳୀ ଥିଲେ । ପୂର୍ବରୁ ଚଳୁଥିବା କଉଡ଼ି ପଦ୍ଧତିରେ କେବଳ ଟଙ୍କା ଆକାରରେ ଖଜଣା ଆଦାୟ ହେଲା । ଲୁଣ ଉପରେ କର ବସିଲା । ମୋଟ ଉପରେ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ବ୍ୟାପିଲା ।

ବକସି ଜଗବନ୍ଧୁ ବିଦ୍ୟାଧର—ଖୋର୍ଦ୍ଧାର ବକସି ପୁରୁଷାନୁକ୍ରମେ ଖୋର୍ଦ୍ଧା ରାଜାଙ୍କର ପ୍ରଧାନ ସେନାପତି ରୂପେ କାର୍ଯ୍ୟ କରୁଥିଲେ । ରାଜାଙ୍କ ତଳକୁ ବକସିଙ୍କର ସ୍ଥାନ ଥିଲା । ଇଂରେଜ-ମାନଙ୍କ ସହିତ ସେ ସମୟର ବକସି ଜଗବନ୍ଧୁ ବିଦ୍ୟାଧର ରୋଡ଼ଙ୍ଗ କିଲ୍ଲା ପାଇଁ ବନ୍ଦୋବସ୍ତ କରିଥିଲେ । ଜଣେ ବଙ୍ଗାଳୀ କର୍ମଚାରୀ କୌଶଳ କରି ତାଙ୍କଠାରୁ ରୋଡ଼ଙ୍ଗ କିଲ୍ଲା ନେଇଗଲେ । ଜଗବନ୍ଧୁ ସରକାରଙ୍କ ନିକଟରେ ଆପତ୍ତି କଲେ । କିନ୍ତୁ କିଛି ଫଳ ହେଲା ନାହିଁ । ଜଗବନ୍ଧୁ ଅନ୍ୟ ଉପାୟ ନ ଦେଖି ପୁଣି ଦିବ୍ୟସିଂହ ଦେବଙ୍କୁ ସିଂହାସନରେ ବସାଇବାକୁ ଚେଷ୍ଟା କଲେ ।

ପାଇକ ବିଦ୍ରୋହ—୧୮୧୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚମାସରେ ପ୍ରାୟ ଚାରିଶହ କନ୍ଧ ଘୁମୁସର ଅଞ୍ଚଳରୁ ଖୋର୍ଦ୍ଧାରେ ପଶି ବିଦ୍ରୋହ ଆରମ୍ଭ କରିଦେଲେ । ଖୋର୍ଦ୍ଧାର ପାଇକମାନେ ସେମାନଙ୍କ ସହିତ ମିଶିଲେ । ଜଗବନ୍ଧୁ ଏମାନଙ୍କର ନେତା ହେଲେ । ଜଗବନ୍ଧୁ ପାଇକ ଓ କନ୍ଧମାନଙ୍କୁ ଘେନି ବାଣପୁର ଆକ୍ରମଣ କଲେ । ସେମାନେ ସେଠା ଖଜଣାଖାନା ଲୁଟି କରି ପନ୍ଦର ହଜାର ଟଙ୍କା ଘେନି

Digitized by PPRACHIN, SOA

ଦେଶର ଗୃହଁ ଅଡେ଼ ବ୍ୟାପିଗଲେ । କଟକ, କୁଜଙ୍ଗ ଓ ପିପିଲିରେ ପାଇକମାନେ ଜୟ ପତାକା ଉଡ଼ାଇଲେ । ଇଂରେଜ ସୈନ୍ୟ ନାନା ସ୍ଥାନରେ ପରାସ୍ତ ହେଲେ ।

ବିଦ୍ରୋହୀମାନେ ପୁରୀକୁ ଯାଇ ସରକାରୀ ଘର ସବୁ ପୋଡ଼ି ଦେଲେ । କିନ୍ତୁ ଏଠାରେ ପାଇକମାନେ ଇଂରେଜଙ୍କ ଦ୍ୱାରା ପରାସ୍ତ ହେଲେ । କୁଜଙ୍ଗ ଅଞ୍ଚଳରେ ମଧ୍ୟ ଇଂରେଜମାନେ ପୁଣି ପାଇକ-ମାନଙ୍କୁ ହଟାଇ ଦେଲେ । ମୁକୁନ୍ଦଦେବ ଏହି ବିଦ୍ରୋହ କରାଇ-ଥିବା ସନ୍ଦେହରେ ତାଙ୍କୁ ଆଜୀବନ ବନ୍ଦୀ କରାଗଲା । ବିଦ୍ରୋହୀ-ମାନଙ୍କର କେତେକ ନେତା ଧରା ହୋଇ ଦଣ୍ଡ ପାଇଲେ । ଜଗବନ୍ଧୁ ବଣ ପାହାଡ଼ରେ ବୁଲି ବୁଲି ବୋଧହୁଏ ମଲେ । ଏହାପରେ ଇଂରେଜ ସରକାର ବଣ ପାହାଡ଼ ଘେରାଉ କରି ପାଇକମାନଙ୍କୁ ଧରିଲେ ଏବଂ କଠୋରରେ ସେମାନଙ୍କୁ ଦଣ୍ଡ ଦିଆଗଲା । ଇଂରେଜ-ମାନଙ୍କୁ ଓଡ଼ିଶାରୁ ତଡ଼ିବା ପାଇଁ ଓଡ଼ିଆମାନଙ୍କର ଏହା ଶେଷ ଉଦ୍ୟମ ।

ଲର୍ଡ଼ ଆମହର୍ଷ୍ଟ—ହେଷ୍ଟିଙ୍ଗସ୍‌ଙ୍କ ପରେ ଲର୍ଡ଼ ଆମ-ହର୍ଷ୍ଟ ୧୮୨୩ ଖ୍ରୀଷ୍ଟାବ୍ଦଠାରୁ ୧୮୨୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରାଲ ଥିଲେ । ଏହାଙ୍କ ସମୟରେ ପ୍ରଥମ ବ୍ରହ୍ମସମର ହୋଇଥିଲା । ଏହି ଯୁଦ୍ଧ ଫଳରେ ଇଂରେଜମାନେ ଅସାମ, ଆରାକାନ ଓ ଟେନାସେରିମ୍ ପାଇଲେ । ଯୁଦ୍ଧର କ୍ଷତିପୂରଣ ସ୍ୱରୂପ ଇଂରେଜ-ମାନଙ୍କୁ ଏକ କୋଟି ଟଙ୍କା ମିଳିଲା ।

ଇଂରେଜମାନେ ୧୮୨୬ ଖ୍ରୀଷ୍ଟାବ୍ଦରେ ଭରତପୁର ଦୁର୍ଗ ଅଧିକାର କରିଥିଲେ ।

Digitized by PPRACHIN, SOA

ଲର୍ଡ଼ ଉଇଲିୟମ ବେଣ୍ଟିଙ୍କ୍ (୧୮୨୮—୧୮୩୫)

[ଲର୍ଡ଼ ଉଇଲିୟମ ବେଣ୍ଟିଙ୍କ୍]

ଉଇଲିୟମ୍ ବେଣ୍ଟିଙ୍କ୍ ଜଣେ ଶାନ୍ତିପ୍ରିୟ ଲୋକ ଥିଲେ ଓ ଲୋକଙ୍କର ଉନ୍ନତି ପାଇଁ ଚେଷ୍ଟା କରୁଥିଲେ ।

ସତୀପ୍ରଥା—ସେ କାଳରେ ହିନ୍ଦୁ ସମାଜରେ ସତୀଦାହ ପ୍ରଥା ଥିଲା । କୌଣସି ହିନ୍ଦୁ ପୁରୁଷ ମଲେ ତାହାର ବିଧବା ସ୍ତ୍ରୀକୁ ସ୍ୱାମୀ ସହିତ ପୋଡ଼ି ମାରି ଦିଆ ଯାଉଥିଲା । ବେଣ୍ଟିଙ୍କ୍ ଆଇନ୍ ଦ୍ୱାରା ଏହି ପ୍ରଥା ବନ୍ଦ କରାଇଲେ ।

ଠଗ ଦମନ—ଠଗ ବୋଲି ଗୋଟିଏ ଜାତି ଭାରତର ନାନା ସ୍ଥାନରେ ବୁଲି ଡକାୟତି କରୁଥିଲେ । ନିରୀହ ବାଟୋଇ-ମାନଙ୍କୁ ମାରି ତାଙ୍କ ଧନ ନେଇ ଯାଉଥିଲେ । ବେଣ୍ଟିଙ୍କ୍ ଦଳେ ସୈନ୍ୟ ପଠାଇ ଏମାନଙ୍କୁ ଦମନ କରିଥିଲେ ।

ନରବଳି—ଓଡ଼ିଶା ଓ ଅନ୍ୟାନ୍ୟ କେତେକ ସ୍ଥାନର କନ୍ଧ ପ୍ରଭୃତି ଅନାର୍ଯ୍ୟ ଜାତିମାନେ ନରବଳି ଦେଉଥିଲେ । ସେମାନଙ୍କର ବିଶ୍ୱାସ ଥିଲା ଯେ, ନରବଳି ଦେଲେ ବେଶୀ ହଳଦୀ ଫଳିବ । ବେଣ୍ଟିଙ୍କ୍ ନରବଳି ପ୍ରଥା ଆଇନଦ୍ୱାରା ବନ୍ଦ କରିଥିଲେ ।

ଶିଶୁ ହତ୍ୟା—କେତେକ ରାଜପୁତ ଜାତିରେ ଶିଶୁ କନ୍ୟାମାନଙ୍କୁ ହତ୍ୟା କରାଯାଉଥିଲା । ଏହା ମଧ୍ୟ ବେଣ୍ଟିଙ୍କ୍ ବନ୍ଦ କରାଇ ଦେଇଥିଲେ ।

ଶିକ୍ଷା—ଭାରତର ଉଚ୍ଚ ଶିକ୍ଷା ବ୍ୟବସ୍ଥା ପାଇଁ ବେଣ୍ଟିଙ୍କ୍ ଚିରକାଳ ମନେ ରହିବେ । ଭାରତରେ ଇଂରେଜୀ ଶିକ୍ଷାର ପ୍ରଚଳନ

Digitized by PPRACHIN, SOA

ଏହାଙ୍କ ସମୟରେ ହୋଇଥିଲା । ସେ କଲିକତାରେ ମେଡ଼ିକାଲ କଲେଜ ବସାଇଥିଲେ ।

ରାଜ୍ୟ ବିସ୍ତାର—ଏହାଙ୍କ ଅମଳରେ କାଛର, କୁର୍ଗ ଓ ମହୀଶୂର ଇଂରେଜ ରାଜ୍ୟରେ ମିଶିଥିଲା ।

ଉଇଲିୟମ୍ ବେଣ୍ଟିଙ୍କ୍ ୧୮୩୫ ଖ୍ରୀଷ୍ଟାବ୍ଦରେ ବିଲାତ ଚାଲି-ଗଲେ । ତାଙ୍କ ପରେ ସାର ଚାର୍ଲସ ମେଟକାଫ ଅଳ୍ପ ଦିନ ପାଇଁ ଗଭର୍ଣ୍ଣର ଜେନେରାଲ ହୋଇଥିଲେ । ସେ ସମ୍ବାଦ ପତ୍ରମାନଙ୍କୁ ସ୍ୱାଧୀନ ଭାବରେ ମତ ପ୍ରକାଶ କରିବା ଅଧିକାର ଦେଇଥିଲେ ।

ଲର୍ଡ଼ ଅକଲାଣ୍ଡ—ଲର୍ଡ଼ ଅକଲାଣ୍ଡ ୧୮୩୬ ଖ୍ରୀଷ୍ଟାବ୍ଦରୁ ୧୮୪୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରାଲ ଥିଲେ । ଏହାଙ୍କ ସମୟରେ ମାକଲେ ସାହେବ ଭାରତୀୟ ଦଣ୍ଡବିଧି ଆଇନ ପ୍ରଣୟନ କରିଥିଲେ ।

ଲର୍ଡ଼ ଏଲେନବରୋ—ଏ ୧୮୪୨ ଖ୍ରୀଷ୍ଟାବ୍ଦରୁ ୧୮୪୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରାଲ ହୋଇଥିଲେ । ଏହାଙ୍କ ସମୟରେ ସିନ୍ଧୁ ପ୍ରଦେଶ ଇଂରେଜ ରାଜ୍ୟ ସହିତ ମିଶିଥିଲା । ଗୋଆଲିଅରର ସିନ୍ଧିଆଙ୍କ ସହିତ ଇଂରେଜମାନଙ୍କର ଗୋଟିଏ ଯୁଦ୍ଧ ହୋଇଥିଲା । ଏହାଫଳରେ ଗୋଆଲିଅର ଦୁର୍ଗ ଇଂରେଜଙ୍କ ଅଧି-କାରରେ ରହିଲା ଓ ଗୋଆଲିଅରର ସିନ୍ଧିଆଙ୍କ ସୈନ୍ୟ ସଂଖ୍ୟା ଖୁବ୍ କମାଇ ଦିଆଗଲା ।

ଲର୍ଡ଼ ହାର୍ଡ଼ିଂଜ୍—ଲର୍ଡ଼ ହାର୍ଡ଼ିଂଜ୍ ୧୮୪୪ ଖ୍ରୀଷ୍ଟାବ୍ଦରେ ଗଭର୍ଣ୍ଣର ଜେନେରାଲ ହେଲେ । ଏହାଙ୍କ ସମୟରେ ଦେଶୀୟ ଶିକ୍ଷା ପ୍ରତି ବିଶେଷ ଦୃଷ୍ଟି ଦିଆ ଯାଇଥିଲା । ପଞ୍ଜାବର ରାଜା ରଣଜିତ ସିଂହଙ୍କ ମୃତ୍ୟୁ ପରେ ତାଙ୍କ ନାବାଳକ ପୁଅ ଦଲିପ ସିଂହ ରାଜା ହେଲେ । ଶିଖମାନେ ଇଂରେଜମାନଙ୍କ ରାଜ୍ୟ ଆକ୍ରମଣ କରିବାରୁ ଇଂରେଜମାନେ ଯୁଦ୍ଧ କଲେ ଓ ଶିଖମାନେ ପରାସ୍ତ ହେଲେ ।

Digitized by PPRACHIN, SOA

ଲାହୋରଠାରେ ସନ୍ଧି ହେଲା । ଶିଖମାନେ ପଞ୍ଜାବର କେତେକ ଅଂଶ ଇଂରେଜମାନଙ୍କୁ ଛାଡ଼ି ଦେଲେ ଓ ଦେଢ଼ କୋଟି ଟଙ୍କା ଯୁଦ୍ଧର କ୍ଷତି ପୂରଣ ଦେଲେ । ଜାମ୍ବୁର ରାଜା ଇଂରେଜମାନଙ୍କୁ ପଞ୍ଚସ୍ତରି ଲକ୍ଷ ଟଙ୍କା ଦେଇ କାଶ୍ମୀର ରାଜ୍ୟ ପାଇଲେ । ଲାହୋରଠାରେ ଜଣେ ଇଂରେଜ ରେସିଡେଣ୍ଟ ରହିଲେ । ୧୮୪୮ ଖ୍ରୀଷ୍ଟାବ୍ଦରେ ହାର୍ଡ଼ିଂଜ୍ ବିଦାୟ ନେଲେ ।

ଲର୍ଡ଼ ଡେଲହାଉସୀ—(୧୮୪୭—୧୮୫୬)— ଭାରତର ଇଂରେଜ ରାଜ୍ୟକୁ ବଢ଼ାଇ ଦୃଢ଼ କରିବା ଡେଲହାଉସୀଙ୍କ ପ୍ରଧାନ ଉଦ୍ଦେଶ୍ୟ ଥିଲା । ସେ ଦ୍ୱିତୀୟ ଶିଖ ଯୁଦ୍ଧରେ ଜୟଲାଭ କରି ସମସ୍ତ ପଞ୍ଜାବ ରାଜ୍ୟକୁ ଇଂରେଜ ରାଜ୍ୟରେ ମିଶାଇ ଦେଲେ । ରଣଜିତସିଂହଙ୍କ ପୁଅ ଦଲୀପ ସିଂହ ବର୍ଷକୁ ପାଞ୍ଚ ଲକ୍ଷ ଟଙ୍କା ପେନସନ ପାଇ ବିଲାତରେ ରହିଲେ । ଡେଲହାଉସୀ ବର୍ମା ବିରୁଦ୍ଧରେ ମଧ୍ୟ ଯୁଦ୍ଧ କରିଥିଲେ । ବ୍ରହ୍ମ ଦେଶରେ ଇଂରେଜ ବଣିକମାନଙ୍କ ଉପରେ ଅତ୍ୟାଚାର ହେଉଥିବାରୁ ଏହି ଯୁଦ୍ଧ ଲାଗିଥିଲା । ଇଂରେଜମାନେ ଏହି ଯୁଦ୍ଧରେ ଜିଣି ପେଗୁ ପ୍ରଦେଶକୁ ନିଜ ରାଜ୍ୟ ସହିତ ମିଶାଇ ଦେଇଥିଲେ ।

[ଲର୍ଡ଼ ଡେଲହାଉସୀ]

ଅଯୋଧ୍ୟା ଅଧିକାର—ଅଯୋଧ୍ୟାରେ ଶାସନ ଭଲ ଚାଲୁ ନାହିଁ ବୋଲି ଲର୍ଡ଼ ଡେଲହାଉସୀ ତାହାକୁ ଇଂରେଜ ରାଜ୍ୟ

Digitized by PPRACHIN, SOA

ସହିତ ମିଶାଇ ଦେଇଥିଲେ । ଅଯୋଧ୍ୟାର ରାଜା ବର୍ଷକୁ ବାରଲକ୍ଷ ଟଙ୍କା ପେନସନ ପାଇ କଲିକତା ନିକଟରେ ଏକପ୍ରକାର ବନ୍ଦୀ ହୋଇ ରହିଲେ ।

ସ୍ୱତ୍ତ୍ୱ ଲୋପନୀତି—ଦେଶୀୟ ରାଜ୍ୟମାନଙ୍କୁ ଇଂରେଜ ରାଜ୍ୟରେ ମିଶାଇବା ପାଇଁ ଡେଲହାଉସି ଗୋଟିଏ ନୂଆ ମାର୍ଗ ବାହାର କଲେ । ଯଦି କୌଣସି ଦେଶୀୟ ରାଜା ପୁତ୍ରହୀନ ହୋଇ ମରି ଯାଆନ୍ତି, ତେବେ ତାଙ୍କ ରାଜ୍ୟ ଇଂରେଜ ରାଜ୍ୟ ସହିତ ମିଶି ଯିବ ବୋଲି ସ୍ଥିର ହେଲା । ପୋଷ୍ୟ ପୁତ୍ର ପ୍ରଥାକୁ ଡେଲହାଉସୀ ଅସ୍ୱୀକାର କଲେ ।

ଏହା ଫଳରେ ସେତାରା, ଝାନ୍‌ସୀ, ନାଗପୁର ଓ ସମ୍ବଲପୁର ରାଜ୍ୟର ରାଜାମାନେ ଅପୁତ୍ରିକ ହୋଇ ମରିବାରୁ ଡେଲହାଉସୀ ଏହି ରାଜ୍ୟଗୁଡ଼ିକ ଇଂରେଜ ରାଜ୍ୟରେ ମିଶାଇ ଦେଲେ । ନାଗପୁରର ରଘୁଜୀ ଭୋନ୍‌ସଲା ଅପୁତ୍ରିକ ହୋଇମରିବାରୁ ନାଗପୁର ମଧ୍ୟ ଇଂରେଜ ରାଜ୍ୟରେ ମିଶିଲା । ପେଶବା ଦ୍ୱିତୀୟ ବାଜିରାଓ ଇଂରେଜମାନଙ୍କଠାରୁ ପେନସନ ପାଉଥିଲେ । ସେ ମରିଯିବା ପରେ ତାଙ୍କ ପୋଷ୍ୟ ପୁତ୍ର ନାନାସାହେବଙ୍କର ସେହି ପେନସନ ବନ୍ଦ କରି ଦିଆଗଲା ।

ଅନ୍ୟାନ୍ୟ କାର୍ଯ୍ୟ—ଡେଲହାଉସୀ ଦେଶୀୟ ରାଜ୍ୟକୁ ଇଂରେଜ ରାଜ୍ୟ ସହିତ ମିଶାଇ ଥିଲେ ସତ, କିନ୍ତୁ ଶାସନର ଅନେକ ସୁବିଧା କରିଥିଲେ ଓ ଦେଶର ଉନ୍ନତି କରିଥିଲେ । ଏହାଙ୍କ ସମୟରେ ଭାରତରେ ରେଲଓୟେ ଓ ଟେଲିଗ୍ରାଫ ବସିଥିଲା । କଲିକତାଠାରୁ ପେଶବାର ପର୍ଯ୍ୟନ୍ତ ରାସ୍ତା ପକ୍‌କା କରା-ଯାଇଥିଲା । କୃଷିର ସୁବିଧା ପାଇଁ ଗଙ୍ଗା କେନାଲ ଖୋଳା ଯାଇ-ଥିଲା । ସାଧାରଣ ଲୋକଙ୍କ ଚିଠି ପତ୍ର ଯିବା ପାଇଁ ସେ ଡାକର

Digitized by PPRACHIN, SOA

ବ୍ୟବସ୍ଥା କରିଥିଲେ । ଶିକ୍ଷା ବିସ୍ତାର ପାଇଁ ସେ ଅନେକ ଚେଷ୍ଟା କରିଥିଲେ । ଏହାଙ୍କ ସମୟରେ କଲିକତା, ମାନ୍ଦ୍ରାଜ ଓ ବମ୍ବେରେ ତିନୋଟି ବିଶ୍ୱବିଦ୍ୟାଳୟ ବସିବା ସ୍ଥିର ହେଲା । ବିଧବାମାନେ ବିବାହ କରି ପାରିବେ ବୋଲି ସେ ଆଇନ କରିଥିଲେ । କେହି ଅନ୍ୟ ଧର୍ମ ଗ୍ରହଣ କଲେ ତାର ସମ୍ପତ୍ତିରେ ଅଧିକାର ରହିବ ବୋଲି ମଧ୍ୟ ଆଇନ କରାଯାଇଥିଲା । ମୋଟ ଉପରେ ଡେଲହାଉସୀଙ୍କ ଅମଳରେ ଭାରତରେ ୟୁରୋପୀୟ ଶିକ୍ଷା ସଭ୍ୟତା ପ୍ରବେଶ କଲା ।

ଲର୍ଡ କ୍ୟାନିଙ୍ଗ୍—୧୮୫୬ ଖ୍ରୀଷ୍ଟାବ୍ଦରେ ଲର୍ଡ କ୍ୟାନିଙ୍ଗ୍ ଗଭର୍ଣ୍ଣର ଜେନେରାଲ ହୋଇ ଆସିଲେ ।

କ୍ୟାନିଙ୍ଗ୍ ପୂର୍ବରୁ ଭାରତରେ ରେଲଗାଡ଼ି, ଡାକଘର, ତାରଡାକ ପ୍ରଭୃତି ହୋଇଥିଲା । ସ୍କୁଲ କଲେଜ ବସି ଶିକ୍ଷା ଦିଆ ଯାଉଥିଲା ।



[ଲର୍ଡ କ୍ୟାନିଂ]

ରାଜାମାନଙ୍କର ପୋଷ୍ୟପୁତ୍ର ଅଧିକାର କାଢ଼ି ନିଆ ଯାଇଥିଲା । ଅନେକ ରାଜା ଓ ରାଜାଙ୍କର କର୍ମଚାରୀ ସେମାନଙ୍କର ପ୍ରାପ୍ୟ ହରାଇ ଥିଲେ । ସେମାନେ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କଲେ । ଲୋକଙ୍କର ଧାରଣା ହେଲା ଯେ, ଇଂରେଜମାନେ ସମସ୍ତଙ୍କୁ ଖ୍ରୀଷ୍ଟିୟାନ କରି ଦେବା ପାଇଁ ଏପରି କାମ କରୁଅଛନ୍ତି ।

Digitized by PPRACHIN, SOA

ସିପାହୀ ବିଦ୍ରୋହ—କ୍ୟାନିଙ୍ଗ୍ ସିପାହୀମାନଙ୍କୁ ବାଧ୍ୟ କଲେ ଯେ, ଆବଶ୍ୟକ ହେଲେ ସେମାନେ ସମୁଦ୍ର ପାର ହୋଇ ବିଦେଶରେ ମଧ୍ୟ ଯୁଦ୍ଧ କରିବେ । ଏଥିରେ ସେମାନେ ଅସନ୍ତୁଷ୍ଟ ହେଲେ । ଏହି ସମୟରେ ଏକ ପ୍ରକାର ନୂଆ ବନ୍ଧୁକ ବାହାରିଲା । ଏଥିରେ ଯେଉଁ ଟୋଟା ବ୍ୟବହାର ହେଉଥିଲା ତାହାର ଅଗକୁ ଦାନ୍ତରେ କାମୁଡ଼ି ଛିଣ୍ଡାଇବାକୁ ପଡ଼ୁଥିଲା । ଶୁଣାଗଲା ଯେ, ଏଥିରେ ଗୋରୁ ଏବଂ ଘୁସୁରିର ଚର୍ବି ଲାଗିଅଛି । ହିନ୍ଦୁ ଓ ମୁସଲମାନ ସିପାହୀମାନେ ମନେ କଲେ ଯେ, ସେମାନଙ୍କ ଜାତି ଓ ଧର୍ମ ନଷ୍ଟ କରିବା ପାଇଁ ଇଂରେଜମାନେ ଏପରି କରିଅଛନ୍ତି । ଏହା ଫଳରେ ସିପାହୀମାନଙ୍କର ଅସନ୍ତୋଷ ଅଧିକ ବଢ଼ିଲା । ୧୮୫୭ ଖ୍ରୀଷ୍ଟାବ୍ଦରେ ବାରାକପୁରର ସିପାହୀମାନେ ବିଦ୍ରୋହୀ ହେଲେ । ଏହା ପରେ ମିରଟ, ଦିଲ୍ଲୀ ଅଞ୍ଚଳରେ ବିଦ୍ରୋହ ବ୍ୟାପିଲା । ମୋଗଲ ସମ୍ରାଟଙ୍କ ବଂଶଧର ବାହାଦୁର ସାହ, ପେଶବାଙ୍କ ପୋଷ୍ୟପୁତ୍ର ନାନା ସାହେବ, ଅଯୋଧ୍ୟାର ବେଗମ, ଝାନ୍‌ସୀର ରାଣୀ ଲକ୍ଷ୍ମୀବାଈ ପ୍ରଭୃତି ବିଦ୍ରୋହୀମାନଙ୍କ ସହିତ ଯୋଗ ଦେଲେ । ବିଦ୍ରୋହୀମାନେ ମିରଟ୍, କାନପୁର, ଦିଲ୍ଲୀ, ଲକ୍ଷ୍ନୌ, ଝାନ୍‌ସୀ, ଅଯୋଧ୍ୟା ସବୁଠାରେ ଦେଖା ଦେଲେ । ସେମାନେ ଇଂରେଜଙ୍କୁ ମାରି ଖଜଣାଖାନା ଲୁଟି କଲେ ଓ ଜେଲଖାନା ଭାଙ୍ଗି ଦେଲେ । ବିଦ୍ରୋହୀ ସିପାହୀମାନଙ୍କର ସଂଖ୍ୟା ପ୍ରାୟ ଦୁଇଲକ୍ଷ ଥିଲା । ପ୍ରଥମେ ପ୍ରଥମେ ସିପାହୀମାନେ ଜୟ କରୁଥିଲେ । କିନ୍ତୁ ଅସ୍ତେ ଅସ୍ତେ ଇଂରେଜମାନେ ବିଦ୍ରୋହ ଦମନ କରିଥିଲେ । ନେପାଳ, ହାଇଦ୍ରାବାଦ ଓ ପଞ୍ଜାବର ଶାସନ-କର୍ତ୍ତାମାନେ ଇଂରେଜମାନଙ୍କୁ ଏହି ସମୟରେ ସାହାଯ୍ୟ ଦେଇ-ଥିଲେ । ବିଦ୍ରୋହୀମାନଙ୍କର ଜଣେ ନେତା ତାନ୍ତିଆ ଟୋପି ଧରା ହୋଇ ଫାଶି ପାଇଲେ । ଝାନସୀର ରାଣୀ ଯୁଦ୍ଧ କରୁ କରୁ ମଲେ ।

Digitized by PPRACHIN, SOA

କେତେକ ସିପାହୀ ନେତା ନେପାଳର ତରାଇ ଅଞ୍ଚଳରେ ଲୁଚିଲେ । ୧୮୫୮ ଖ୍ରୀଷ୍ଟାବ୍ଦ ଜୁନମାସ ବେଳକୁ ବିଦ୍ରୋହ ଶାନ୍ତ ପଡ଼ିଗଲା । ଯେଉଁମାନେ ସିପାହୀ ବିଦ୍ରୋହରେ ସଂପୃକ୍ତ ଥିଲେ କ୍ୟାନିଂ ସେମାନଙ୍କୁ ଯଥେଷ୍ଟ ଦୟା ଦେଖାଇ ଥିଲେ ।

ମହାରାଣୀଙ୍କ ଘୋଷଣା ପତ୍ର—୧୮୫୮ ଖ୍ରୀଷ୍ଟାବ୍ଦ

[ଭିକ୍ଟୋରିଆ]

ନଭେମ୍ବର ମାସରେ ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆ ଗୋଟିଏ ଘୋଷଣା ପତ୍ର ପ୍ରଚାର କଲେ । ଏହି ଘୋଷଣା ପତ୍ର ଦ୍ୱାରା ଭାରତ ଶାସନ ଭାର କମ୍ପାନୀଙ୍କଠାରୁ କାଢ଼ି ନିଆଗଲା । ଇଂଲଣ୍ଡର ରାଜା ବା ରାଣୀ ଭାରତର ଶାସନ ଭାର ନେଲେ । ଏଥିରେ ଦେଶୀୟ ରାଜାମାନଙ୍କୁ କୌଣସି ପୂର୍ବ ସୁବିଧାରୁ ବଞ୍ଚିତ କରାଯିବ ନାହିଁ ବୋଲି ଆଶ୍ୱାସନା ଦିଆଗଲା । ଦେଶୀୟ ରାଜାମାନଙ୍କ ପୋଷ୍ୟପୁତ୍ର ଗ୍ରହଣ କରିବା ନୀତି ସ୍ୱୀକାର କରାଗଲା । ଇଂରେଜ ସରକାର କାହାର ଧର୍ମରେ ହସ୍ତକ୍ଷେପ କରିବେ ନାହିଁ ଓ ଜାତି ଧର୍ମ ବିଚାର ନ କରି ଯୋଗ୍ୟତାନୁସାରେ ରାଜକାର୍ଯ୍ୟ ଦେବେ । ଭାରତର ଗଭର୍ଣ୍ଣର ଜେନେରାଲ ସେହିଦିନଠାରୁ ଇଂଲଣ୍ଡର ରାଜ-ପ୍ରତିନିଧି ହେଲେ ।

Digitized by PPRACHIN, SOA

ପ୍ରଶ୍ନ

୧ । ଲର୍ଡ଼ ଡେଲ୍‌ହାଉସୀଙ୍କ ଦ୍ୱାରା ଭାରତରେ ପ୍ରବର୍ତ୍ତିତ ସଂସ୍କାର-ଗୁଡ଼ିକ ବର୍ଣ୍ଣନା କର । (ବୃଃ ପଃ ୧୯୫୧)

୨ । ଲର୍ଡ଼ କର୍ଣ୍ଣୱାଲିସ୍‌ଙ୍କ ଶାସନ କାଳରେ କ କ ପ୍ରଧାନ ଘଟଣା ଘଟିଥିଲା ? (ବୃଃ ପଃ ୧୯୪୭)

୩ । ଲର୍ଡ଼ ଉଇଲିୟମ ବେଣ୍ଟିଙ୍କଙ୍କ ଅମଳରେ ହୋଇଥିବା ସଂସ୍କାର-ଗୁଡ଼ିକ ଲେଖ । (ବୃଃ ପଃ ୧୯୫୦)

୪ । ନିମ୍ନଲିଖିତ ଘଟଣାଗୁଡ଼ିକ କାଳର କ୍ରମ ଅନୁସାରେ ସଜାଇ ଲେଖଃ—ସତୀଦାହ ପ୍ରଥା ନିବାରଣ, ଇଂରେଜମାନଙ୍କର ବଙ୍ଗଳା ଅଧିକାର, ଇଂରେଜମାନଙ୍କର ଓଡ଼ିଶା ଅଧିକାର, ମହାରାଣୀ ଭିକ୍ଟୋରିୟାଙ୍କ ଘୋଷଣା ପତ୍ର, ଚିରସ୍ଥାୟୀ ବନ୍ଦୋବସ୍ତ, ସାମନ୍ତ ସନ୍ଧି ପ୍ରବର୍ତ୍ତନ, ନନ୍ଦକୁମାରଙ୍କ ଫାଶୀ, ପ୍ରଥମ ଶିଖ ସମର ।

୫ । ଟିପ୍ପଣୀ ଲେଖଃ—

ରୋହିଲା ଯୁଦ୍ଧ, ଚୈତସିଂହ, ରେଗୁଲେଟିଂ ଆକ୍ଟ, ଚିରସ୍ଥାୟୀ ବନ୍ଦୋବସ୍ତ, ଟିପୁ ସୁଲତାନ, ସାମନ୍ତ ସନ୍ଧିସର୍ତ୍ତ, ଖୋର୍ଦ୍ଧା ଓ ମୁକୁନ୍ଦଦେବ, ରଣଜିତ ସିଂହ, ଦ୍ୱିତୀୟ ଶିଖସମର, ସିପାହୀ ବିଦ୍ରୋହର କାରଣ, ମହାରାଣୀ ଭିକ୍ଟୋରିୟାଙ୍କ ଘୋଷଣା ପତ୍ର ।

Digitized by PPRACHIN, SOA

ପଞ୍ଚମ ଅଧ୍ୟାୟ

ଭାଇସରଏ ରାଜତ୍ୱ

ଲର୍ଡ଼ କ୍ୟାନିଙ୍ଗ୍ ୧୮୫୮ ଖ୍ରୀଷ୍ଟାବ୍ଦଠାରୁ ୧୮୬୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତର ଭାଇସରଏ ବା ରାଜ ପ୍ରତିନିଧି ଥିଲେ । ତାଙ୍କ ସମୟରେ କଲିକତା, ବମ୍ବେ ଓ ମାନ୍ଦ୍ରାଜରେ ଗୋଟିଏ ଲେଖାଏଁ ହାଇକୋର୍ଟ ଓ ଉଚ୍ଚଶିକ୍ଷା ପାଇଁ ଗୋଟିଏ ଲେଖାଏଁ ବିଶ୍ୱବିଦ୍ୟାଳୟ ବସିଥିଲା । ପ୍ରଥମ ଭାଇସରଏ ବା ରାଜ ପ୍ରତିନିଧି ଲର୍ଡ଼ କ୍ୟାନିଙ୍ଗ୍ ୧୮୬୨ ଖ୍ରୀଷ୍ଟାବ୍ଦରେ ବିଲାତ ଚାଲି ଗଲେ ।

ଲର୍ଡ ଏଲଗିନ୍ (୧୮୬୨—୧୮୬୩) —ସେ ପ୍ରାୟ ଦେଢ଼ବର୍ଷ ଭାଇସରଏ ହୋଇଥିଲେ । ଏହି ଭାରତରେ ତାଙ୍କର ମୃତ୍ୟୁ ହୋଇଥିଲା । ଭାରତର ଉତ୍ତର ପଶ୍ଚିମ ଅଞ୍ଚଳରେ ଦଳେ ମୁସଲମାନ ବଡ଼ ଅତ୍ୟାଚାର କରୁଥିଲେ । ଏଲଗିନ୍ ସେମାନଙ୍କୁ ଦମନ କରିଥିଲେ ।

ସର ଜନ୍ ଲରେନ୍ସ (୧୮୬୪—୧୮୬୯)—ସେ ଭାରତର ଜଣେ ପୁରୁଣା କର୍ମଚାରୀ ଥିଲେ । ଏହାଙ୍କ ଅମଳରେ ୧୮୬୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ଗୋଟିଏ ଭୟଙ୍କର ଦୁର୍ଭିକ୍ଷ ହୋଇଥିଲା । ପୁରୀରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଏହା ହୋଇଥିବାରୁ ଏହାକୁ ନଅଙ୍କ ଦୁର୍ଭିକ୍ଷ କହନ୍ତି । ରେଭେନ୍ସା ସାହେବ ସେତେବେଳେ ଓଡ଼ିଶାର କମିଶନର ଥିଲେ । ଏହି ଦୁର୍ଭିକ୍ଷରେ ଓଡ଼ିଶାର କୋଡ଼ିଏ ଲକ୍ଷ ଲୋକେ ମରି ଯାଇଥିଲେ ।

ଲରେନ୍ସ ଯୁଦ୍ଧ ବିରୋଧୀ ଥିଲେହେଁ ତାଙ୍କୁ ଭୁଟାନକୁ ସୈନ୍ୟ ପଠାଇବାକୁ ପଡ଼ିଥିଲା । ଭୁଟାନ ଯୁଦ୍ଧ ଫଳରେ ଗୋଟିଏ ଛୋଟ ଅଞ୍ଚଳ ଇଂରେଜଙ୍କ ଅଧିକାରକୁ ଆସିଥିଲା ।

Digitized by PPRACHIN, SOA

ଲର୍ଡ଼ ମେୟୋ (୧୮୬୯—୧୮୭୨)—ସେ ଦେଶର ଆୟ ବ୍ୟୟର ସୁବନ୍ଦୋବସ୍ତ କରିଥିଲେ ଓ ପୂର୍ତ୍ତ ବିଭାଗର ଉନ୍ନତି କରିଥିଲେ । ସେ ଅମ୍ବାଲାଠାରେ ଗୋଟିଏ ଦରବାର କରି ସେର୍ ଅଲିଙ୍କୁ ଅଫଗାନସ୍ଥାନର ଅମୀର ବୋଲି ଘୋଷଣା କରିଥିଲେ । ଦେଶୀୟ ରାଜାଙ୍କ ପୁଅମାନଙ୍କ ଶିକ୍ଷା ପାଇଁ ସେ ଆଜମିରରେ ମେୟୋ କଲେଜ ସ୍ଥାପନ କରାଇଥିଲେ । ୧୮୭୨ ଖ୍ରୀଷ୍ଟାବ୍ଦରେ ସେ ଆଣ୍ଡାମାନକୁ ବୁଲି ଯାଇଥିଲେ । ସେଠାରେ ଜଣେ ମୁସଲମାନ ତାଙ୍କୁ ହତ୍ୟା କରିଥିଲା ।

ଲର୍ଡ଼ ନର୍ଥବ୍ରୁକ୍ (୧୮୭୨—୧୮୭୬)—ଏହାଙ୍କ ସମୟରେ ବରୋଦାର ଗାଏକୋବାଡ଼ ମହ୍ଲାର ରାଓଙ୍କୁ ପଦଚ୍ୟୁତ କରାଯାଇ ଥିଲା । ୧୮୭୫ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ଯୁବରାଜ ସପ୍ତମ ଏଡ଼ୱାର୍ଡ଼ ଭାରତ ଭ୍ରମଣରେ ଆସିଥିଲେ ।

ଲର୍ଡ଼ ଲିଟନ (୧୮୭୬—୧୮୮୦)—ମହାରାଣୀ ଭିକ୍ଟୋରିଆ ଭାରତର ସାମ୍ରାଜ୍ଞୀ ଉପାଧି ଗ୍ରହଣ କରିବା କଥା ୧୮୭୭ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀରେ ଗୋଟିଏ ଦରବାର ହୋଇ ସେଥିରେ ଘୋଷଣା କରି ଯାଇଥିଲା । ଦାକ୍ଷିଣାତ୍ୟରେ ଦୁଇବର୍ଷ ଲାଗି ଦୁର୍ଭିକ୍ଷ ପଡ଼ିଥିଲା ଓ ଏଥିରେ ଅନେକ ଲୋକ ମରିଥିଲେ ।

ଲର୍ଡ଼ ଲିଟନ ସମ୍ବାଦ ପତ୍ର ଆଇନ ଓ ଅସ୍ତ୍ର ଆଇନ ଚଳାଇଥିଲେ । ଏହାଦ୍ୱାରା ସମ୍ବାଦପତ୍ରମାନଙ୍କର ସ୍ୱାଧୀନ ମତ ପ୍ରକାଶରେ ବାଧା ପଡ଼ିଲା ଓ ବିନା ଲାଇସେନ୍‌ସରେ ଅସ୍ତ୍ର ଶସ୍ତ୍ର ରଖିବା ଦଣ୍ଡନୀୟ ହେଲା ।

ଅଫଗାନସ୍ଥାନର ଅମୀର୍ ସେର ଅଲି ଇଂରେଜଙ୍କ ପରିବର୍ତ୍ତେ ରୁଷିଆ ସଙ୍ଗେ ବନ୍ଧୁତା କରୁଥିବାର ଦେଖି ଲିଟନ ତାଙ୍କ ସଙ୍ଗେ

Digitized by PPRACHIN, SOA

ଯୁଦ୍ଧ କରିଥିଲେ । ସେର ଅଲ୍ ହାରିଯାଇ ରୁଷିଆକୁ ପଳାଇଲେ ଓ ସେଠାରେ ତାଙ୍କର ମୃତ୍ୟୁ ହେଲା । ତାଙ୍କ ପୁଅ ମଧ୍ୟ ହାରିଯାଇ କାବୁଲରେ ଜଣେ ଇଂରେଜ ଦୂତ ରଖିଲେ । ଏହି ରାଜଦୂତଙ୍କୁ ହତ୍ୟା କରାଯିବାରୁ ପୁଣି ଯୁଦ୍ଧ ଚାଲିଲା । ଇଂରେଜମାନେ କେତେତକ ଥର ହାରି ଶେଷରେ ଜିଣିଲେ । ସେମାନେ କାନ୍ଦାହାର ଅଧିକାର କରି ଅବଦୁର ରହମାନଙ୍କୁ ଅମୀର ଗାଦିରେ ବସାଇଲେ । ଏହାକୁ ଦ୍ୱିତୀୟ ଅଫଗାନ ଯୁଦ୍ଧ କହନ୍ତି । ଏହି ଯୁଦ୍ଧ ଚାଲିଥିବା ବେଳେ ଲର୍ଡ଼ ଲିଟନ ୧୮୮୦ ଖ୍ରୀଷ୍ଟାବ୍ଦରେ ଇସ୍ତଫାଦେଇ ଚାଲି ଯାଇଥିଲେ ।

ଲର୍ଡ଼ ରିପନ୍ (୧୮୮୦—୧୮୮୪)—ଏହାଙ୍କ ସମୟରେ ଦ୍ୱିତୀୟ ଅଫଗାନ ଯୁଦ୍ଧ ଶେଷ ହୋଇଥିଲା । ଇଏନ୍ ମହୀଶୂରକୁ ପୂର୍ବ ଦେଶୀୟ ହିନ୍ଦୁ ରାଜାଙ୍କ ବଂଶଧରଙ୍କୁ ଫେରାଇ ଦେଇଥିଲେ । ଏହାଙ୍କ ଅମଳରେ ୧୮୮୧ ଖ୍ରୀଷ୍ଟାବ୍ଦରେ ଭାରତର ପ୍ରଥମ ଜନଗଣନା ହୋଇଥିଲା । ସେ ସମ୍ବାଦପତ୍ର ଆଇନକୁ ଉଠାଇ ଦେଇଥିଲେ । ଶାସନ କାର୍ଯ୍ୟରେ ଲୋକ ସାଧାରଣଙ୍କୁ ଅଧିକାର ଦେବାକୁ ସେ ସ୍ୱାୟତ୍ତଶାସନ ବିଭାଗ ଖୋଲିଥିଲେ । ମ୍ୟୁନିସିପାଲିଟି ଓ ଜିଲ୍ଲା-



[ଲର୍ଡ଼ ରିପନ]

ବୋର୍ଡ଼ମାନ ବସିଥିଲା ଓ ସେଥିରେ ବେସରକାରୀ ଲୋକ ନେତୃତ୍ୱାଙ୍କୁ-

Digitized by PPRACHIN, SOA

ମ୍ୟାନ ହେବାର ବ୍ୟବସ୍ଥା ଥିଲା । ଲର୍ଡ ରିପନ ଏହିସବୁ କାମ କରି ବଡ଼ ଲୋକପ୍ରିୟ ହୋଇଥିଲେ ।

ଲର୍ଡ ଡଫରିନ୍ (୧୮୮୪—୧୮୮୮)—ତୃତୀୟ ବ୍ରହ୍ମସମର ଏହାଙ୍କ ସମୟରେ ଘଟିଥିଲା । ବ୍ରହ୍ମଦେଶର ରାଜା ଥିବ୍ ଫରାସୀମାନଙ୍କୁ ବାଣିଜ୍ୟ ସୁବିଧା ଦେଇ ତାଙ୍କ ସାହାଯ୍ୟ ନେବାରୁ ଡଫରିନ୍ ବ୍ରହ୍ମଦେଶକୁ ସୈନ୍ୟ ପଠାଇ ମାଣ୍ଡାଲେ ଅଧିକାର କରିନେଲେ । ବ୍ରହ୍ମରାଜ ସପରିବାର ବିତାଡ଼ିତ ହେଲେ ଓ ବ୍ରହ୍ମ-ଦେଶର ଉତ୍ତରାଞ୍ଚଳ ଭାରତ ସାମ୍ରାଜ୍ୟରେ ମିଶିଗଲା ।

୧୮୮୭ ଖ୍ରୀଷ୍ଟାବ୍ଦରେ ମହାରାଣୀ ଭିକ୍ଟୋରିଆଙ୍କ ରାଜତ୍ୱର ପଚାଶ ବର୍ଷ ପୂରିବାରୁ ସୁବର୍ଣ୍ଣ ଜୁବିଲି ଉତ୍ସବ ହୋଇଥିଲା ।

ଇଂରେଜ ସରକାର ଭାରତବାସୀଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରି ସେମାନଙ୍କୁ ଶାସନର ଦାୟିତ୍ୱ ଦେବାକୁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ୧୮୮୫ ଖ୍ରୀଷ୍ଟାବ୍ଦରେ ଭାରତ ଜାତୀୟ କଂଗ୍ରେସର ପ୍ରତିଷ୍ଠା ହୋଇଥିଲା ।

ଲର୍ଡ ଲାନ୍ସଡାଉନ୍ (୧୮୮୮—୧୮୯୪)—୧୮୯୧ ଖ୍ରୀଷ୍ଟାବ୍ଦରେ ଆସାମର ମଣିପୁରରେ ଜଣେ ଇଂରେଜ କର୍ମଚାରୀ ନିହତ ହେଲେ । ତହୁଁ ଲାନସ୍‌ଡାଉନ୍ ସୈନ୍ୟ ପଠାଇ ମଣିପୁର ଅଧିକାର କଲେ । ରାଜବଂଶର ଜଣେ ବାଳକ ସିଂହାସନରେ ବସିଲେ ଓ ଜଣେ ପଲିଟିକାଲ ଏଜେଣ୍ଟ ରାଜ୍ୟର ହାଲଚାଲ ବୁଝିଲେ ।

ଦ୍ୱିତୀୟ ଲର୍ଡ ଏଲଗିନ୍ (୧୮୯୪—୧୮୯୯)—ସେ ପୂର୍ବବର୍ତ୍ତୀ ଭାଇସରଏ ଏଲଗିନଙ୍କର ପୁତ୍ର ଥିଲେ । ୧୮୯୬ ଖ୍ରୀଷ୍ଟାବ୍ଦରେ ଭାରତରେ ପ୍ରଥମେ ପ୍ଲେଗ ରୋଗ ଦେଖା ଦେଇଥିଲା । ସେହି ବର୍ଷ ମଧ୍ୟପ୍ରଦେଶ, ବିହାର ଓ ଯୁକ୍ତ ପ୍ରଦେଶରେ ଦୁର୍ଭିକ୍ଷ

Digitized by PPRACHIN, SOA

ପଡ଼ିଥିଲା । ମହାରାଣୀ ଭିକ୍ଟୋରିଆଙ୍କର ରାଜତ୍ୱର ୬୦ ବର୍ଷ ପୂର୍ଣ୍ଣ ହେବାରୁ ୧୮୯୭ ଖ୍ରୀଷ୍ଟାବ୍ଦରେ ହୀରକ ଜୁବୁଲି ଉତ୍ସବ ହୋଇଥିଲା ।

ଲର୍ଡ଼ କର୍ଜନ (୧୮୯୯—୧୯୦୫)—ତିବ୍ବତର ଦଲାଇଲାମା ରୁଷିଆ ସଙ୍ଗେ ବନ୍ଧୁତା କରି ଇଂରେଜଙ୍କର ଶତ୍ରୁତା କରିବାରୁ ଇଂରେଜମାନେ ତିବ୍ବତ ଆକ୍ରମଣ କରିଥିଲେ । ଇଂରେଜମାନେ କିଛି କ୍ଷତିପୂରଣ ପାଇଲେ ଓ ତିବ୍ବତରେ ଚୀନର ଆଧିପତ୍ୟ ସ୍ୱୀକାର କରାଗଲା ।

ହାଇଦ୍ରାବାଦର ନିଜାମ ଇଂରେଜଙ୍କୁ ବେରାର ଛାଡ଼ି ଦେଇଥିଲେ ଓ ତାହା ମଧ୍ୟପ୍ରଦେଶରେ ମିଶି ଯାଇଥିଲା ।

ସେ ସମୟରେ ବଙ୍ଗଳା, ବିହାର, ଆସାମ ଏବଂ ଓଡ଼ିଶା ବଙ୍ଗ ପ୍ରଦେଶର ଅନ୍ତର୍ଗତ ଥିଲା । କର୍ଜନ ପୂର୍ବବଙ୍ଗ ଓ ଆସାମକୁ ଅଲଗା କରି ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କଲେ । ଏଥିରେ ବଙ୍ଗଳାର ଲୋକେ ବଡ଼ ଅସନ୍ତୁଷ୍ଟ ହେଲେ ।

[ଲର୍ଡ଼ କର୍ଜନ]

ବଙ୍ଗ ପ୍ରଦେଶକୁ ଏପରି ଦୁଇଭାଗ କରିବାରେ ଘୋର ଆନ୍ଦୋଳନ ସୃଷ୍ଟି ହେଲା । କେତେକ ଲୋକ ସରକାର ବିରୁଦ୍ଧରେ ଗୁପ୍ତ ବିପ୍ଳବୀ ଦଳ ସୃଷ୍ଟି କଲେ । ମାତ୍ର ସରକାର ଆନ୍ଦୋଳନକାରୀଙ୍କୁ କଠିନ ଦଣ୍ଡ ଦେଇ ଦମନ କରିବାକୁ ଲାଗିଲେ । କର୍ଜନ ଭାରତର ପ୍ରାଚୀନ ଐତିହାସିକ କୀର୍ତ୍ତି ଗୁଡ଼ିକର ସୁରକ୍ଷା ପାଇଁ ଆଇନ କରାଇଥିଲେ ଓ

Digitized by PPRACHIN, SOA

ପ୍ରତ୍ନତତ୍ତ୍ୱ ବିଭାଗ ସ୍ଥାପିତ କରାଇଥିଲେ । କଲିକତାର ଇମ୍ପିରିଅଲ ଲାଇବ୍ରେରୀ ମଧ୍ୟ ତାଙ୍କଦ୍ୱାରା ସ୍ଥାପିତ ହୋଇଥିଲା ।

୧୯୦୧ ଖ୍ରୀଷ୍ଟାବ୍ଦରେ ମହାରାଣୀ ଭିକ୍ଟୋରିଆଙ୍କର ମୃତ୍ୟୁ ହେଲା ଓ ସପ୍ତମ ଏଡ଼ୱାର୍ଡ଼ ସମ୍ରାଟ୍ ହେଲେ । ଏହି ଉପଲକ୍ଷରେ ୧୯୦୩ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀରେ ଗୋଟିଏ ବଡ଼ ଦରବାର ହୋଇଥିଲା ।

ଦ୍ୱିତୀୟ ଲର୍ଡ଼ ମିଣ୍ଟୋ (୧୯୦୫-୧୯୧୦)—ଲର୍ଡ଼ କର୍ଜନ ଇସ୍ତଫା ଦେଇ ୧୯୦୫ ଖ୍ରୀଷ୍ଟାବ୍ଦରେ ବିଲାତ ଗଲେ ଓ ଲର୍ଡ଼ ମିଣ୍ଟୋ ଭାଇସରଏ ହେଲେ । ସେ ପୂର୍ବବର୍ତ୍ତୀ ବଡ଼ଲାଟ ଲର୍ଡ଼ ମିଣ୍ଟୋଙ୍କର ଅଣନାତି ଥିଲେ । ଏହାଙ୍କ ଅମଳରେ ବଙ୍ଗଳାରେ ବିପ୍ଳବ ଭୀଷଣ ହୋଇ ଉଠିଥିଲା । ବିପ୍ଳବୀମାନେ ଅନେକ ସରକାରୀ କର୍ମଚାରୀଙ୍କୁ ମାରି ପକାଇଥିଲେ । ଅନେକ ବିପ୍ଳବୀ ପ୍ରାଣଦଣ୍ଡ, ଦ୍ୱୀପାନ୍ତର ପ୍ରଭୃତି କଠିନ ଦଣ୍ଡ ପାଇଥିଲେ ।

ମିଣ୍ଟୋଙ୍କ ଅମଳରେ ୧୯୦୯ ଖ୍ରୀଷ୍ଟାବ୍ଦରେ ଗୋଟିଏ ଆଇନ୍ ହୋଇଥିଲା । ଏହାକୁ ମର୍ଲେ ମିଣ୍ଟୋ ଶାସନ ସଂସ୍କାର କହନ୍ତି । ଏହାଦ୍ୱାରା ଶାସନରେ କେତେକ ପରିବର୍ତ୍ତନ ହୋଇଥିଲା । ଭାଇସରଏଙ୍କ ମନ୍ତ୍ରଣା ସଭାରେ ଜଣେ ଭାରତୀୟ ରହିଲେ । ପ୍ରାଦେଶିକ ବ୍ୟବସ୍ଥା ସଭାରେ ବହୁ ସଂଖ୍ୟାରେ ବେସରକାରୀ ସଭ୍ୟ ରହିଲେ । ୧୯୧୦ ଖ୍ରୀଷ୍ଟାବ୍ଦରେ ସମ୍ରାଟ୍ ସପ୍ତମ ଏଡ଼ୱାର୍ଡ଼ଙ୍କର ମୃତ୍ୟୁ ଘଟିବାରୁ ପଞ୍ଚମ ଜର୍ଜ ଇଂଲଣ୍ଡ ରାଜା ଓ ଭାରତର ସମ୍ରାଟ୍ ହେଲେ ।

ଦ୍ୱିତୀୟ ଲର୍ଡ଼ ହାର୍ଡିଙ୍ଗସ୍ (୧୯୧୦-୧୯୧୫)—ଏହାଙ୍କୁ ମାରିବା ପାଇଁ ସ୍ୱଦେଶୀ ଆନ୍ଦୋଳନର ବିପ୍ଳବୀମାନେ ବୋମା ପକାଇଥିଲେ, କିନ୍ତୁ ସେ ରକ୍ଷା ପାଇଯାଇଥିଲେ ।

୧୯୧୧ ଖ୍ରୀଷ୍ଟାବ୍ଦରେ ନୂତନ ସମ୍ରାଟ୍ ପଞ୍ଚମ ଜର୍ଜ ସାମ୍ରାଜ୍ଞୀ ମେରୀଙ୍କ ସଙ୍ଗେ ଭାରତଭ୍ରମଣରେ ଆସିଥିଲେ । ଏହି ଉଦ୍ଦେଶ୍ୟରେ ଦିଲ୍ଲୀରେ ଗୋଟିଏ ବଡ଼ ଦରବାର ହୋଇଥିଲା । ସେ ଘୋଷଣା

Digitized by PPRACHIN, SOA

କଲେ ଯେ, ଆସାମ ଏବଂ ବିହାର ଓ ଓଡ଼ିଶା ଦୁଇଟି ଅଲଗା ପ୍ରଦେଶ ହେବ ଏବଂ ପୂର୍ବ ବଙ୍ଗଳା ପୁଣି ବଙ୍ଗଳା ସହିତ ମିଶିବ । ଭାରତର ରାଜଧାନୀ ଦିଲ୍ଲୀକୁ ଉଠି ଆସିବ ।

ଇଉରୋପୀୟ ମହାସମର—(୧୯୧୪-୧୯୧୮)—ଇଉରୋପୀୟ ମହାସମର ଏହାଙ୍କ ଅମଳରେ ପ୍ରଧାନ ଘଟଣା । ଜର୍ମାନ ଜାତି ବଡ଼ ସାମ୍ରାଜ୍ୟ ଗଢ଼ିବା ପାଇଁ ଚେଷ୍ଟା କରୁଥିଲେ । ସେମାନେ ଯୁଦ୍ଧ ପାଇଁ ବହୁତ ଯୋଗାଡ଼ କରୁଥିଲେ ।

୧୯୧୪ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୪ ତାରିଖରେ ଜର୍ମାନୀର ବନ୍ଧୁ ଅଷ୍ଟ୍ରିଆ ରାଜ୍ୟର ଉତ୍ତରାଧିକାରୀଙ୍କୁ ସର୍ବିୟାରେ କିଏ ହତ୍ୟା କରିଦେଲା । ଏଥିପାଇଁ ଅଷ୍ଟ୍ରିଆ ଓ ସର୍ବିୟା ମଧ୍ୟରେ ଘୋର ଯୁଦ୍ଧ ଆରମ୍ଭ ହେଲା । ଅଷ୍ଟ୍ରିଆ ପକ୍ଷରେ ଜର୍ମାନୀ, ବୁଲଗେରିଆ ଓ ତୁରସ୍କ ରହିଲେ । ସର୍ବିୟା ପକ୍ଷରେ ଇଂଲଣ୍ଡ, ଫ୍ରାନ୍ସ, ରୁଷିଆ, ଇଟାଲୀ, ବେଲଜିୟମ୍ ଓ ଜାପାନ ପ୍ରଭୃତି ରହିଲେ । ଚାରି ବର୍ଷ ଯୁଦ୍ଧ ହେଲା । ଶେଷ ବର୍ଷ ଆମେରିକା ଇଂରେଜ ପକ୍ଷ ନେଲା । ଜର୍ମାନମାନେ ପରାସ୍ତ ହେଲେ ।

ବିଶ୍ୱଜାତି ସଂଘ—ଭବିଷ୍ୟତରେ ଏପରି ଭୀଷଣ, ମାରାତ୍ମକ ଯୁଦ୍ଧ ବନ୍ଦ କରିବାପାଇଁ ଜେନେଭାଠାରେ ଗୋଟିଏ ବିଶ୍ୱ ଜାତି ସଙ୍ଘ ଗଢ଼ା ହେଲା । ଏଥିରେ ପୃଥିବୀର ପ୍ରାୟ ସବୁଦେଶ ଯୋଗ ଦେଇ ମେମ୍ବର ହୋଇ ରହିଲେ ।

ଲର୍ଡ଼ ଚେମସ୍‌ଫୋର୍ଡ଼ (୧୯୧୬-୧୯୨୦)—୧୯୧୮ ମସିହାରେ ପ୍ରଥମ ମହାସମର ଶେଷ ହେଲା । ଯୁଦ୍ଧରେ ସାହାଯ୍ୟ କରିଥିବାରୁ ଇଂରେଜମାନେ ଭାରତକୁ କେତେକ ପରି-ମାଣରେ ସ୍ୱାୟତ୍ତ ଶାସନ ଦେବାକୁ କହିଥିଲେ । ତେଣୁ ବଡ଼ଲାଟ ଚେମସ୍ ଫୋର୍ଡ଼ ଏବଂ ସେ ସମୟର ଭାରତର ସେକ୍ରେଟେରୀ ଅଫ୍ ଷ୍ଟେଟସ୍ ମଣ୍ଟେଗୁ ସାହେବ ମିଳି ଗୋଟିଏ ନୂଆ ଶାସନ ପ୍ରଣାଳୀ

Digitized by PPRACHIN, SOA

ବ୍ୟବସ୍ଥା କଲେ । ଏହାର ନାମ **ମଣ୍ଟଫୋର୍ଡ଼ ସଂସ୍କାର ।** ଭାରତର ଶାସନ ପାଇଁ ଗୋଟିଏ ବ୍ୟବସ୍ଥାସଭା ଓ ଗୋଟିଏ କାଉନ୍‌ସିଲ ଅଫ୍ ଷ୍ଟେଟସ୍ ରହିଲା । ଏଥିରେ ବହୁ ସଂଖ୍ୟାରେ ଭାରତୀୟ ପ୍ରତିନିଧି ରହିଲେ । ପ୍ରଦେଶମାନଙ୍କରେ ଗୋଟିଏ ଲେଖାଏଁ ବ୍ୟବସ୍ଥା ସଭା ରହିଲା । ଏହି ସଭାର ଅଧିକାଂଶ ସଭ୍ୟ ନିର୍ବାଚିତ ପ୍ରତିନିଧି ହେଲେ । ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି କେତେକ ବିଭାଗ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ନିଯୁକ୍ତ ମନ୍ତ୍ରୀମାନଙ୍କ ଉପରେ ନ୍ୟସ୍ତ ହେଲା ।

ଚେମସ୍‌ଫୋର୍ଡ଼ଙ୍କ ସମୟରେ ତୃତୀୟ ଆଫଗାନଯୁଦ୍ଧ ହୋଇଥିଲା । ୧୯୧୯ ଖ୍ରୀଷ୍ଟାବ୍ଦରେ ଆଫଗାନିସ୍ଥାନର ଅମୀର ନିହତ ହେବାରୁ ତାଙ୍କ ପୁତ୍ର ଅମାନୁଲା ଅମୀର ହେଲେ । ସେ ଇଂରେଜମାନଙ୍କର ଶତ୍ରୁତା କରିବାରୁ ଏହି ଯୁଦ୍ଧ ହୋଇଥିଲା । ୧୯୧୯ ଖ୍ରୀଷ୍ଟାବ୍ଦରେ ରାବଲପିଣ୍ଡି ଠାରେ ସନ୍ଧି ହେଲା । ଲଣ୍ଡନରେ ଆଫଗାନିସ୍ଥାନର ଜଣେ ମନ୍ତ୍ରୀ ରହିଲେ ।

[ମହାତ୍ମା ଗାନ୍ଧୀ]

ମଣ୍ଟେଗୁ ଓ ଚେମସ୍‌ଫୋର୍ଡ଼ଙ୍କ ଦ୍ୱାରା ଭାରତରେ ଯେଉଁ ଶାସନ ସଂସ୍କାର କରାଗଲା, ସେଥିରେ ଭାରତୀୟ ନେତାମାନେ ସନ୍ତୁଷ୍ଟ ହେଲେ ନାହିଁ । ଇଂରେଜ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ପୁଣି ହେଲା । ମହାତ୍ମାଗାନ୍ଧୀ ଏହି ଆନ୍ଦୋଳନର ନେତା ହେଲେ । ଆନ୍ଦୋଳନକୁ ଦବାଇବା ପାଇଁ ସରକାରଙ୍କ ପକ୍ଷରୁ ନାନା ପ୍ରକାର ଅତ୍ୟାଚାର କରାଯାଇଥିଲା । ଜାଲିଆନା-

Digitized by PPRACHIN, SOA

ବାଲିବ୍ୟାଗଠାରେ ବହୁସଂଖ୍ୟକ ଲୋକଙ୍କୁ ହତ୍ୟା କରାଯାଇଥିଲା । ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ନେତାମାନେ ସରକାରଙ୍କ ସହିତ ଅସହଯୋଗ କଲେ । ଆଉ ଅଳ୍ପ କେତେ ଜଣ ନେତା ସରକାରଙ୍କୁ ସାହାଯ୍ୟ ମଧ୍ୟ କରିଥିଲେ । ଲର୍ଡ଼ ସିଂହ ଭାରତୀୟମାନଙ୍କ ମଧ୍ୟରେ ପ୍ରଥମେ ଲାଟପଦ ପାଇଥିଲେ ।

ଲର୍ଡ଼ ରିଡ଼ିଂ (୧୯୨୧-୧୯୨୬)—ଏହାଙ୍କ ଅମଳରେ ଲୁଣ ଉପରେ ଟିକସ ବଢ଼ିବାରୁ ଅସହଯୋଗ ଆନ୍ଦୋଳନ ଅଧିକ ତେଜି ଉଠିଲା । ମହାତ୍ମା ଗାନ୍ଧୀ ବନ୍ଦୀ ହେଲେ । କିଛି ଦିନ ପରେ ମହାତ୍ମା ଗାନ୍ଧୀ ମୁକ୍ତ ପାଇଲେ ଓ ଲୁଣ ଟିକସ କମିଗଲା ।

ଲର୍ଡ଼ ଏରୁଇନ୍ (୧୯୨୬—୧୯୩୧)—ଭାରତର ଶାସନ ସଂସ୍କାର କରିବା ଉଦ୍ଦେଶ୍ୟରେ ବିଲାତ ସରକାର ସାଇମନ୍ ସାହେବଙ୍କ ଅଧୀନରେ ଦଳେ ପ୍ରତିନିଧିଙ୍କୁ ଭାରତକୁ ପଠାଇଥିଲେ । ମହାତ୍ମା ଗାନ୍ଧୀ ଏହି ସମୟରେ ଲବଣ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ । ଏଥିପାଇଁ ମହାତ୍ମାଗାନ୍ଧୀଙ୍କୁ ବନ୍ଦୀ ହେବାକୁ ପଡ଼ିଥିଲା । ଏହାପରେ ବିଲାତରେ ପ୍ରଥମ ଗୋଲଟେବୁଲ ବୈଠକ ବସିଲା । ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ନେତାମାନେ ଖଲାସ ହେଲେ । ମହାତ୍ମା ଗାନ୍ଧୀ ଓ ଏରୁଇନ୍‌ଙ୍କ ଭିତରେ ଚୁକ୍ତି ହେଲା ।

[ଲର୍ଡ଼ ଏରୁଇନ୍]

Digitized by PPRACHIN, SOA

ଲର୍ଡ଼ ଉଇଲିଙ୍ଗଡ଼ନ୍ (୧୯୩୧-୧୯୩୬)—ଏହାଙ୍କ ସମୟରେ ବିଲାତରେ ଦ୍ୱିତୀୟ ଓ ତୃତୀୟ ଗୋଲଟେବୁଲ ବୈଠକ ହୋଇଥିଲା । ଏହି ବୈଠକରେ ମହାତ୍ମା ଗାନ୍ଧୀ, ପଣ୍ଡିତ ମାଲବ୍ୟ ପ୍ରଭୃତି ନେତାମାନେ ଯୋଗ ଦେଇଥିଲେ । ଏଥିରେ କିଛି ସ୍ଥିର ହୋଇପାରିଲା ନାହିଁ । ମହାତ୍ମା ଗାନ୍ଧୀ ପୁଣି ଆଇନ ଅମାନ୍ୟ ଆନ୍ଦୋଳନ କଲେ । ସରକାର ମହାତ୍ମା ଗାନ୍ଧୀଙ୍କ ସହିତ କଂଗ୍ରେସ ନେତାମାନଙ୍କୁ ବନ୍ଦୀ କଲେ । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଅନେକ ସ୍ଥାନରେ ବିରୋଧ ଘଟିଲା । ଏହିପରି ଅବସ୍ଥାରେ ବିଲାତରେ ତୃତୀୟ ଗୋଲଟେବୁଲ ବୈଠକ ହେଲା । ୧୯୩୫ ମସିହାରେ ଗୋଟିଏ ନୂଆ ଭାରତ ଶାସନ ଆଇନ ହେଲା । ଏଥିରେ ବ୍ୟବସ୍ଥା ହେଲା ଯେ,ଭାରତ ଗୋଟିଏ ରାଷ୍ଟ୍ର ହେବ ଓ ପ୍ରଦେଶମାନେ ଶାସନ ବିଷୟରେ ସ୍ୱତନ୍ତ୍ରତା ପାଇବେ । ସିନ୍ଧୁ ଓ ଓଡ଼ିଶା ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ପ୍ରଦେଶ ହେବ । ଏହି ଆଇନ ଅନୁସାରେ ୧୯୩୬ ମସିହା ଅପ୍ରେଲ ଠାରୁ ଓଡ଼ିଶା ଓ ସିନ୍ଧୁ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଲେ । ଏହି ଆଇନର ଅନ୍ୟାନ୍ୟ କେତେକ ଅଂଶ କାର୍ଯ୍ୟରେ ପରିଣତ ହୋଇପାରିଲା ନାହିଁ । ଏହି ସମୟରେ ୧୯୩୫ ମସିହାରେ

[ଷଷ୍ଠ ଜର୍ଜ]

Digitized by PPRACHIN, SOA

ପଞ୍ଚମ ଜର୍ଜଙ୍କ ରାଜତ୍ୱର ପଚିଶବର୍ଷ ପୂରିଥିବାରୁ ବ୍ରିଟିଶ ସାମ୍ରାଜ୍ୟର ସବ୍ୱତ୍ର ରୌପ୍ୟ ଜୁବିଲି ଉତ୍ସବ ହୋଇଥିଲା । କିନ୍ତୁ ଏହି ଉତ୍ସବର ଅଳ୍ପଦିନ ପରେ ୧୯୩୬ ଜାନୁୟାରି ମାସରେ ତାଙ୍କର ମୃତ୍ୟୁ ଘଟିଲା ଓ ତାଙ୍କ ବଡ଼ ପୁଅ ଅଷ୍ଟମ ଏଡ଼ୱାର୍ଡ଼ ସିଂହାସନରେ ବସିଲେ । ବର୍ଷକ ମଧ୍ୟରେ ସେ ମଧ୍ୟ ରାଜପଦ ତ୍ୟାଗ କରିବାରୁ ତାଙ୍କ ଭାଇ ଷଷ୍ଠ ଜର୍ଜ ସିଂହାସନରେ ବସିଲେ । ଏହାଙ୍କ ସମୟରେ ନେପାଳ, ବଙ୍ଗଦେଶ ଓ ବିହାରରେ ଭୂମିକମ୍ପ ହୋଇଥିଲା ।

ଲର୍ଡ଼ ଲିନ୍‌ଲିଥ୍‌ଗୋ (୧୯୩୬-୧୯୪୩)—୧୯୩୫ ମସିହା ଭାରତ ଆଇନ ଅନୁସାରେ ପ୍ରଦେଶମାନଙ୍କରେ ଆସେମ୍ବ୍ଲି ପାଇଁ ନିର୍ବାଚନ ହେଲା । ଏଗାରଟି ପ୍ରଦେଶ ମଧ୍ୟରୁ ଆଠଟିରେ କଂଗ୍ରେସ ସଭ୍ୟମାନେ ମନ୍ତ୍ରିମଣ୍ଡଳ ଗଠନ କଲେ । ୧୯୩୯ ମସିହାରେ ଇଂରେଜ ଓ ଜର୍ମାନମଧ୍ୟରେ ଦ୍ୱିତୀୟ ମହାସମର ଆରମ୍ଭ ହେଲା । ଭାଇସରଏ ଲୋକଙ୍କ ମତ ନ ନେଇ ଭାରତକୁ ଏହି ଯୁଦ୍ଧରେ ପୂରାଇଲେ । ଏଥିରେ କଂଗ୍ରେସୀ ମନ୍ତ୍ରୀମାନେ ଇସ୍ତଫା ଦେଲେ ଓ ପୂର୍ଣ୍ଣ ସ୍ୱାଧୀନତା ପାଇଁ କଂଗ୍ରେସ ଆନ୍ଦୋଳନ କଲା । ତେଣୁ ସରକାର କଂଗ୍ରେସ

[ଲର୍ଡ଼ ଲିନ୍‌ଲିଥ୍‌ଗୋ]

ଆନ୍ଦୋଳନକୁ ଦବାଇବା ପାଇଁ ୧୯୪୨ ମସିହାରେ ନେତାମାନଙ୍କ

Digitized by PPRACHIN, SOA

ବନ୍ଦୀ କଲେ । ଏହି ସମୟରେ ଭାରତର ଜଣେ ନେତା ସୁଭାଷଚନ୍ଦ୍ର ବୋଷ ଭାରତରୁ ଖସି-ଯାଇ ଜର୍ମାନୀ ଓ ତତ୍-ପରେ ଜାପାନକୁ ଚାଲିଗଲେ । ସେଠାରେ ସେ ଗୋଟିଏ ସୈନ୍ୟ-ବାହିନୀ ଗଢ଼ି ଭାରତ ଆକ୍ରମଣର ଚେଷ୍ଟାକରି-ଥିଲେ । କିନ୍ତୁ ଏହି ଚେଷ୍ଟା ବିଫଳ ହୋଇ-ଥିଲା । ଶୁଣାଯାଏ, ସେ ୧୯୪୫ ମସିହାରେ ଗୋଟିଏ ବିମାନ ଦୁର୍ଘ-ଟଣାରେ ମରିଯାଇଅଛନ୍ତି ।

[ନେତାଜୀ ସୁଭାଷ]

ଲର୍ଡ଼ ୱାଭେଲ (୧୯୪୩-୧୯୪୭)—୧୯୪୫ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ମହାସମର ଶେଷ ହେଲା । ଭାରତୀୟମାନେ ସେତେବେଳକୁ ସ୍ୱାଧୀନତା ଲାଭ କରିବାପାଇଁ ଅସ୍ଥିର ହୋଇ ପଡ଼ିଥିଲେ । ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଭୟଙ୍କର ଦଙ୍ଗା ହେଲା । ୧୯୪୭ ମସିହାରେ ଲର୍ଡ଼ ୱାଭେଲ ବିଲାତ ଗଲେ ଓ ଲର୍ଡ଼ ମାଉଣ୍ଟବାଟେନ୍ ଭାଇସରଏ ହୋଇ ଆସିଲେ ।

ଦ୍ୱିତୀୟ ମହାସମର (୧୯୩୯-୧୯୪୫)—୧୯୩୯ ଖ୍ରୀଷ୍ଟାବ୍ଦର ସେପ୍ଟେମ୍ବର ମାସରେ ଜର୍ମାନର ଶାସକ ହିଟଲର୍ ଆଗରୁ ହୋଇଥିବା ସନ୍ଧିସର୍ତ୍ତ ଭାଙ୍ଗି ପୋଲାଣ୍ଡ ସଙ୍ଗେ ଯୁଦ୍ଧ ଆରମ୍ଭ କଲେ । ଇଂଲଣ୍ଡ ଓ

Digitized by PPRACHIN, SOA

ଫ୍ରାନ୍ସ ପୋଲାଣ୍ଡକୁ ସାହାଯ୍ୟ କଲେ । ଜର୍ମାନି ଖୁବ୍ ଶୀଘ୍ର ପୋଲାଣ୍ଡ, ନରଓ୍ୱେ, ଡେନ୍‌ମାର୍କ, ହଲଣ୍ଡ, ବେଲଜିୟମ, ଫ୍ରାନ୍ସ ପ୍ରଭୃତି ରାଜ୍ୟ ନେଇଗଲା; କିନ୍ତୁ କିଛି ଦିନ ପରେ ଜର୍ମାନୀ ନିଜେ ପରାଜିତ ହେଲା ।

ଏହି ମହାସମରରେ ବଡ଼ଲାଟ୍ ଲର୍ଡ଼ ଲିନ୍‌ଲିଥ୍‌ଗୋ ପ୍ରଦେଶର କଂଗ୍ରେସ ମନ୍ତ୍ରୀମାନଙ୍କୁ ନ ପଚାରି ଭାରତରୁ ସୈନ୍ୟସବୁ ନେଇ ଭାରତ ବାହାରକୁ ଜର୍ମାନୀ ବିରୁଦ୍ଧରେ ପଠାଇଥିଲେ । ଏଣୁ ପ୍ରଦେଶର ମନ୍ତ୍ରୀ-ମାନେ ମନ୍ତ୍ରିପଦରୁ ଇସ୍ତଫା ଦେଇଥିଲେ । ପ୍ରଦେଶମାନଙ୍କରେ ଲାଟ-ମାନେ ଶାସନ ଚଳାଇଲେ । ଭାରତୀୟମାନେ ଏତିକିବେଳେ ଭାରତରେ ସ୍ୱାଧୀନତା ଓ ଗଣତନ୍ତ୍ର ରାଜ୍ୟର ପ୍ରତିଷ୍ଠା ପାଇଁ ଇଂରେଜ ସରକାରଙ୍କ ନିକଟରେ ଦାବୀ କଲେ । ବିଲାତ ପାର୍ଲିମେଣ୍ଟରେ ଭାରତୀୟମାନଙ୍କର ଦାବୀ ଗୃହୀତ ହେଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ସେହିଦିନ ଗୋରା ସିପାହୀମାନେ ଭାରତରୁ ବିଦାୟ ନେଲେ । ଭାରତ ଦୁଇଭାଗ ହେଲା ।

(୧) ଭାରତ ରାଷ୍ଟ୍ର,
(୨) ପାକିସ୍ଥାନ ।

ଲର୍ଡ଼ ମାଉଣ୍ଟ୍‌ବାଟେନ (୧୯୪୭-୧୯୪୮)-ଲର୍ଡ଼ଓ୍ୱାଭେଲ୍‌ଙ୍କ ପରେ ଲର୍ଡ଼ମାଉଣ୍ଟ୍‌ବାଟେନ୍ ଭାରତକୁ 'ସ୍ୱାଧୀନ କର' ବୋଲି

[ଲର୍ଡ଼ ମାଉଣ୍ଟବାଟେନ୍]

ବିଲାତ ପାର୍ଲିମେଣ୍ଟକୁ ବିଶେଷ ଅନୁରୋଧ କରିଥିଲେ । ତାଙ୍କର କଥା

Digitized by PPRACHIN, SOA

ଅନୁସାରେ ଭାରତ ସ୍ୱାଧୀନ ହେଲା । ଭାରତ ସ୍ୱାଧୀନ ହେବା ପରେ ଭାରତୀୟ ନେତାମାନେ ତାଙ୍କୁ ସ୍ୱାଧୀନ ଭାରତ-ଇଉନିୟନର ବଡ଼ଲାଟ ହେବା ପାଇଁ କହିଥିଲେ । କାରଣ ସେ ଅତି ଭଲ ଶାସକ ଥିଲେ । ତାଙ୍କ ସମୟରେ ମାନ୍ୟବର ପଣ୍ଡିତ ଜବାହାରଲାଲ ନେହେରୁ ସ୍ୱାଧୀନ ଭାରତ ଇଉନିୟନର ପ୍ରଧାନ ମନ୍ତ୍ରୀ ଓ ସର୍ଦ୍ଦାର ପଟେଲ ସହକାରୀ ପ୍ରଧାନ ମନ୍ତ୍ରୀ ହୋଇଥିଲେ । ବଙ୍ଗଳାର ପୂର୍ବ ଭାଗ, ଆସାମର ଶ୍ରୀହଟ୍ଟ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଓ ପଶ୍ଚିମରେ ପଞ୍ଜାବର ପଶ୍ଚିମ ଭାଗ ଓ ସମଗ୍ର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ, ସିନ୍ଧୁ, ବେଲୁଚି ସ୍ଥାନକୁ ନେଇ ନୂତନ ପାକିସ୍ଥାନ ରାଷ୍ଟ୍ର ଗଠିତ ହେଲା । ମାନ୍ୟବର ଲିଆକତ ଅଲିଖାଁ ପାକିସ୍ଥାନ ରାଷ୍ଟ୍ରର ପ୍ରଧାନ ମନ୍ତ୍ରୀ ହୋଇଥିଲେ ଓ ମହମ୍ମଦ ଜିନ୍ନା ସେ ରାଷ୍ଟ୍ରର ବଡ଼ଲାଟ ହୋଇଥିଲେ । ୧୯୪୮ ଜାନୁୟାରୀ ମାସରେ ସର୍ଦ୍ଦାର ପଟେଲ ଦେଶୀୟ ରାଜ୍ୟଗୁଡ଼ିକୁ ଭାରତ ଇଉନିୟନ ସହିତ ମିଶାଇ ଦେଇଥିଲେ । କେବଳ ହାଇଦରାବାଦ ଏଥିରେ ଯୋଗ ଦେଇ ନ ଥିଲା ।



[ସର୍ଦ୍ଦାର ପଟେଲ]

ମହାତ୍ମାଗାନ୍ଧୀଙ୍କ ହତ୍ୟା—ନାଥୁରାମ ଗଡ଼ସେ ନାମକ ଜଣେ ଲୋକ ୧୯୪୮ ଖ୍ରୀଷ୍ଟାବ୍ଦର ଜାନୁୟାରୀ ୩୦ ତାରିଖରେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରିଥିଲା ।

୧୯୪୮ ଖ୍ରୀଷ୍ଟାବ୍ଦର ଜୁନ୍ ମାସରେ ଲର୍ଡ଼ ମାଉଣ୍ଟବାଟେନ୍ ଭାରତରୁ ବିଦାୟ ନେଇ ଯାଇଥିଲେ ।

ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ—୧୯୪୮ ମସିହା ଜୁନମାସ ୨୧ ତାରିଖରେ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ସ୍ୱାଧୀନ ଭାରତ ଇଉନିୟନ ବା ରାଷ୍ଟ୍ରର ବଡ଼ଲାଟ ହେଲେ । ସେତେବେଳେ ହାଇଦ୍ରାବାଦରେ ବିଦ୍ରୋହ ଲାଗିଥିଲା । ସେ ସୈନ୍ୟ ପଠାଇ ବିଦ୍ରୋହୀମାନଙ୍କୁ ଦମନ କଲେ ଓ ହାଇଦ୍ରାବାଦ ଭାରତ ଇଉନିୟନରେ ଯୋଗ ଦେଲା । ବିଦ୍ରୋହୀମାନଙ୍କର ନେତା କାଶିମ ରାଜଭି ବନ୍ଦୀ ହେଲେ ।

୧୯୫୦ ଖ୍ରୀଷ୍ଟାବ୍ଦର ଜାନୁୟାରୀ ୨୬ ତାରିଖରେ ଭାରତ ଗୋଟିଏ ସ୍ୱାଧୀନ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା । ତେଣୁ ନୂତନ ଶାସନ ବିଧାନ ଅନୁସାରେ ବଡ଼ଲାଟ ପଦ ଲୋପ ପାଇଲା । ଏହି ଗଣତନ୍ତ୍ର ରାଷ୍ଟ୍ରର ପ୍ରଥମ ସଭାପତି ହେଲେ କଂଗ୍ରେସ ଆନ୍ଦୋଳନର ଜଣେ ପ୍ରଧାନ ସେନାପତି ମହାମାନ୍ୟ ଡାଃ ରାଜେନ୍ଦ୍ରପ୍ରସାଦ ।

ପ୍ରଶ୍ନ

୧ । ଲର୍ଡ଼ ଚିମ୍ସଫୋର୍ଡଙ୍କ ଶାସନକାଳରେ କି କି ପ୍ରଧାନ ଘଟଣା ଘଟିଥିଲା । (ବୁଃପୃଃ ୧୯୪୭)

୨ । ନିମ୍ନଲିଖିତ ଐତିହାସିକ ଘଟଣାମାନଙ୍କର କାରଣ ଲେଖ :—

(କ) ପ୍ରଥମ ଇଉରୋପୀୟ ମହାସମର, (ଖ) ଦ୍ୱିତୀୟ ଇଉରୋପୀୟ ମହାସମର, (ଗ) ବିଶ୍ୱଜାତି ସଂଘ ଗଠନ,

Digitized by PPRACHIN, SOA

(ଘ) ଅସହଯୋଗ ଆନ୍ଦୋଳନ, (ଙ) ଗାନ୍ଧି ଇରଉଇନ ଚୁକ୍ତି ।

୭ । ସଂକ୍ଷିପ୍ତ ପରିଚୟ ଦିଅ:—

କ୍ଲାଇବ, ଅଲ୍ଲୀଖାଁ, ଚକ୍ରବର୍ତ୍ତୀ ରାଜଗୋପାଲାଚାରୀ, କାଶିମ ବାଜାର, ନାଥୁରାମ ଗଡ଼ସେ, ଲର୍ଡ଼ କ୍ଲିଟନ୍, ମଣ୍ଟେଗୁ ସାହେବ, ଭାରତର ପ୍ରଥମ ରାଜପ୍ରତିନିଧି ।

। ଶୂନ୍ୟସ୍ଥାନ ପୂରଣ କର:—

(କ) ନଅଙ୍କ ଦୁର୍ଭିକ୍ଷରେ—ଲକ୍ଷ ଲୋକ ପ୍ରାଣ ହରାଇଥିଲେ ।

(ଖ) ୧୮୮୫ ଖ୍ରୀଷ୍ଟାବ୍ଦରେ—ପ୍ରତିଷ୍ଠା ହୋଇଥିଲା ।

(ଗ) ଲର୍ଡ଼ ଓ୍ୟାଭେଲଙ୍କ ସମୟରେ—ଓ—ମଧ୍ୟରେ ଭୟଙ୍କର ଦଙ୍ଗା ହେଲା ।

—○—

ଷଷ୍ଠ ଅଧ୍ୟାୟ

ଶାସନ ପ୍ରଣାଳୀ

ସ୍ୱତନ୍ତ୍ର ଉତ୍କଳ—ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ଏହା ବଙ୍ଗଳା ସହିତ ମିଶି ଶାସିତ ହେଉଥିଲା । ଓଡ଼ିଶା ତିନୋଟି ପାଞ୍ଚଟି ଜିଲ୍ଲାରେ ବିଭକ୍ତ ଥିଲା । ୧୯୧୨ ମସିହାରେ ଏହା ବିହାର ସହିତ ମିଶିଲା ଏବଂ ପ୍ରଦେଶର ନାମ ହେଲା ବିହାର ଓ ଓଡ଼ିଶା । କେତେକ ଓଡ଼ିଆ ବଙ୍ଗଳାରେ, କେତେକ ମାନ୍ଦ୍ରାଜରେ, କେତେକ ମଧ୍ୟପ୍ରଦେଶରେ ରହିଥିବାରୁ ସେମାନେ କଷ୍ଟ ପାଉଥିଲେ । ତେଣୁ ଓଡ଼ିଆଙ୍କୁ ଗୋଟିଏ ଶାସନରେ ରଖିବା ପାଇଁ କୁଳବୃଦ୍ଧ ମଧୁସୂଦନ ଦାସ ଗୋଟିଏ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ । ତାହାର ନାମ ଉତ୍କଳ ସମ୍ମିଳନୀ । ପଣ୍ଡିତ ଗୋପବନ୍ଧୁ ଦାଶ ମଧ୍ୟ ଏ ଦିଗରେ ବହୁତ ଚେଷ୍ଟା କରିଥିଲେ । ବହୁ ଆନ୍ଦୋଳନ ଫଳରେ ୧୯୩୬ ମସିହା ଅପ୍ରେଲ ପହିଲା ତାରିଖରେ ଓଡ଼ିଶା ପ୍ରଦେଶ ଗଠିତ

Digitized by PPRACHIN, SOA

Digitized by PPRACHIN, SOA

[ପଣ୍ଡିତ ଗୋପବନ୍ଧୁ ଦାସ]

ହେଲା । ମାନ୍ଦ୍ରାଜ ଓ ମଧ୍ୟ ପ୍ରଦେଶର କେତେକ ଓଡ଼ିଆ ଭାଷୀ ଅଞ୍ଚଳ ଏହା ସହିତ ମିଶିଲା । ଏହାର ଶାସନ ପାଇଁ ଜଣେ ଲାଟ ନିଯୁକ୍ତ ହେଲେ । ଓଡ଼ିଶାର ସେ ସମୟର କମିଶନର ଜନ୍ ଅଷ୍ଟିନ୍ ହବାକ୍ ନୂତନ ଓଡ଼ିଶାର ପ୍ରଥମ ଲାଟ ହେଲେ ।

[ଶ୍ରୀ ଫଜଲ୍ ଅଲି]

୧୯୪୧ ମସିହାରେ ହବାକ୍ ସାହେବ ବିଦାୟ ନେଇଗଲେ ଓ ସାର୍ ହଥର୍ଣ୍ଣ ଲୁଇସ୍ ତାଙ୍କ ସ୍ଥାନରେ ଲାଟ ହେଲେ । ସାର୍ ଚନ୍ଦୁଲାଲ ତ୍ରିବେଦୀ ଲୁଇସ୍ ସାହେବଙ୍କର ପରବର୍ତ୍ତୀ ଲାଟ୍ । ତାଙ୍କ କାର୍ଯ୍ୟକାଳ ଶେଷ ହେବାରୁ ଡକ୍ଟର-କୈଳାସନାଥ କାଟ୍‌ଜୁ ଲାଟ ପଦରେ ନିଯୁକ୍ତ ହେଲେ । କାଟ୍‌ଜୁଙ୍କ ପରେ ଜନାବ ଆସଫ-ଅଲି ଲାଟ ହେଲେ । ସେ ଜଣେ ପ୍ରସିଦ୍ଧ କଂଗ୍ରେସକର୍ମୀ ଥିଲେ । ତାଙ୍କ ସମୟରେ ଓଡ଼ିଶାରେ ଗୋଟିଏ ହାଇକୋର୍ଟ୍ ସ୍ଥାପିତ ହେଲା । ବର୍ତ୍ତମାନ ଆମ ଏ ପ୍ରଦେଶର ଲାଟ ହେଉଛନ୍ତି ଶ୍ରୀ ଫଜଲ ଅଲି ।

Digitized by PPRACHIN, SOA

ଓଡ଼ିଶାର ଶାସନ ପ୍ରଣାଳୀ

[ଶ୍ରୀ ବିଶ୍ୱନାଥ ଦାସ]

—୧୯୩୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ କଂଗ୍ରେସ ମନ୍ତ୍ରି-ମଣ୍ଡଳ ଗଢ଼ାହେଲା । କିନ୍ତୁ ୧୯୩୯ରେ କଂଗ୍ରେସର ଆଦେଶରେ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲେ । ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଏହି ମନ୍ତ୍ରି-ମଣ୍ଡଳର ମୁଖ୍ୟ ଥିଲେ । ୧୯୪୧ ଖ୍ରୀଷ୍ଟାବ୍ଦରେ ପାରଳାର ମହାରାଜାଙ୍କ ନେତୃତ୍ୱରେ ଗୋଟିଏ ମନ୍ତ୍ରିମଣ୍ଡଳ ଗଢ଼ାଯାଇ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ରହିଥିଲା । ଏହି ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ହୋଇଥିଲା । ପୁଣି ୧୯୪୬ ଖ୍ରୀଷ୍ଟାବ୍ଦରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଢ଼ା ହେଲା । ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଏଥିରେ ପ୍ରଧାନ ମନ୍ତ୍ରୀ ଥିଲେ । ତାଙ୍କ ସମୟରେ ଓଡ଼ିଶାରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ କରାଯାଇ ଥିଲା । ସେଥିମଧ୍ୟରେ ସମ୍ବଲପୁର ହୀରାକୁଦ ବନ୍ଧ, କୋରାପୁଟର ଡୁଡୁମା ଜଳବିଦ୍ୟୁତ ଯୋଜନା,

[ଶ୍ରୀ ହରେକୃଷ୍ଣ ମହତାବ]

Digitized by PPRACHIN, SOA

ଭୁବନେଶ୍ୱରଠାରେ ରାଜଧାନୀ ନିର୍ମାଣ କାର୍ଯ୍ୟ ପ୍ରଧାନ । ଗଡ଼ଜାତ-ମାନଙ୍କୁ ପ୍ରଦେଶ ସହିତ ମିଶାଇବା କାର୍ଯ୍ୟରେ ଭାରତର ସେ ସମୟର ସହକାରୀ ମନ୍ତ୍ରୀ ସ୍ୱର୍ଗୀୟ ବଲ୍ଲଭଭାଇ ପଟେଲଙ୍କୁ ଶ୍ରୀଯୁକ୍ତ ମହତାବ ମଧ୍ୟେଷ୍ଟ ସାହାଯ୍ୟ କରିଥିଲେ । ୧୯୪୮ ମସିହାରେ ମୟୂରଭଞ୍ଜ ଛଡ଼ା ଅନ୍ୟ ଗଡ଼ଜାତସବୁ ଓଡ଼ିଶାରେ ମିଶିଲା । ୧୯୪୯ ମସିହାରେ ମୟୂରଭଞ୍ଜ ମଧ୍ୟ ଓଡ଼ିଶାରେ ମିଶିଲା ।

[ଶ୍ରୀ ନବକୃଷ୍ଣ ଚୌଧୁରୀ]

ଭାରତ ସ୍ୱାଧୀନତା ପାଇବା ପରେ ଯେଉଁ ସାଧାରଣନିର୍ବାଚନହେଲା ସେଥିରେ କଂଗ୍ରେସ ଦଳ ସଂଖ୍ୟାଧିକ ହୋଇ ମନ୍ତ୍ରି-ମଣ୍ଡଳ ଗଠନ କଲେ । ଶ୍ରୀଯୁକ୍ତ ନବକୃଷ୍ଣଚୌଧୁରୀ ବର୍ତ୍ତମାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଓଡ଼ିଶା-ମନ୍ତ୍ରିମଣ୍ଡଳରେ ଛଅଜଣ ମନ୍ତ୍ରୀ ଓ ସାତଜଣ ଉପ-ମନ୍ତ୍ରୀ ଅଛନ୍ତି ।

ଭାରତର ଶାସନ ପ୍ରଣାଳୀ—ଗଣତନ୍ତ୍ର ଭାରତ ରାଷ୍ଟ୍ର କେତେଗୁଡ଼ିଏ ଷ୍ଟେଟ ବା ପ୍ରଦେଶ ଯୋଗେ ଗଠିତ । ଏମାନଙ୍କ ମଧ୍ୟରୁ ବଙ୍ଗଳା, ବମ୍ବେଇ, ଓଡ଼ିଶା ପ୍ରଭୃତି ନଅଟି ପ୍ରଦେଶରେ ଗଭର୍ଣ୍ଣର ବା ଲାଟମାନେ ମନ୍ତ୍ରିମଣ୍ଡଳ ସାହାଯ୍ୟରେ ଶାସନ ଚଳାନ୍ତି ।

Digitized by PPRACHIN, SOA

ଦର୍ଲ୍ଲୀ, ଆଜମିର, ଭୋପାଲ ପ୍ରଭୃତି କେତୋଟି ଛୋଟ ପ୍ରଦେଶ ଚିଫ୍ କମିଶନରମାନଙ୍କ ଶାସନାଧୀନ ଅଛି । ପୂର୍ବେ ଯେଉଁ ସବୁ ରାଜ୍ୟ ଦେଶୀୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା, ସେମାନଙ୍କୁ ମିଶାଇ ଆଠଟି ଇଉନିୟନ ଗଢ଼ା ଯାଇଅଛି । ପ୍ରତ୍ୟେକ ଇଉନିୟନରେ ଜଣେ ଲେଖାଏଁ ରାଜପ୍ରମୁଖ ଥାଆନ୍ତି । ସେ ଇଉନିୟନର ସର୍ବୋଚ୍ଚ ଶାସନକର୍ତ୍ତା ଅଟନ୍ତି । ପ୍ରଦେଶ ଓ ଇଉନିୟନମାନଙ୍କ ଛଡ଼ା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦୁଇଟି ମଧ୍ୟ ଭାରତ ସରକାରଙ୍କ ଅଧୀନ ଅଛି ।

[ରାଜେନ୍ଦ୍ରପ୍ରସାଦ]

ଭାରତ ସ୍ୱାଧୀନ ହେବା ପରେ ନୂଆ ଶାସନ ବିଧାନ ତିଆରି ହୋଇଅଛି । ଗଣତନ୍ତ୍ର ଭାରତର ପ୍ରଧାନ ଶାସକ ହେଉଛନ୍ତି ସଭାପତି । ଡକ୍ଟର ରାଜେନ୍ଦ୍ରପ୍ରସାଦ ଏବେ ଭାରତର ସଭାପତି ଏବଂ ସାର୍

ସର୍ବପଲ୍ଲୀ ରାଧାକୃଷ୍ଣନ୍ ସହକାରୀ ରାଷ୍ଟ୍ରପତି ଅଛନ୍ତି । ଶାସନ ଚଳାଇବା ପାଇଁ ଗୋଟିଏ ମନ୍ତ୍ରିମଣ୍ଡଳ ଅଛି । ପଣ୍ଡିତ ଜବାହାରଲାଲ ନେହେରୁ ଏହି ମନ୍ତ୍ରିମଣ୍ଡଳର ମୁଖ୍ୟ ଅଟନ୍ତି । ଭାରତ ପାର୍ଲିମେଣ୍ଟରେ ନିର୍ବାଚିତ ପ୍ରତିନିଧିମାନେ ବସି ସମଗ୍ର ଭାରତ ପାଇଁ ଆଇନ ତିଆରି କରନ୍ତି ଓ ଶାସନ ପାଇଁ ଆୟବ୍ୟୟର ବ୍ୟବସ୍ଥା କରନ୍ତି । ଶାସନର ସୁବିଧା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, କୃଷି, ଆଇନ ପ୍ରଭୃତି ବିଭାଗ ଜଣେ ଜଣେ ମନ୍ତ୍ରୀଙ୍କ ଅଧୀନରେ ଥାଏ ।

[ଶ୍ରୀ ଜବାହାରଲାଲ]

ସ୍ୱାୟତ୍ତ ଶାସନ

ଜିଲ୍ଲା ବୋର୍ଡ଼—ଇଂରେଜଙ୍କ ଅମଳରେ ଶାସନ କାର୍ଯ୍ୟରେ ଲୋକମାନଙ୍କୁ ଅଧିକାର ଦେବା ପାଇଁ ଲର୍ଡ଼ ରିପନ୍ ଭାରତରେ ଜିଲ୍ଲାବୋର୍ଡ଼ ବସାଇଥିଲେ । ପ୍ରଥମେ ସରକାର ଜିଲ୍ଲା ବୋର୍ଡ଼ର ସଭ୍ୟମାନଙ୍କୁ ମନୋନୀତ କରୁଥିଲେ । କିନ୍ତୁ ଆଜିକାଲି ପ୍ରାୟ ସବୁ ସଭ୍ୟ ଲୋକସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଚେୟାରମାନ ଓ ଜଣେ ଭାଇସ୍-ଚେୟାରମାନ୍ ଏହି ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଓ ପୂର୍ତ୍ତ ବିଭାଗ କାର୍ଯ୍ୟ

Digitized by PPRACHIN, SOA

ବୁଝନ୍ତି । ଜିଲାବୋର୍ଡ଼ର ସଭ୍ୟମାନେ କୌଣସି ବେତନ ନିଅନ୍ତି ନାହିଁ ।

ଜିଲାର ମଫସଲ ଅଞ୍ଚଳରେ ବାଳକ ବାଳିକାମାନଙ୍କ ପାଇଁ ପ୍ରାଥମିକ ଓ ମଧ୍ୟ ବିଦ୍ୟାଳୟମାନ ଜିଲାବୋର୍ଡ଼ ଦ୍ୱାରା ପରିଚାଳିତ ହୁଏ । କେତେକ ହାଇସ୍କୁଲ ମଧ୍ୟ ଜିଲାବୋର୍ଡ଼ ଚଳାଇଥାନ୍ତି । ଜିଲାମଧ୍ୟରେ ଥିବା ସଡ଼କସବୁ ମରାମତି କରିବା ଓ ନୂଆ ସଡ଼କ ତିଆରି କରିବା ଜିଲାବୋର୍ଡ଼ର କାର୍ଯ୍ୟ । ଗ୍ରାମମାନଙ୍କରେ ପୋଖରୀ, କୂଅ ପ୍ରଭୃତି ଖୋଳାଇବା ଜିଲାବୋର୍ଡ଼ର କାର୍ଯ୍ୟର ଅନ୍ତର୍ଗତ । ମଫସଲର ଲୋକଙ୍କ ପାଇଁ ଜିଲାବୋର୍ଡ଼ ତରଫରୁ ଡାକ୍ତରୀ, କବିରାଜୀ ଓ ହୋମିଓପାଥିକ ଡାକ୍ତରଖାନାମାନ ଖୋଲା ଯାଇଥାଏ ।

ଏହିସବୁ କାମ ଚଳାଇବା ପାଇଁ ଜିଲାବୋର୍ଡ଼କୁ ଅନେକ ଟଙ୍କା ଖରଚ କରିବାକୁ ପଡ଼େ । ସରକାର ପଥକର ବାବଦରେ ଯେଉଁ ଟଙ୍କା ଆଦାୟ କରିଥାନ୍ତି ତାକୁ ଜିଲାବୋର୍ଡ଼କୁ ଦିଅନ୍ତି । ଜିଲାରେ ଥିବା ନଈ, ଘାଟ ଓ କାଇନ୍ ହାଉସ ପ୍ରଭୃତିରୁ ଜିଲା ବୋର୍ଡ଼ର କିଛି ଆୟ ହୁଏ । ଏହା ଛଡ଼ା ସରକାର ପ୍ରତି ଜିଲା ବୋର୍ଡ଼କୁ ଅର୍ଥ ସାହାଯ୍ୟ କରିଥାନ୍ତି ।

ଲୋକାଲ୍ ବୋର୍ଡ଼—ଜିଲାର ପ୍ରତି ସବ୍‌ଡିଭିଜନ ପାଇଁ ଗୋଟିଏ ଲେଖାଏଁ ଲୋକାଲ ବୋର୍ଡ଼ ଥାଏ । ସବ୍‌ଡିଭିଜନରୁ ଜିଲା ବୋର୍ଡ଼ରେ ଥିବା ସଭ୍ୟ ଓ କେତେକ ମନୋନୀତ ସଭ୍ୟଙ୍କୁ ନେଇ ଲୋକାଲ ବୋର୍ଡ଼ ଗଠିତ ହୋଇଥାଏ । ପ୍ରତି ଲୋକାଲ ବୋର୍ଡ଼ରେ ଜଣେ ଚେୟାରମାନ୍ ଓ ଜଣେ ଭାଇସ୍-ଚେୟାରମାନ୍ ଥାନ୍ତି ।

ଲୋକାଲ୍ ବୋର୍ଡ଼ଗୁଡ଼ିକ ଜିଲାବୋର୍ଡ଼ ଅଧୀନରେ ଚଳନ୍ତି । ଏମାନଙ୍କର ନିଜର କିଛି ଆୟ ନ ଥାଏ । ଜିଲାବୋର୍ଡ଼ ଲୋକାଲ୍ ବୋର୍ଡ଼ ହାତରେ ଯେଉଁ ଟଙ୍କା ଦିଏ ସେଥିରେ ଲୋକାଲ ବୋର୍ଡ଼

Digitized by PPRACHIN, SOA

ପ୍ରାଥମିକ ବିଦ୍ୟାଳୟ ପ୍ରଭୃତି ଚଳାଏ; କୂଅ, ପୋଖରୀ ପ୍ରଭୃତି ଖୋଳାଏ ବା ମରାମତି କରାଏ ।

ମ୍ୟୁନିସିପାଲିଟି—ବମ୍ବେଇ, କଲିକତା ପ୍ରଭୃତି ବଡ଼ ବଡ଼ ସହରମାନଙ୍କରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଆଦି ବିଷୟ ବୁଝିବା ପାଇଁ ଯେଉଁ ସଭା ଥାଏ ତାହାକୁ କର୍ପୋରେଶନ କୁହାଯାଏ ଏବଂ କର୍ପୋରେଶନର ମୁଖ୍ୟ ପଦାଧିକାରୀଙ୍କୁ ମେୟର କୁହାଯାଏ । ଅନ୍ୟାନ୍ୟ ସହରମାନଙ୍କରେ ଏହିସବୁ ବିଷୟ ବୁଝିବା ପାଇଁ ଯେଉଁ ସଭା ଥାଏ, ତାହାକୁ ମ୍ୟୁନିସିପାଲିଟି କହନ୍ତି । ମ୍ୟୁନିସିପାଲିଟିର ସଭ୍ୟମାନଙ୍କୁ କମିଶନର ବୋଲାଯାଏ । ସହରର ବାସିନ୍ଦାମାନେ ଭୋଟ ଦେଇ ନିଜମଧ୍ୟରୁ କମିଶନରମାନଙ୍କୁ ବାଛନ୍ତି । ସଭ୍ୟମାନଙ୍କ ମଧ୍ୟରୁ ଜଣେ ଚେୟାରମାନ୍ ଓ ଜଣେ ଭାଇସ-ଚେୟାରମାନ୍ ନିର୍ବାଚିତ ହୁଅନ୍ତି । ସେମାନେ ମ୍ୟୁନିସିପାଲିଟିର ସମସ୍ତ ହାଲ ବୁଝନ୍ତି ।

ସହରର ରାସ୍ତାସବୁ ମରାମତି କରିବା, ନୂଆ ରାସ୍ତା ତିଆରି କରିବା, ପାଇଖାନା ନର୍ଦ୍ଦମା ପ୍ରଭୃତି ସଫା କରାଇବା, ରାସ୍ତାରେ ଆଲୁଅ ଦେବା, ଲୋକଙ୍କୁ ଭଲ ପିଇବା ପାଣି ଯୋଗାଇବା, ରୋଗୀମାନଙ୍କ ପାଇଁ ଡାକ୍ତରଖାନା ଚଳାଇବା—ଏସବୁ ମ୍ୟୁନିସିପାଲିଟିର କାର୍ଯ୍ୟ । ସହରରେ ଥିବା ପ୍ରାଥମିକ ଓ ମଧ୍ୟବିଦ୍ୟାଳୟଗୁଡ଼ିକ ମ୍ୟୁନିସିପାଲିଟି ଦ୍ୱାରା ଚଳେ । ମୋଟ ଉପରେ ଡିଷ୍ଟ୍ରିକ୍ଟବୋର୍ଡ ଓ ଲୋକାଲବୋର୍ଡ ମଫସଲ ଅଞ୍ଚଳ ପାଇଁ ଯେଉଁସବୁ କାମ କରନ୍ତି, ମ୍ୟୁନିସିପାଲିଟି ସହର ପାଇଁ ସେହିସବୁ କାମ କରେ ।

ସହରରେ ରହୁଥିବା ଲୋକେ ଘର ଓ ପାଇଖାନା ପାଇଁ ମ୍ୟୁନିସିପାଲିଟିକୁ ଟିକସ ଦିଅନ୍ତି । ସହରରେ ଚାଲୁଥିବା ଘୋଡ଼ାଗାଡ଼ି, ସାଇକେଲ, ରିକ୍ସା ପ୍ରଭୃତିରୁ ମ୍ୟୁନିସିପାଲିଟି କିଛି ଫିସ୍

Digitized by PPRACHIN, SOA

ଆଦାୟ କରନ୍ତି । ସରକାର ମଧ୍ୟ ମ୍ୟୁନିସିପାଲିଟିକୁ ପ୍ରତିବର୍ଷ କିଛି ଅର୍ଥ ସାହାଯ୍ୟ କରିଥାନ୍ତି । ଏହିସବୁ ଆୟରୁ ମ୍ୟୁନିସିପାଲିଟି ଚଳେ ।

ଇଉନିୟନ ବୋର୍ଡ଼—କେତେକ ବଡ଼ ବଡ଼ ସହରତଳି ଗାଁ ମିଶି ଇଉନିୟନ ବୋର୍ଡ଼ ଗଢ଼ା ହୋଇଥାଏ । ଏହି ଗାଁର ଲୋକେ ଇଉନିୟନ ବୋର୍ଡ଼ର ମେମ୍ବରମାନଙ୍କୁ ବାଛନ୍ତି । ଜିଲ୍ଲା ବୋର୍ଡ଼ ମଧ୍ୟ କେତେକ ନିର୍ବାଚିତ ମେମ୍ବରଙ୍କୁ ଇଉନିୟନ ବୋର୍ଡ଼କୁ ପଠାନ୍ତି । ମେମ୍ବରମାନଙ୍କ ମଧ୍ୟରୁ ଜଣେ ସଭାପତି ଓ ଜଣେ ଉପ-ସଭାପତି ହୁଅନ୍ତି । ଇଉନିୟନ ବୋର୍ଡ଼ ତାର ଅଧୀନରେ ଥିବା ଗ୍ରାମମାନଙ୍କରେ ଆଲୁଅ ଦେବା, ପାଇଖାନା ଆଦିର ତଦ୍ଵି ନେବା, ପ୍ରାଥମିକ ବିଦ୍ୟାଳୟମାନଙ୍କୁ ଚଳାଇବା, ରାସ୍ତା ଘାଟ ପରିଷ୍କାର ରଖାଇବା, ସଂକ୍ରାମକ ରୋଗ ହେଲେ ତାହାର ପ୍ରତିଷେଧ ବ୍ୟବସ୍ଥା କରିବା ପ୍ରଭୃତି କାର୍ଯ୍ୟ କରେ । ସମୟ ସମୟରେ ଏହି ବୋର୍ଡ଼ର ସଭାପତି ଏହା ଅଧୀନସ୍ଥ ଗ୍ରାମମାନଙ୍କରେ ଘଟୁଥିବା ଛୋଟ ଛୋଟ ମାଲି ମକଦ୍ଦମା ନିଷ୍ପତ୍ତି କରିଦିଅନ୍ତି ଓ ମାଜିଷ୍ଟ୍ରେଟଙ୍କୁ ଜଣାନ୍ତି ।

ଇଉନିୟନ ବୋର୍ଡ଼ ଇଉନିୟନରେ ଥିବା ଗ୍ରାମବାସୀଙ୍କଠାରୁ ଟିକସ ଆଦାୟ କରନ୍ତି । ଜିଲ୍ଲାବୋର୍ଡ଼ଠାରୁ ଇଉନିୟନ ବୋର୍ଡ଼କୁ ମଧ୍ୟ କିଛି ସାହାଯ୍ୟ ମିଳେ । ଏହି ଆୟରୁ ଇଉନିୟନ ମଧ୍ୟରେ ଥିବା ଥାନାମାନଙ୍କର ଦଫାଦାର, ଚୌକିଦାର ଓ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଦରମା ପାଆନ୍ତି । ଗ୍ରାମ ସଫେଇ, ଆଲୁଅ ଦେବା ଖରଚ ମଧ୍ୟ ଏଥିରୁ ଚଳେ ।

ଇଉନିୟନ ପଞ୍ଚାୟତ—ଅଧିକାଂଶ ଗ୍ରାମରେ ଇଉନିୟନ ପଞ୍ଚାୟତ ବୋର୍ଡ଼ ରହିଥାଏ । ଏଥିରେ ପାଞ୍ଚଜଣ ମେମ୍ବର ଥାନ୍ତି । ଏମାନଙ୍କୁ ଲୋକଙ୍କ ମତ ଅନୁସାରେ ସବ୍‌ଡିଭିଜନାଲ ଅଫିସର

Digitized by PPRACHIN, SOA

ନିଯୁକ୍ତ କରନ୍ତି । ପାଞ୍ଚ ଜଣ ମେମ୍ବରଙ୍କ ମଧ୍ୟରୁ ଜଣେ ପ୍ରେସିଡେଣ୍ଟ ବା ସଭାପତି ଏବଂ ଅନ୍ୟ ଚାରି ଜଣ ସାଧାରଣ ମେମ୍ବର ଭାବରେ ରହନ୍ତି । ତହସିଲ ପଞ୍ଚାୟତ ଟିକସ ଆଦାୟ କରନ୍ତି ।

ସଭାପତି ଜିଲା ମାଜିଷ୍ଟ୍ରେଟଙ୍କ ଆଦେଶାନୁସାରେ ଇଉନିୟନରେ ଥିବା ଛୋଟ ଛୋଟ ମକଦ୍ଦମା ମୀମାଂସା କରି ମାଜିଷ୍ଟ୍ରେଟଙ୍କୁ ଜଣାନ୍ତି । ଇଉନିୟନରେ ଜନ୍ମ, ମୃତ୍ୟୁ ବିଷୟର ତତ୍ତ୍ୱ ମଧ୍ୟ ନିଅନ୍ତି ।

ସମବାୟ ସମିତ—ଆଗେ ଗ୍ରାମମାନଙ୍କରେ ମହାଜନମାନେ ବେଶୀ ସୁଧରେ ଗରିବ କୃଷୀମାନଙ୍କୁ ଟଙ୍କା କରଜ ଦେଇ ସେମାନଙ୍କର ଜମି, ବାଡ଼ି ନେଇ ଯାଉଥିଲେ । ଏଥିପାଇଁ ବ୍ରିଟିଶ ସରକାର ଗ୍ରାମମାନଙ୍କରେ ସମବାୟ ସମିତ ବସାଇବା ପାଇଁ ଠିକ୍ କରିଥିଲେ । ଏହି ସମବାୟ ସମିତ ଯେଉଁ ଗ୍ରାମରେ ପ୍ରତିଷ୍ଠା ହେବ, ସେହି ଗ୍ରାମରୁ ୧୦ ଜଣରୁ ଊର୍ଦ୍ଧ୍ୱ ମେମ୍ବର ରହିବେ । ସେମାନେ ପ୍ରଥମେ ସମବାୟ ସମିତର ରେଜିଷ୍ଟ୍ରାରଙ୍କ ପାଖକୁ ଦରଖାସ୍ତ କରି ସମିତ ସ୍ଥାପନ କରିବା ପାଇଁ ମଞ୍ଜୁର ପାଇବେ । ଏହି ସମିତର ଇନ୍‌ସ୍‌ପେକ୍ଟରମାନେ ଉକ୍ତ ଗ୍ରାମକୁ ଯାଇ ମେମ୍ବରମାନଙ୍କର ସମ୍ମତି କେନ୍ଦ୍ରବ୍ୟାଙ୍କକୁ ରେଜିଷ୍ଟ୍ରି କରାଇବେ । ତା ପରେ ଅଳ୍ପ ସୁଧରେ ସମିତର ମେମ୍ବରମାନଙ୍କୁ କେନ୍ଦ୍ରବ୍ୟାଙ୍କରୁ ଟଙ୍କା କରଜ ଦିଆଯିବ । ଏହି ଟଙ୍କା କିସ୍ତି ଅନୁସାରେ ଶୁଝିବାକୁ ପଡ଼ିବ । ଏହାଦ୍ୱାରା କୃଷୀମାନେ ଟଙ୍କା କରଜ ନେଇ ନିଜ ନିଜ ଅଞ୍ଚଳର ଉନ୍ନତି କରିଥାନ୍ତି ।

ପ୍ରଶ୍ନ

୧ । ସମବାୟ ଋଣ ସମିତମାନ ସ୍ଥାପିତ ହେବାଦ୍ୱାରା ତୁମ୍ଭ ଦେଶର ଲୋକମାନେ କିପରି ଭାବରେ ଉପକୃତ ହୋଇଛନ୍ତି ଲେଖ । (ବୃଃପ୍ରଃ ୧୯୪୨)

Digitized by PPRACHIN, SOA

୨ । ତୁମ୍ଭେ ଗୋଟିଏ ମ୍ୟୁନିସିପାଲିଟିର ସଭାପତି ନିର୍ବାଚିତ ହେଲ, ତୁମ୍ଭଙ୍କୁ କି କି କାର୍ଯ୍ୟ କରିବାକୁ ହେବ ଲେଖ ।(ବୃ:ପ:୧୯୪୨)

୩ । ତୁମ୍ଭେ ନିଜକୁ ଡିଷ୍ଟ୍ରିକ୍ଟବୋର୍ଡ଼ର ଚେୟାରମ୍ୟାନ୍ ମନେକରି ତାହାର କାର୍ଯ୍ୟକଳାପ ଚଳାଇବ ଲେଖ । (ବୃ:ପ: ୧୯୪୩)

୪ । ସମବାୟ ସମିତି କହିଲେ କଅଣ ବୁଝାଏ ? ଉହାଦ୍ୱାରା ଲୋକମାନଙ୍କର କି କି ଉପକାର ସାଧିତ ହୁଏ ? (ବୃ:ପ:୧୯୪୫)

୫ । ଲୋକାଲବୋର୍ଡ଼ ଓ ୟୁନିୟନ ପଞ୍ଚାୟତ ବୋର୍ଡ଼ କହିଲେ କଅଣ ବୁଝ ? ପ୍ରତ୍ୟେକର କାର୍ଯ୍ୟ କଣ ?

୬ । ଭାରତର ଶାସନ ପ୍ରଣାଳୀ ବର୍ଣ୍ଣନ କର ।

୭ । ଶୂନ୍ୟସ୍ଥାନ ପୂରଣ କର:—

(କ)— ଭାରତରେ ସ୍ୱାୟତ୍ତ ଶାସନ ପ୍ରତିଷ୍ଠା କରିଥିଲେ ।

(ଖ) ——–ଭାରତ ମନ୍ତ୍ରିମଣ୍ଡଳର ମୁଖ୍ୟ ଅଟନ୍ତି ।

(ଗ) ଓଡ଼ିଶା ମନ୍ତ୍ରିମଣ୍ଡଳରେ ବର୍ତ୍ତମାନ——ମନ୍ତ୍ରୀ ଓ ——ଉପମନ୍ତ୍ରୀ ଅଛନ୍ତି ।

(ଘ) ଭାରତ ଇଉନିୟନର ରାଷ୍ଟ୍ରପତିଙ୍କ ନାମ——।

ମୁଦ୍ରାକର—ଶ୍ରୀ ବନମାଳୀ ମିଶ୍ର, ଏମ୍. ଏ., ନବଭାରତ ପ୍ରେସ,
କଟକ—୧୯୫୩

Digitized by PPRACHIN, SOA

ଷ୍ଟୋର୍ସ ରଙ୍ଗିନ୍ ହ୍ୟାଣ୍ଡ ମ୍ୟାପ୍

ଭାରତବର୍ଷ, ଓଡ଼ିଶା ଓ ପ୍ରତି ଜିଲ୍ଲାର ସ୍ୱତନ୍ତ୍ର ଭାବେ ସମ ଆକାରରେ ବିଭିନ୍ନ ରଙ୍ଗରେ ମୁଦ୍ରିତ । ରାଜନୈତିକ ଓ ଭୌଗଳିକ ବିବରଣୀରେ ଭାରାକ୍ରାନ୍ତ । ଓଡ଼ିଆରେ ସର୍ବପ୍ରଥମ ଓ ଅଦ୍ୱିତୀୟ । ପ୍ରତ୍ୟେକର ମୂଲ୍ୟ ଛ'ଅଣା ।

(୧) ଓଡ଼ିଶା (୨) ଭାରତବର୍ଷ (୩) ପୁରୀଜିଲା,
(୪) ଗଞ୍ଜାମ (୫) କୋରାପୁଟ (୬) ବାଲେଶ୍ୱର
(୭) ମୟୂରଭଞ୍ଜ (୮) ଢେଙ୍କାନାଳ (୯) ସମ୍ବଲପୁର
(୧୦) କଟକ (୧୧) କଳାହାଣ୍ଡି (୧୨) କେନ୍ଦୁଝର
(୧୩) ବୌଦ୍ଧ-ଫୁଲବାଣୀ (୧୪) ବଲାଙ୍ଗୀର ପାଟଣା
(୧୫) ସୁନ୍ଦରଗଡ଼

Digitized by PPRACHIN, SOA



Digitized by PPRACHIN, SOA